
ତୃଉସ-18

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


❋ ଚତୁର୍ଥ ପୁଷ୍ପ ❋ ପଞ୍ଚମ ପାଖୁଡ଼ା ❋ ଅଷ୍ଟାଦଶ ସଂଖ୍ୟା ❋

ସଂପାଦକ : କେଶବଦାସ ବୃନ୍ଦାବନ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ଦ୍ୱିଚତ୍ୱାରିଂଶତ୍ ❋ ଆରଣ୍ୟକ ମାସ ❋ ଦେବସ୍ନାନ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଚତୁର୍ଥ ପୁଷ୍ପ ❋

ପଞ୍ଚମ ପାଖୁଡ଼ା

ଅଷ୍ଟାଦଶ ସଂଖ୍ୟା

ପୁନଃମୁଦ୍ରଣ-୨୦୧୧

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ବିଷୟ ପୃଷ୍ଠାଙ୍କ


**ଅରୁଣ ସ୍ତମ୍ଭ**

ମଙ୍ଗଳାଚରଣ ୧
ଶ୍ରୀପଦ ପାଦୁକା ବନ୍ଦନା ୧

**ସିଂହଦ୍ୱାର**

ଅଭିଳାଷ ୨
ଆଶୀର୍ବଚନ ୩

**ମୁଖଶାଳା**

ସଂପାଦକୀୟ ୪
ଚରମରେ ଚିନ୍ତନ : ଏ ପାଖୁଡ଼ାରେ ୬

**ଶ୍ରୀମନ୍ଦିର**

ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ ୮
ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) : ୯
ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନାରୁ : ମୋହ ୧୧

**ଗରୁଡ ସ୍ତମ୍ଭ**

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ୧୩
ବାଲ୍ୟକାଳୁ ଧର୍ମଧନ ସଞ୍ଚିବି
ମୋହନ ବଂଶୀ ୧୬
ଉତ୍ତିଷ୍ଠତଃ ! ଜାଗ୍ରତଃ !! ୧୯
ଜିଜ୍ଞାସା : ଜିଜ୍ଞାସୁ : ୨୨

**ରତ୍ନବେଦୀ**

ସମ୍ଭବାମି ଯୁଗେ ଯୁଗେ ୨୫
କଲ୍ୟାଣ ହେଉ ତୋତେ ୨୯
କେଶବ କୈବଲ୍ୟ କଣିକା ୩୧
ପୁରାଣରୁ ଗଳ୍ପାଂଶର ମୀମାଂସା ଖଣ୍ଡ ୩୩
ଶିକ୍ଷକଙ୍କ : ପଞ୍ଚଦଶ ନିର୍ଦ୍ଦେଶର ସରଳ ବ୍ୟାଖ୍ୟା ୩୬

**ନୀଳଚକ୍ର**

'ଚରମ'ର ସଂକେତ ୩୯
ଶ୍ରୀଶ୍ରୀଠାକୁରଙ୍କର ସ୍ମାରକଦର୍ଶନ ୪୧
ଆଶ୍ରମ ସନ୍ଦେଶ ୪୨
ଚରମ ପାଠକ/ପାଠିକା ମାନଙ୍କୁ ସୂଚନା ୪୬


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ।



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ର ପ୍ରଜ୍ଞା ।।

# ଅନୁଶୀଳନ



ମଙ୍ଗଳାଚରଣ

ଯୋଽଯଂ ଶ୍ରୀଜଗରିଆ ତଟାନ୍ତ ପୁଳିନେ ରାଜତେ ତୁ କେଶବଃ
ସୋଽୟଂ ତତ୍ରସଦା ବିଲାସ ବିଲସତ୍ ଦେବୋ ପୁରୁଷୋତ୍ତମଃ ।
ଭାଲେ ଚନ୍ଦନ ଚର୍ଚ୍ଚିତ ସୁଶୋଭିତ ସର୍ବୈ ବେଦୈଃ ସୁହୃଦି
ନିର୍ମାୟ ନିଗମ ସ୍ୱୟଂଭୂ ତନୋ ତୁ ସ୍ୱଧର୍ମ କାର୍ଯ୍ୟେ ସଦା ॥

## ଶ୍ରୀ ପଦ ପାଦୁକା ବନ୍ଦନା

ଶ୍ରୀପଦ ଶ୍ରୀପାଦୁକାର ଅପୂର୍ବ ମହିମା ।
ସ୍ଥୂଳଭାବେ କିଏ ସ୍ପର୍ଶିପାରେ ତା'ର ସୀମା ॥୧॥
କେଉଁ ସିଦ୍ଧିବିଭୂତି ରହିଛି ପାଦୁକାରେ ।
ଜାଣିବାକୁ ଭୂମଣ୍ଡଳେ ବଳ ନାହିଁ କାରେ ॥୨॥
ତୁମେ ସିନା ଜାଣ ଏକା ତୁମରି ଶକତି ।
ଆଉକା'ର ସାଧ୍ୟଅଛି ମାପିବ ମୁକତି ॥୩॥
ତ୍ରେତୟାରେ ତ୍ୟାଗ କରି ଭାବିଥିଲ ମନେ ।
ଦ୍ୱାପରରେ ଭୋଗ କରି ରହିବ ମଉନେ ॥୪॥
ପୂର୍ଣ୍ଣ କରି ନପାରିଲ ଆପଣା କଳ୍ପନା ।
ଉଡ଼ାଇଲ ଯେଣୁ ପ୍ରଭୁ, ଆର୍ତ୍ତତ୍ରାଣ ବାନା ॥୫॥
ବିଶ୍ୱପତି ହୋଇ ସ୍ୱାମୀ ସର୍ବ ତ୍ୟାଗ କଲ ।
ରାଜ୍ୟ, ରାଜସିଂହାସନ ତୁଚ୍ଛ କରିଦେଲ ॥୬॥
ସନ୍ତାନର ଦୁଃଖ କେବେ ସହି ନପାରିବ ।
ଯୁଗେ ଯୁଗେ ତୁମ ଭୋଗଯୋଗ ନ ଆସିବ ॥୭॥
କଳ୍କୀର ସଂହାରୁ ବୀଜ ସାଇତି ନେବାକୁ ।
ଯାତନାକୁ ସାଥିକରି ଆସିଛ ଧରାକୁ ॥୮॥
ଶାନ୍ତିର କପୋତ ସାଜି ମଉନେ ବସିଛ ।
ଶ୍ରଦ୍ଧାରେ ଚରମ ସୂତ୍ର ପାଦରେ ରଖିଛ ॥୯॥
ସୂକ୍ଷ୍ମରେ ଗୋପନେ ପ୍ରଭୁ କରୁଅଛ ଲୀଳା ।
ମୂଢ଼ ଜୀବ ବୁଝି ନ ପାରଇ ତୁମ ଖେଳା ॥୧୦॥
ଲୀଳା ଫାଶେ ବାନ୍ଧି ପ୍ରଭୁ ଏ ଜୀବ କୁଳକୁ ।
ଖେଳାଉଛ ଇଚ୍ଛାମତେ ଅନ୍ତିମ ବେଳକୁ ॥୧୧॥
କରି କରାଉଛ ସବୁ ଅନ୍ତରେ ବାହାରେ ।
ବାନ୍ଧିରଖି ଜୀବକୁଳେ ମୋହିନୀ ମାୟାରେ ॥୧୨॥
ଅପଲକ ନେତ୍ରେ ପ୍ରତି ମୁହୂର୍ତ୍ତ ଜଗିଛ ।
ସୃଷ୍ଟି ରଖିବାକୁ ସାଜି ସଜାଇ ରହିଛ ॥୧୩॥
କି କରୁଣା ସତେ ପାଦ ପାଦୁକାରେ ଅଛି ।
ଜୀବୋଦ୍ଧାର ପାଇଁ ଧାରା ବହି ଯାଉଅଛି ॥୧୪॥
ସେ ପୀୟୁଷ ଧାରା ଯେହୁ କରୁଛି ସେବନ ।
ପୁଷ୍ପଳ ହେଉଛି ତା'ର ହୃଦ-ବୃନ୍ଦାବନ ॥୧୫॥
ସର୍ବଜୀବେ ଦେବାପାଇଁ ସେ ଅଭୟ ସୁଧା ।
ଶ୍ରୀପଦରୁ ଝରି ପାଦୁକାରେ ହେଲା ବନ୍ଧା ॥୧୬॥
ଗ୍ରାମେ ଗ୍ରାମେ ଘରେ ଘରେ ଶ୍ରୀପାଦୁକା ଯାଇ ।
ସୁଧାଧାରା ବିତରୁଛି ତୁମ ନାମ ଗାଇ ॥୧୭॥
ସତ୍‌ସଙ୍ଗେ ସିଂହାସନେ ବିରାଜିଛି ଶେଷେ ।
ଶକ୍ତିମନ୍ତ କରି ବ୍ରହ୍ମଜ୍ୟୋତିଃର ପରଶେ ॥୧୮॥
ଶ୍ରୀପଦପାଦୁକା ଏକ ଅଭିନ୍ନ ହୋଇଲା ।
ମୂଢ଼ଜଡ଼ ମତିମାନ ଜୀବେ ଧନ୍ୟ କଲା ॥୧୯॥
ଏତିକି କଲ୍ୟାଣ କର ପ୍ରଭୁ ଦୟାମୟ ।
ଶ୍ରୀପଦପାଦୁକା ଠାରେ ସଦା ରହୁ ଲୟ ॥୨୦॥

ଅଜପାଜପ ଉତ୍ତମ ଘୋର କଳିକାଳେ ।
ପାଦପଦ୍ମଯୁଗ୍ମ ଶୋଭା ପାଉ ବକ୍ଷସ୍ଥଳେ ॥୨୧॥




## ଅଭିଳାଷ

ଭାବଗ୍ରାହୀ ସାଥେ ଭାବଯୋଡ଼ି ମୁଁ ଯେ
ଅଭାବରେ ସଡ଼ିଗଲି ।
ତୁମ ପାଦପଦ୍ମ ଭରସା କରି ମୁଁ
ମଝି ଦରିଆରେ ମଲି ॥୧॥
ଅନାମନାଥଙ୍କୁ ଅନାଇଅନାଇ
ମୁଁଯେ ଅନାଥ ହୋଇଲି ।
ଶ୍ରୀପାଦପଦ୍ମକୁ ନାବ ମନେକରି
ଅଥଳ ଜଳେ ଭାସିଲି ॥୨॥
ଅଗାଧ ସାଗରେ ଫୁଟାଡଙ୍ଗା ମୋର
ତୁମ ନାମେ ଭସାଇଲି ।
ଭାବଗ୍ରାହୀ ପଣେ ଭାବ ଯୋଡ଼ି ମୁଁ ଯେ
ଦୁଇକୂଳ ହରାଇଲି ॥୩॥
ଅନ୍ତର ମୋ ଖୋଲି ଡ଼ାକି ମୁଁ ଆକୁଳେ
ଆଖି ଲୁହେ ଗାଧୋଇଲି ।
କଣ୍ଠ ମୋ ଫଟାଇ ବିକଳେ ଡାକିଲି
ନୟନୁ ନୀର ପିଇଲି ॥୪॥
ବ୍ରହ୍ମା-ବିଷ୍ଣୁ-ମହେ- ଶ୍ୱର ପଣେ ତୁମେ
ଗୁରୁ ରୂପେ ବରିନେଲି ।
ତୁମେ ଇଚ୍ଛାଧିନ ତୁହେଁ ମନହୀନ
ବୋଲି ମୁଁ ପରତେ ଗଲି ॥୫॥
ଆକୁଳରେ ଡ଼ାକି ବିକଳହୋଇ ମୁଁ
ପାଦପଦ୍ମ ଆବୋରିଲି ।
ଛଳକରି ତୁମେ ଦୂରେ ଠେଲି ଦେଲ
ବିଶ୍ୱରେ ନିଃସ୍ୱ ସାଜିଲି ॥୬॥
ଗଳା ଫଟାଇ ମୁଁ ଯେତେବି ଡ଼ାକିଲି
ଶୁଣିଲ ନାହିଁ ମୋ ପ୍ରଭୁ ।
ପଦାଘାତେ ମୋତେ ଦୂରେ ଠେଲିଦେଲ
କିଏ ଉଦ୍ଧାରିବ ଭବୁ ? ॥୭॥

ହେ ଭକ୍ତବତ୍ସଳ ଏତିକି ମାଗୁଣି
ନଦିଅ ତିଳେ ଭରସା ।
ଜୀବନ ଆକାଶେ ଘୋଟି ଆସୁ ମୋର
ଘୋର ବତାସ ବରଷା ॥୮॥
ମୋ କୁଟୀର ମଧ୍ୟେ ନପଡୁ ତୁମର
ପଦଚିହ୍ନ କାଳେ କାଳେ ।
ସବୁ ବିପରୀତ ସବୁ ଏପରିତ
ଘୋର ଏହି କଳିକାଳେ ॥୯॥
ଭାବଗ୍ରାହୀ ସାଜି ଭାବ ମୋ ନବୁଝି
ଭାଷାରେ ବୁଝିଛ ଯେବେ ।
ବାକିତକ କାଳ ବିରହ ଅନଳ
ଜଳୁ ମୋ ଅନ୍ତରେ ତେବେ ॥୧୦॥
ମୋ ଚଲା ପଥରେ ଠେଲି ଦିଅ ମୋତେ
ତମ ଚଲାପଥୁ ତଡି ।
ହତାଶା ମଝିରେ ଭରସା ନଦିଅ
ଫାଟୁ କଣ୍ଠ ଛାଡ଼ିରଡ଼ି ॥୧॥
ସରଳ ପ୍ରାଣରେ ଶିଶୁଟିଏ ସାଜି
କିବା ଅପରାଧ କଲି ।
କପଟତା ପଣେ ହୋଇଥିଲେ ଜଣେ
ଫୁଟି କି ଥାଆନ୍ତା ମଲ୍ଲୀ ॥୧୨॥
ଜାଣି ବି ଅଜଣା ଶୁଣି ବି ଅଶୁଣା
ମଉନା ଠାକୁର ମୋର ।
ଅପରାଧ ଯେବେ କ୍ଷମଣୀୟ ତୁହେଁ
ଦିଅ ଅଭିଶାପ ଘୋର ॥୧୩॥
ଏ ଜୀବନେ ମୋର ନାହିଁ ଅଭିଳାଷ
ସକଳ ମୁଁ ତ୍ୟାଗ କଲି ।
ଜାଣିଲି ଦେବତା ଏ କଳି କାଳରେ
ନୀରବ ଠାକୁର ବୋଲି ॥୧୪॥

# ଆଶୀର୍ବଚନ

## (ରାଗ : ଚୋଖି)

ବାଉଳା ଧନରେ ମୋର ! ଅଭିମାନ ଦୂର କର
ବନ୍ଧାମୁହିଁ ସଦା ତୋର ଭାବ ଡୋରିରେ
ଭାବକୁ ନିକଟ ମୁହିଁ ଅଭାବରେ ଦୂରେ ଥାଇ
ଦେଖୁଥାଏ ଲୀଳା ତୋର ମିଶି ସମୀରେ
ତୋର ବିନା ରହି ନ ପାରେ
ଯେତେବେଳେ ଯେଉଁ ଭାବ ରହେ ତହିଁରେ ।।୧।।

ସବୁଥାଇ କିଛି ନାହିଁ ଘୁରୁଛି ପାଗଳ ହୋଇ
ଘରେ ଘରେ ଦ୍ୱାରେ ଦ୍ୱାରେ ଖୋଜୁଛି ତୋତେ
ତୁହି ଅଟୁ ମୋ ଶରୀର ମୁଁ ତୋ ନିଃଶ୍ୱାସର ଧାର
ଆଧାର ବିନା କି ଧାର ରହେ ଧରାରେ
ଆଖି ଖୋଲି ଦେଖ ତୁ ଥରେ
ତୋ ବିରହେ ପ୍ରାଣ କିପରି ଝୁରେ ? ।।୨।।

ତୋର ମୋରଯେଉଁ ଭାବ ଅଭାବ ନଦୀର ନାବ
ପ୍ରୀତିର ଆହୁଲା ଧରି ବସିଲୁ ମଙ୍ଗେ
ଅଦିନିଆ ଝଡ଼ ଆସି ଉଛୁଳିଲା ଜଳରାଶି
ବୁଡାଇଲୁ ନଉକାକୁ ପ୍ରକୃତି ରଙ୍ଗେ
ଫୁଟିଗଲା କୋମଳ ତନୁ
ଇନ୍ଦ୍ରିୟ ବିଷରେ ଭାବ ଲୁଟିଲା ମନୁ ।।୩।।

ଧରି ନାହିଁ କେବେ ଦୋଷ ତୁହିସିନା ବହୁ ରୋଷ
ଅଯଥାରେ ଜାଳିନିଆଁ ମନ ବନରେ
ସେ ନିଆଁର ତେଜ ମୁହିଁ ଆଖି ନୀରେ ଯାଏ ବହି
ଶୀତଳ କରିବା ପାଇଁ ତୋର ମନ୍ଦିରେ
ଲିଭାଇଦେ ସେହି ନିଆଁକୁ
ହୃଦେ ସିଞ୍ଚି ପ୍ରେମେ ମୋର ନାମ ଜଳକୁ ।।୪।।

ଦେଇଥିଲୁ ପରା କଥା ପାତି ଦେବୁ ତୋର ମଥା
ବାହିନେବୁ କର୍ମଧାରା ଲୀଳା ଅଙ୍ଗରେ
ଭୁଲିଲୁ ତୋର ବଚନ ଟାଣକଲୁ ନିଜ ମନ
ଜାଣି ଅଜଣା ହୋଇଲୁ ମାୟା ଫାଶରେ
ଧନ ମୋର ଫେରିଆ କୋଳେ
ପୋଛି ଦେବି ତନୁ ମନ ମୋର ଅଞ୍ଚଳେ ।।୫।।

ତୁହ ସିନା ଅଭିମାନେ ବାରଣ କରିଛୁ ମନେ
ରହିବାକୁ ଏକାଏକା ବିରହାନଳେ
ଅନଳର ଶିଖା ମୁହିଁ କାୟା ତୁହି ଛାୟା ମୁହିଁ
କରିକି ପାରିବୁ ଭେଦ ଶିଖା-ଅନଳେ
କାୟା ବିନା ଛାୟା କି ରହେ
ବୃଥା ଚେଷ୍ଟା କରୁ କାହିଁ ଜଳି ବିରହେ ।।୬।।

ଦୂରେ କେବେ ଠେଲି ନାହିଁ ପାଖେ ପାଖେ ଅଛି ରହି
ଭାବରେ ବନ୍ଦୀ ମୁଁ ତୋର ଭାଷାରେ ନୁହେଁ
ମଉନ ଭାବକୁ ମୋର ଯଦି କରିଛୁ ନିଜର
ଅଥୟ କାହିଁକି ହେଉ କଳିର ମୋହେ
ଛିଣ୍ଡାଇଦେ ଅଭାବ ବାନା
ବାନ୍ଧିଦେ ତୁ ଭାବେ ଭୁଲି ଦେହ ଭାବନା ।।୭।।

ତେଜ ବୃଥା ଅଭିମାନ ଆରେ ମୋ ଚକ୍ଷୁଣୀ ଧନ
ବନ୍ଧନ କରିଦେ ମଙ୍ଗ ଦଣମୋଦକେ
ନାମର ଆହୁଲା ଧରି ବାହିଯା' ଜୀବନ ତରୀ
ଭୟ ନାହିଁ ଅଛି ମୁହିଁ ପାଦ ପାଦକେ
ମଙ୍ଗ ମଙ୍ଗୁଆଳ ସାଜିବି
ଫୁଟାନାବୁ ଭାବ ଡ଼ୋରେ କୋଳକୁ ନେବି ।।୮।।

# ମୁକ୍ତଶାଳା

## ସୁଧୀପାଦକୀୟ

‘କେ ହେତବୋ ବ୍ରହ୍ମଗତେସ୍ତୁ ସନ୍ତି
ସତ୍ସଙ୍ଗତିର୍ଦାନ ବିଚାର ତୋଷାଃ ।।
କେ ସନ୍ତି ସନ୍ତୋଽଖିଳବୀତରାଗା
ଅପାସ୍ତମୋହାଃ ଶିବତତ୍ତ୍ୱନିଷ୍ଠାଃ ।।’

ସବିନୟ ନିବେଦନାନ୍ତରେ କେଶବ ପାଦାର୍ପିତ ଚିତ୍ତବୃତ୍ତି ନିଷ୍ଠ ଭକ୍ତ ଭଗବାନଙ୍କୁ ପ୍ରାର୍ଥନା କରି ପ୍ରଶ୍ନ କରୁଛି, ପ୍ରଭୋ, ବ୍ରହ୍ମାନୁଭୂତି ଓ ବ୍ରହ୍ମପ୍ରାପ୍ତିର ଉପାୟ କ’ଣ ? ଏ ସଂସାରରେ ପ୍ରକୃତ ଅର୍ଥରେ ସାଧୁ କିଏ ?? ପ୍ରଭୁ ପରମେଶ ରକ୍ତିମ ବିମ୍ବାଧରରେ ସ୍ମିତ ହସି ସୁକୋମଳ ସୁମଧୁର କଣ୍ଠରେ ଉତ୍ତର ଦେଉଛନ୍ତି : ସତ୍ସଙ୍ଗ, ସତ୍ପାତ୍ରରେ ଦାନ, ପରମାତ୍ମା ଚିନ୍ତନ, ସଦସଦ୍ ବିଚାର ଓ ସନ୍ତୋଷ ଦ୍ୱାରା ବ୍ରହ୍ମାନୁଭୂତି ମିଳେ ଓ ବ୍ରହ୍ମପ୍ରାପ୍ତି ସମ୍ଭବ ହୁଏ । ପୁନଶ୍ଚ, ଯେଉଁମାନେ ସମସ୍ତ ବିଷୟରେ ବୀତସ୍ପୃହ, କ୍ରୋଧ, ଦ୍ୱେଷ, ଈର୍ଷା ଓ ଅସୂୟାରହିତ (ପରଶ୍ରୀକାତରତାହୀନ) ଏବଂ ଶିବତତ୍ତ୍ୱନିଷ୍ଠ ଅର୍ଥାତ୍ ଜଗତର କଲ୍ୟାଣସାଧନରେ ତତ୍ପର, ସେମାନେ ପ୍ରକୃତ ଅର୍ଥରେ ସାଧୁ ପଦବାଚ୍ୟ, ସେମାନଙ୍କୁ ସମ୍ମାନ ଓ ଆଦର କରିବା ଉଚିତ ।

‘ଶତ୍ରୋର୍ମହାଶତ୍ରୁତମୋଽସ୍ତି କୋ ବା
କାମ ସକୋପାନୃତ ଲୋଭ ତୃଷ୍ଣଃ ।
ନ ପୂର୍ଯତେ କୋ ବିଷୟୈଃ ସ ଏବ
କିଂ ଦୁଃଖମୂଳଂ ମମତାଭିଧାନମ୍ ।।’

ଭକ୍ତ ହୃଦୟରେ ଉଦିତ ପ୍ରଶ୍ନବାଚୀ - ଶତ୍ରୁ ମଧ୍ୟରେ ସବୁଠାରୁ ବଡ଼ ଶତ୍ରୁ କିଏ? କିଏ ବିଷୟ ଦ୍ୱାରା ପରିତୃପ୍ତ ହୁଏ ନାହିଁ ?? ଏବଂ ଦୁଃଖର ମୂଳ କାରଣ କ’ଣ ??? ପ୍ରଭୁ ପାଦପୀଠରେ ଶିଷ୍ୟର ଏହି ପ୍ରଶ୍ନ ନିବେଦନାନ୍ତେ ପ୍ରଭୁ ପରମ ସନ୍ତୋଷରେ ଭକ୍ତ ଦାସର ସଂଶୟ ମୋଚନାର୍ଥେ ମନୋହର ସ୍ୱରରେ ଧିର କଣ୍ଠରେ ଉତ୍ତର ଦିଅନ୍ତି : କ୍ରୋଧ, ମିଥ୍ୟା, ଲୋଭ ଓ ତୃଷ୍ଣାଯୁକ୍ତ କାମ ବା ଇଚ୍ଛା ହେଉଛି ମହାଶତ୍ରୁ । ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ ପ୍ରଭୁ କୁହନ୍ତି ସେହି ତୃଷ୍ଣାଯୁକ୍ତ କାମନା ବାସନା ଯେ କୌଣସି ମତେ ବିଷୟ ଦ୍ୱାରା ତୃପ୍ତିଲାଭ ନକରି ଅଧିକରୁ ଅଧିକ ଇଚ୍ଛା ପୋଷଣ କରେ । ଶେଷ ପ୍ରଶ୍ନର ଉତ୍ତର ହେଉଛି : ମମତାର ବନ୍ଧନ ହିଁ ସମସ୍ତ ଦୁଃଖର ମୂଳ କାରଣ ।

ଭକ୍ତବତ୍ସଳ ଭାବଗ୍ରାହୀ କରୁଣାସାଗର ସର୍ବାନ୍ତର୍ଯ୍ୟାମୀ ପୁରାଣପୁରୁଷ ପରମପ୍ରେମମୟ ଭକ୍ତାନୁକମ୍ପୀ ଠାକୁରେ ଅଶାନ୍ତହୃଦୟ ଭକ୍ତଦାସକୁ ପ୍ରବୋଧ ଦେଇ ସୁକୋମଳ ସୁମଧୁର ଭାଷାରେ ସୁମିଷ୍ଟସ୍ୱରରେ କହିଲେ :

'ବହୁଭିର୍ମୂଖସଂଘାତୈଃ ଅନ୍ୟୋନ୍ୟ-ପଶୁବୃତ୍ତିଭିଃ ।

ପ୍ରଚ୍ଛାଦ୍ୟନ୍ତେ ଗୁଣାଃସର୍ବେ ମେଘୈରିବ ଦିବାକରଃ ॥'

ମନେରଖ, ମୁର୍ଖମାନେ ପଶୁପରି ଆଚରଣ କରନ୍ତି । ମେଘମାଳା ଦ୍ୱାରା ଆବୃତ ସୂର୍ଯ୍ୟହୀନପ୍ରଭ ହେଲାପରି ମୂର୍ଖମେଳରେ ଥିବା ସାଧୁର ସାଧୁସୁଲଭ ଗୁଣସମୂହ ଲୁଚିଯାଏ । ତେଣୁ, ମୂର୍ଖମାନଙ୍କ ମେଳରୁ ସର୍ବଦା ଓ ସର୍ବଥା ନିଜକୁ ଦୂରେଇ ରଖିବାକୁ ଯତ୍ନଶୀଳ ହେବା ଉଚିତ ।

ସାଧୁଙ୍କର ନୈତିକ ଏବଂ ଆଧ୍ୟାତ୍ମିକ ଉତ୍କର୍ଷରୁ ତେଜ ଓ ଓଜଃରୂପକ ଦୀପ୍ତିଯୁଗଳ ଜାତ ହୁଏ । ଓଜଃ ଶକ୍ତି ଅନ୍ତର୍ନିହିତ ଏବଂ ଅବ୍ୟକ୍ତ ହୋଇ ସାଧୁର ଅନ୍ତଃସ୍ଥଳରେ ଉଜ୍ଜ୍ୱଳି ଉଠେ, ମାତ୍ର ତେଜଶକ୍ତି ସାଧୁର ଶରୀର ବିଶେଷତଃ ମୁଖମଣ୍ଡଳରେ ପ୍ରତ୍ୟକ୍ଷ ଭାବରେ ଜଳି ଉଠେ । ଏହିପରି ତେଜସ୍ୱୀ, ଓଜଃସ୍ୱୀ ଓ ବଳବାନ ସାଧୁଙ୍କର ଆମେ ବଳ ସ୍ୱରୂପ ଅଟୁଁ ।

'ବଳଂ ବଳବତାମସ୍ମି କାମରାଗ ବିବର୍ଜିତମ୍ ।

ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ॥'

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ଜ୍ଞାନବିଜ୍ଞାନ ଯୋଗରେ କହୁଛନ୍ତି, ହେ ଭରତଶ୍ରେଷ୍ଠ ! ଆମେ ବଳବାନ ସାଧୁ ବ୍ୟକ୍ତିର କାମରାଗ ରହିତ ବଳ ଅଟୁଁ ଏବଂ ପ୍ରାଣୀମାନଙ୍କଠାରେ ଧର୍ମର ବିରୁଦ୍ଧାଚରଣ କରୁନଥିବା କାମନା ଅଟୁଁ ॥ ଅଳମତି ବିସ୍ତରେଣ ! ଶ୍ରୀ କେଶବପାଦାର୍ପଣ ମସ୍ତୁ !!

**ପବିତ୍ର ପଦକମଳ ଯୁଗଳରେ ଶରଣାଗତ,**

**ବିନୀତ,**

**କେଶବଦାସବୃନ୍ଦାବନ, ସଂପାଦକ, 'ଚରମ'**

ମନମତି ଗତି ଚିତ୍ତ ଅଗତି ।
ବଚନ ବେଭାର ବିରସ ସ୍ଥିତି ॥
ବାମାସୁଖ ରଖେ ନାହିଁ ଚରମେ ।
କାମିନୀ କାଞ୍ଚନ ନାଶେ ଅନ୍ତିମେ ॥

ଚେତି ଚଇତନ ଚରମେ ରସ ।
ପାଶେ ବସି ଫାଶେ କେବେ ନପଶ ॥
ହେଳା କରିଭେଳା ନବୁଡ଼ା ଧନ ।
ମହରଗ ମଖା ମୁଖରେ ମନ ॥

'ଚରମ'ର

ଚିନ୍ତନ : ଏହି ପାଖୁଡ଼ାରେ

'ଚରମ' ର ଚତୁର୍ଥପୁଷ୍ପ, ଚତୁର୍ଥ ପାଖୁଡ଼ା, ସପ୍ତଦଶ ସଂଖ୍ୟାରୁ ଆମର ଆଧ୍ୟାତ୍ମିକ ପତ୍ରିକାରେ ଏହି ସ୍ତମ୍ଭଟି ଭକ୍ତବତ୍ସଳ ଭାବଗ୍ରାହୀ କରୁଣାସାଗର ଠାକୁରଙ୍କର ଶୁଭାଶୀର୍ବାଦରୁ ନୂତନ ରୂପେ ସଂଯୋଜିତ ହୋଇଛି । ଆମମାନଙ୍କର ପରମାର୍ଥୀ ଜୀବନର ଚିନ୍ତା ଓ ଚେତନାର ବଳୟରେ ଲୀଳାମୟ ଠାକୁରଙ୍କର ଇଚ୍ଛାକୁ କେନ୍ଦ୍ରବିନ୍ଦୁ କରି ଆଚାର ଓ ଚଳନିରେ ଯୁଗପତ୍ ପରିବର୍ତ୍ତନର ଲକ୍ଷ୍ୟନେଇ ''ଚିନ୍ତନ : ଏହି ପାଖୁଡ଼ାର'' ଶୀର୍ଷକର ପରିକଳ୍ପନା । ଏହି ମହତ୍ ଉଦ୍ଦେଶ୍ୟ ଫଳବତୀ ହେଲେ ଆମର ଶ୍ରମ ସାର୍ଥକ ହେବ ।।

# ନିଷ୍ପତ୍ତି

କେବଳ କଳ୍ପବୃକ୍ଷ ପଦପ୍ରାନ୍ତରେ ଯାହା ଅଭିଳାଷ କରାଯାଏ, ତାହା ଅବଶ୍ୟ ଅଚିରେ ପୂର୍ଣ୍ଣହୁଏ । କିନ୍ତୁ ସମୟ (କାଳ)ର ନିଷ୍ପତ୍ତି ଅଭିଳାଷୀର ହାତମୁଠାରେ ନାହିଁ, ନଥାଏ । କାଳ, ମହାକାଳ, ନିର୍ଗୁଣ, ନିଷ୍କ୍ରିୟ, ନିଷ୍କଳ । ଜୀବ କିନ୍ତୁ ସଗୁଣ, କ୍ରିୟାଶୀଳ । ତେଣୁ ଜୀବର ଗୁଣାନୁପାତିକ ଭାବ ଏବଂ ଭାବାନୁସାରୀ ଗୁଣକୁ ସେ ନିର୍ବିବାଦରେ ଗ୍ରହଣ କରିଥାଆନ୍ତି, ତେଣୁ ସେହିଁ ଗୁଣଗ୍ରାହୀ, ସେହିଁ ଭାବଗ୍ରାହୀ । ମନେରଖ, ତାଙ୍କ ନିକଟକୁ ବା ସମ୍ମୁଖକୁ ଯିବା ସମୟରେ ଅତି ସତର୍କତାର ସହିତ ଯିବା ଉଚିତ୍ । କାରଣ ସେ ସମୟରେ ତୁମ ମନକୋଣରେ ବା ଅନ୍ତଃକରଣରେ ଯେଉଁ ଭାବ, ଭାବନା, ଚିନ୍ତା, ଚେତନା ମୁଖ୍ୟ ହୋଇଥିବ, ତାହାକୁ ସେ ବହୁଗୁଣିତ କରି ତମକୁ ଫେରାଇ ଦେବେ, ଦିଅନ୍ତି । ଅନ୍ତଃସ୍ଥ ଆଶା ଆକାଂକ୍ଷା ମଧ୍ୟ ଏହି ସୂତ୍ରରେ ସହଜରେ ପୂର୍ଣ୍ଣ ହୋଇଯିବ । ଚିନ୍ତାକରି ଦେଖତ ଥରେ, ପ୍ରଭୁଙ୍କର ଶ୍ରୀପାଦପଦ୍ମ ଦର୍ଶନ କରିବାକୁ ଯାଇ ତୁମେ ତୁମର ତମପ୍ରଧାନ ଓ ରଜପ୍ରଧାନ ଗୁଣରାଜି ସମ୍ଭୂତ କୁତ୍ସିତ ଇଚ୍ଛା ପରିପୂର୍ଣ୍ଣ କରି ତହିଁରେ ସିଦ୍ଧି ଧରି ଆଣିବା ଉଚିତ୍ ହେବ କି ??

ଶରୀରୀ ଜୀବ ମାତ୍ରେ ମନରେ ଦ୍ୱନ୍ଦ୍ୱ, ସନ୍ଦେହ, ପ୍ରଶ୍ନବାଚୀ, ସଂଶୟ ଓ ସମସ୍ୟାଦି ଠୁଳ କରି ଚାଲିଛନ୍ତି, ଚାଲୁଛନ୍ତି । ଜୀବମନରେ ଏସବୁ ଉଦ୍ରେକ ହେବା ସ୍ୱାଭାବିକ । ଏସବୁର ମୋଚନ ଓ ସମାଧନା ପାଇଁ ପ୍ରଭୁଙ୍କର ଶରଣାଗତ ହେବା ଉଚିତ । ସ୍ଥୂଳତଃ ଏସବୁର ଉତ୍ତର ଓ ସମାଧାନ ନିଷ୍ପତ୍ତି ଆଣିବାକୁ ଯାଇ ଅହଂବୁଦ୍ଧିର ବଶବର୍ତ୍ତୀ ହୋଇ ନିଜର ନିଷ୍ପତ୍ତି ପ୍ରଭୁଙ୍କ ସନ୍ନିଧାନରେ ପ୍ରକାଶକରି ଅମୃତଭାଣ୍ଡରେ ବିନ୍ଦୁଏ ବିଷ ଢାଳିଦେବାଠାରୁ ଅଧିକ ଗର୍ହିତ କାର୍ଯ୍ୟ ଆଧ୍ୟାତ୍ମିକ ଜୀବନଯାତ୍ରା ପଥରେ ଆଉ କ'ଣ ହୋଇପାରେ ? ପ୍ରସ୍ତାବ ଉପସ୍ଥାପନ କରିବା ମାତ୍ରେ ସଙ୍ଗେ ସଙ୍ଗେ ନିଷ୍ପତ୍ତି ପାଇଁ ଜିଦ୍‌ଧରି ଯେନତେନପ୍ରକାରେଣ ତାଙ୍କଠାରୁ ସ୍ୱୀକାରୋକ୍ତି ପାଇବା ଲକ୍ଷ୍ୟରେ ତାଙ୍କୁ ବାଧ୍ୟ କରିବା ଆଦୌ ଉଚିତ ନୁହେଁ । ସାତ୍ତ୍ୱିକ ଭାବ ପ୍ରଧାନ ଅନ୍ତଃକରଣରେ ଶରଣାଗତ ହୋଇ ଆପଣାର ସମସ୍ୟା ଉତ୍ଥାପନ କରି ସମାଧାନ ଓ ନିଷ୍ପତ୍ତି କୃତାଞ୍ଜଳି ପୁଟରେ ଭିକ୍ଷା କରିବା ହିଁ ଏକାନ୍ତ କର୍ତ୍ତବ୍ୟ । ଏଥିପ୍ରତି ତୀକ୍ଷ୍ଣଦୃଷ୍ଟି ନଦେଇ ଅହଂଭାବର ବଶବର୍ତ୍ତୀହୋଇ ଜୀବଧର୍ମାନୁସାରୀ ମନରେ ଯେଉଁ ସମାଧାନ ଓ ନିଷ୍ପତ୍ତି ଉଦ୍ରେକ ହୋଇଥିବ, ତାହାହିଁ ସେ ତମ ଭାବରୁ ଗ୍ରହଣକରି ତାହାକୁ ବହୁଗୁଣିତ କରି ତମକୁ ଫେରାଇଦେବେ । ମନେରଖ, ଏହାତାଙ୍କର ନିଷ୍ପତ୍ତି ନୁହେଁ, ତୁମ ଭାବର ପ୍ରତିଫଳନ ମାତ୍ର । ତେଣିକି ତୁମର ଅବସ୍ଥାରେ ପତନ ଘଟିଲେ, ସେ କାହିଁକି ଦାୟୀ ହେବେ ?? ନୀରବରେ

ଏହାଥରେ ଚିନ୍ତାକରି ଦେଖତ !! ଉଦାହରଣଟିଏ ମନେରଖ : ମନେକର କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ତୁମେ ଗୋଟିଏ ସ୍ଥାନକୁ ଯିବାକୁ ଇଚ୍ଛା କରିଛ । ଏ ସଂପର୍କରେ ଅନୁମତି ପାଇଁ ଠାକୁରଙ୍କ ପାଖକୁ ଯାଇ କହିଲ : ମୁଁ ଅମୁକ ଯାଗାକୁ ଯାଉଛି । ଆପଣ କ'ଣ କହୁଛନ୍ତି ?' ଏପରି କହିବା ପରେ ତାଙ୍କ ନିଷ୍ପତ୍ତିର ପ୍ରୟୋଜନ ଆଉ ରହିଲା କେଉଁଠି ? କାରଣ, ତୁମେ ପୂର୍ବରୁ ଯିବା ପାଇଁ ତାଙ୍କୁ ଜଣାଇବା ଉଚିତ : 'ପ୍ରଭୋ, ମୋର ଅମୁକ ଯାଗାକୁ ଅମୁକ କାମ ପାଇଁ ଯିବାକୁ ଇଚ୍ଛା ହେଉଛି । କିନ୍ତୁ ଯିବା ଉଚିତ ହେବ କି ଅନୁଚିତ ହେବ ମୁଁ ସ୍ଥିରକରିପାରୁନାହିଁ । ଦୟାକରି ଆପଣ ନିର୍ଣ୍ଣୟ କରନ୍ତୁ ।' ଏପରି କହିଲେ, ତୁମେ ନିଜେ ନିଷ୍ପତ୍ତି ନେଇ ନାହଁ ବୋଲି ସେ ତାଙ୍କର ନିର୍ଣ୍ଣିତ ନିଷ୍ପତ୍ତି ନିଶ୍ଚୟ ତୁମକୁ ଦେବେ ହିଁ ଦେବେ । ଶ୍ରୀମୁଖରୁ ନିଷ୍ପତ୍ତି ଶୁଣି ତଦନୁଯାୟୀ ତମେ କର୍ମକଲେ, ଫଳନିଶ୍ଚୟ ଉତ୍ତମ ହେବ ହିଁ ହେବ ।।

ବକ୍ରତା ବା ବକ୍ରଭାବ ତ୍ୟାଗ କରି ସରଳ ସହଜ ଭାବରେ ପ୍ରଭୁଙ୍କର ଆଦେଶ ନିର୍ଦ୍ଦେଶାଦି ଆନନ୍ଦ ଓ ତୃପ୍ତିର ସହିତ ପାଳନ କର, ଏହାହିଁ ହେଉ ତୁମର ପ୍ରଥମ ସାଧନା । ମନେକର, ସେ ତମକୁ ଗୋଟିଏ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ଦେବା ପୂର୍ବରୁ ନିର୍ଦ୍ଦିଷ୍ଟ ବିଷୟବସ୍ତୁର ଅତୀତ, ବର୍ତ୍ତମାନ, ଭବିଷ୍ୟତକୁ ଲକ୍ଷ୍ୟରଖି ସେ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏପରି କ୍ଷେତ୍ରରେ କାହିଁକି ? କ'ଣ ?? କିପରି ??? ଆଦି ପ୍ରଶ୍ନ ଉତ୍ଥାପନ କରିବା ସର୍ବାଦୌ ଅନୁଚିତ କିମ୍ବା ପ୍ରଭୁଙ୍କର ନିଷ୍ପତ୍ତି ପରିବର୍ତ୍ତନ ନିମନ୍ତେ ଅଡ଼ିବସିବା ମଧ୍ୟ ଉଚିତ ନୁହେଁ । କାରଣ ଏହାଦ୍ୱାରା ପ୍ରଭୁଙ୍କର ବିରୁଦ୍ଧାଚରଣ ହେଲା, ହୁଏ । ଫଳରେ ତୁମେ ଗୁରୁଦ୍ରୋହୀ ଦୋଷରେ ଦୁଷ୍ଟ ହେବ । ସେ ମଧ୍ୟ ତେଣିକି ଆଗେଇବେ ନାହିଁ । ବିଶ୍ୱ କଲ୍ୟାଣ ବାଧାପ୍ରାପ୍ତ ହେବ । ସକଳ ଆଧ୍ୟାତ୍ମିକବାଦୀ ସୂକ୍ଷ୍ମ ଦିବ୍ୟାତ୍ମା ତୁମ କର୍ମର ବିରୁଦ୍ଧାଚରଣ କରିବେ । ବାଧ୍ୟ କରି ତାଙ୍କ ନିଷ୍ପତ୍ତି ବଦଳାଇବାକୁ ଜିଦ୍‌ଧରି ବସିଲେ, ସେ ତାହା ତୁମ ଚାପରେ ବଦଳାଇ ଦେବେ ସତ, ମାତ୍ର ସୃଷ୍ଟିଚକ୍ର ହାତରେ ଫଳାଫଳ ଛାଡ଼ିଦେବେ । ଏଣେ ତୁମେ ଆନନ୍ଦିତ ହେବଯେ, ସେ ତୁମର ପ୍ରସ୍ତାବ ଗ୍ରହଣ କରିନେଲେ । ତେଣେ ନାନା ବିଭୀଷିକା ତୁମକୁ ଅପେକ୍ଷା କରି ରହିବ ଯେ !!

ଲେଖାଯୋଖା ମଖା ଭାଇ ଭଗାରି ।
ଅସଲେ ନକଲି ନାଲି ହକାରି ।।
ଦୁଃଖେ ଦୁଃଖୀଜନେ ସୁଖୀ ନକରେ ।
କି ଆଶେ ଭରସି ରସି ସେ ପାରେ ??

ମିଛେ ମାଛି ପରି ମିଛ ଛାପରେ,
ଅନ୍ୟେ ଭଣ୍ଡି ଭଣ୍ଡି ଭାଣ୍ଡ ପ୍ରକାରେ,
ଅଗଣା ଅଗଣେ ଗଣି ଗ୍ରାହକ,
ଧନ୍ଦିହୋଇ ଫନ୍ଦି ଫାନ୍ଦେ ପ୍ରାପକ ।।

ହାଇଁ ପାଇଁ ହେଉ କାହା ପାଇଁକି ?
ଚରମ ପାଦକୁ ଚାହୁଁ କାହିଁକି ??
ଧାରାଧରି ଧର ନଦେଉ ଡିଳେ ।
ଗୁରୁ ଗଉରବ ଭୁଲିଲୁ ଭୋଳେ ।।

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାର ବିନ୍ଦମ୍ !!!

''ଗୋଲହାଟ ବୃନ୍ଦାବନ କୁଂଜ ଯହିଁ ।
ଓଲଟ ପାଲଟ ଯୁଗଳ ଦେହୀ ।।
ଷୋଳକଳାରେ ହୋଇ ପରିପୂର୍ଣ୍ଣ ।
ରାଧାଅଙ୍ଗରେ ଶ୍ରୀକୃଷ୍ଣ ଚରଣ ।।
ସଖିଗୋ, ବେନିମୂରତି ଏକ ।
ଶବଦ ଫେରୁଅଛି ଅତିରେକ ।।
ରାଧାକଟିପରେ କୃଷ୍ଣ ବସିଛି ।
ଅଷ୍ଟାଦଶ ଚିହ୍ନ ତହିଁ ଲୁଚିଛି ।।
ଚନ୍ଦ୍ରିକା ଗୁପତ ହୋଇଛି ତହିଁ ।
ଅବନାଅକ୍ଷର ବୋଲିଟି ସେହି ।।
ସଖିଗୋ, ଷୋଳଦ୍ୱୟରୁ ପରେ ।
ଶ୍ରୀକୃଷ୍ଣ ଚରଣ ରାଧା ମୁଖରେ'' ।।

ସିଦ୍ଧସାଧକ ମହାପୁରୁଷ କବି ଅଚ୍ୟୁତାନନ୍ଦ ପଞ୍ଚସଖା ଯୁଗର ଅନ୍ୟାନ୍ୟ ସାଧକ ମାନଙ୍କ ତୁଲ୍ୟ ଜଗନ୍ନାଥଙ୍କର ଜଣେ ପରମ ଭକ୍ତଥିଲେ । ଭକ୍ତକବି ମହାପୁରୁଷ ମୁଖ୍ୟତଃ ଜଣେ ଭକ୍ତିନିଷ୍ଠ ଓ ଜ୍ଞାନନିଷ୍ଠ ବୈଷ୍ଣବ ଥିଲେ । ମହାପୁରୁଷଙ୍କ ବିରଚିତ 'ଶିବକଳ୍ପ' ଏକ ଅନନ୍ୟ ସାଧାରଣ କୃତି । ଯୋଗମାର୍ଗର ଅତୀବ ଗୁଢ଼ତମ ତଥ୍ୟ ଓ ତତ୍ତ୍ୱ ସମ୍ବଳିତ ଏହି ମହାର୍ହ କୃତିର ପରିଚୟ ଅଧ୍ୟାତ୍ମପ୍ରେମୀ ପାଠକବର୍ଗଙ୍କୁ ପ୍ରଦାନ କରିବା ଅଭିପ୍ରାୟରେ ସଂପାଦନା ଏ ପାଖୁଡ଼ାରେ ଠାକୁରଙ୍କ ଅପାର ଆଶୀର୍ବାଦରୁ ଶିବକଳ୍ପର ପଞ୍ଚଦଶନିର୍ଘଣ୍ଟରୁ ଉଦ୍ଧୃତାଂଶ ପ୍ରସ୍ତୁତ କରିବାରେ ସମର୍ଥହୋଇ ନିଜକୁ ଧନ୍ୟ ମନେ କରୁଛି ।।

''ଅର୍ଦ୍ଧଚନ୍ଦ୍ରମା ଯେ ତୁମ୍ଭେ ଗୋ ସହି ।
ବିନ୍ଦୁ ପ୍ରତିମା ଶ୍ରୀକୃଷ୍ଣ ବୋଲାଇ ।।
ଅବାଙ୍ଗ ମୂରତି ତୁମ୍ଭେ ଯହିଁରେ ।
କେଉଁ ପଥେ ଯିବି ମୁହିଁ ତହିଁରେ ।।
ରାଧେଗୋ, ତୁମ୍ଭେ ସାକ୍ଷାତେ ଦେଖ ।
ରାଧାକୁଚ ପରେ ନିତ୍ୟ ଗୋଲକ ।।
ରାଧାକୁଚ ପରେ କୁଂଜ ବିହାରୀ ।
ବିଜେ କରିଛନ୍ତି ମୁରଲୀଧାରୀ ।।
ଦ୍ୱାଦଶ ପ୍ରକାରେ ବାଜୁଛି ସ୍ୱର ।
ସେହି ସ୍ୱରକୁ ସମତୁଲ କର ।।
ରାଧେଗୋ, ତୁମ୍ଭ କୁଚଯୁଗଳେ ।
ଲୁଚି ରହିଥାନ୍ତି ସବୁ ବେଳରେ ।।

## ଶିବକଳ୍ପ : ପଞ୍ଚଦଶ ନିର୍ଘଣ୍ଟରୁ ଉଦ୍ଧୃତ :

ଅଭିସାର ଗୋଟା ଗୁପତ ହୋଇଲା କର୍ମକୁ ବିକର୍ମ କଲେ
ଅକର୍ମ କରିଣ ଦଣ୍ଡ ବିଧାନିବେ ଗୁରୁ ବଚନ ମେଣ୍ଟିଲେ ।।୧।।
ସାଷ୍ଟାଙ୍ଗରେ ଅଷ୍ଟ ପ୍ରଣିପାତ ହୋଇ ସଖା ବିଧିମାନ ଥୋଇ
ଲେଖନ ପତ୍ରକୁ ଆନନ୍ଦକୁ ଦିଅ ବାସ ପଚାରିବୁ ତାହିଁ ।।୨।।
ପୃଥ୍ୱୀ ଆପ ତେଜ ବାୟୁ ଆକାଶକୁ ଗୁରୁପଣେ ନିଶ୍ଚାକର
ଅକାରଣ ଭୂଇଁ କାରଣ ନ ଥାଇଁ ଅମନରେ ମନ ଭର ।।୩।।
ଅଇସୂର୍ଯ୍ୟ ସ୍ଥାପି ଅନାଦି ଚକ୍ରରେ ଅବନା ବାୟୁରେ ମିଶ
ରାଧାକୃଷ୍ଣ ଯହିଁ ଏକ ଅଙ୍ଗ ତହିଁ ତ୍ରିପୁରାକୁ କର ଆଶ ।।୪।।
ହରପରେ ଝର ତହିଁ ପରେ ଝର ନିତ୍ୟାଚାର ତହିଁ ସାର
ଧବଳ ଗିରିରେ ଜ୍ଞାନ ମୂର୍ତ୍ତିକାକୁ କପାଳରେ ଗାର ମାର ।।୫।।
ତତ୍ତ୍ୱଆମ୍ଭ ଧାଇ ଦ୍ୱାଦଶ ସୂର୍ଯ୍ୟକୁ ସାକ୍ଷୀରଖି ହୃଦାଗମେ
ଜୀବପରମକୁ ଏକ ଭାବେଦେଖ ଛଦ ସହସ୍ରାର ପଦ୍ମେ ।।୬।।
ନାମବ୍ରହ୍ମ ତହିଁ ଯୁଗଳ ସେ ରୂପ ଏକ ଅଙ୍ଗେ ଭିନ୍ନ ଭିନ୍ନ
କାଳନ୍ଦି ହ୍ରଦରେ କମଳ ଫୁଟିଛି କ୍ଷୀର ନାଳପରେ ଚିହ୍ନ ।।୭।।
ବାଜୁଛି ବାଜଣା ବ୍ରହ୍ମା ତହିଁ ବଣା ବାର ବଙ୍କୁନାଳ ଶିଖ
ସପ୍ତଚକ୍ର ଭେଦି କ୍ଲୀଂ ବୀଜ ଦର୍ପରେ ଆପେ ଆପଣକୁ ଦେଖ ।।୮।।
ବାରି ଧରିଥାଅ ହରି ହରି ବୋଲି ଏଥିପରେ ନାହିଁ ଆଉ
ଦୀନ ଅଚ୍ୟୁତ ଯେ ଏହିଠାରେ ଲଭେ କେ କହିବ ଆଉ କହୁ ।।୯।।

* ଏହାର ବ୍ୟାଖ୍ୟା ପୃ ୩୬ରେ ପ୍ରସ୍ତୁତ ହୋଇଛି ।




# ଚାଳିଶା

*ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ପୁରାଣ ଏକ ଆଞ୍ଚଳିକ ରୂପ । ଏହା ଶାସ୍ତ୍ରୀୟ ଧାରାରେଅନୁବନ୍ଧ ନୁହେଁ । ମୂଳଗ୍ରନ୍ଥ ଠାରୁ ଓଡ଼ିଆପୁରାଣର ଆଙ୍ଗିକ ରୂପ, ଆତ୍ମିକ ସ୍ୱର ଏବଂ ବାଣୀଭଙ୍ଗୀର ପରିଧେୟ ଅବଶ୍ୟ ପରିବର୍ତ୍ତିତ ହୋଇଛି । ଶାସ୍ତ୍ରୀୟ କଥାର ସାରଭୂତ ସଂରଚନା ସହ ଗଢ଼ିତ ହୋଇଛି ମୌଳିକ ଆଖ୍ୟାନ । ଏହି ଆଖ୍ୟାନ ସକଳ ପ୍ରକଳ୍ପ, ଫଳିତ, ଆକୃତି, ପ୍ରଣାଳୀ, ସୂକ୍ଷ୍ମ ଏବଂ ଉପଯୋଗୀ ଭିତ୍ତିରେ ଭିନ୍ନଭିନ୍ନ ହେଲେହେଁ ପୁରାଣ ଆଖ୍ୟାନ, ରୂପ ଆଖ୍ୟାନ, ରୂପକ ଅନ୍ତର୍ଗତ ମର୍ମର ଆକୃତିର ଆବିଷ୍କାର, ସଂପର୍କ ସ୍ଥାପନ, ଜୀବନରେ ଉପଯୋଗିତା ଏବଂ ମୂଲ୍ୟବୋଧର ପ୍ରତିଷ୍ଠାରେ ଓଡ଼ିଆ ପୁରାଣ ପୃଷ୍ଠାମାନ ରୁଦ୍ଧିମନ୍ତ ।*

*ଯୋଗ ମାର୍ଗରେ ପୁରାଣର ପ୍ରକଳ୍ପିତ ଆଖ୍ୟାନରୁ କଳାତ୍ମକ ଓ ଯୋଗ ଉପଯୋଗୀ ଜୀବନାନୁଭୂତିମୂଳକ ବ୍ୟବହାରିକ ଯୋଗଜ୍ଞାନ ନିର୍ଯ୍ୟାସ ମୀମାଂସା ସୂତ୍ରରେ ଆହରଣ କରି ପୁରାଣ ପ୍ରସଙ୍ଗକୁ ଶକ୍ତିଶାଳୀ କରିବା ସଙ୍ଗେ ସଙ୍ଗେ ପୁରାଣକବିଙ୍କର ସୃଜନ ପିପାସାକୁ ଚରିତାର୍ଥ କରିବା 'ଚରମ' ପୃଷ୍ଠାରେ ସଂପାଦନାର ଅନ୍ୟତମ ମୁଖ୍ୟ କର୍ତ୍ତବ୍ୟ । ଏହି ବୋଧରେ ଭକ୍ତବତ୍ସଳ ଠାକୁରଙ୍କର କରୁଣା ଓ କଲ୍ୟାଣ ହିଁ ଆମର ପାଥେୟ । ଯୋଗୀମାନଙ୍କର ଯୋଗତୃଷ୍ଣା ଚରିତାର୍ଥ ନିମନ୍ତେ ଏଥର ଏହି ପାଖୁଡ଼ାର ସମ୍ବେଦନ :*

## ପ୍ରକୃତିର ମହିମା ବର୍ଣ୍ଣନ ଓ ଶିବଙ୍କର ଗର୍ବ ଧ୍ୱଂସ

***ଶିବ ପୁରାଣ : ପ୍ରଥମ ଖଣ୍ଡ :***

ଋଷିଗଣ ସନ୍ଦେହ ମୋଚନ ପାଇଁ ସନତ୍‌କୁମାରଙ୍କୁ ପଚାରିଲେ, ''ହେ ମହାତ୍ମା ! ଯଦି ଅନାଦି-ପରମେଶ୍ୱର-ପରମବ୍ରହ୍ମଙ୍କର ନାମକୁ ବହନ କରି ଈଶ୍ୱର ଶିବ ଓ ପ୍ରକୃତି ପାର୍ବତୀ ହୋଇଛନ୍ତି, ତେବେ ଏ ଦୁହିଁଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ? ଦୟାକରି ବୁଝାଇ ଦିଅନ୍ତୁ ଓ ଆମ୍ଭମାନଙ୍କର ସନ୍ଦେହ ମୋଚନ କରନ୍ତୁ ।'' ସହାସ୍ୟ ବଦନରେ ସନତ୍‌କୁମାର କହିଲେ, ''ହେ ଋଷିଗଣ ! ଏ ଦୁହିଁଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଯେ ଶିବ, ସେହିଁ ପାର୍ବତୀ । ତଫାତ୍ କେବଳ ଏତିକି ଯେ, ପ୍ରକୃତି ଗୁଣରେ ଯୁକ୍ତ କିନ୍ତୁ ପୁରୁଷ ନିର୍ଗୁଣ । ତେଣୁ ପ୍ରକୃତିଙ୍କର ବଶରେ ସର୍ବଦା ଶିବ ରହିଥାନ୍ତି । ସେଥିପାଇଁ ସେ ସର୍ବଜ୍ଞ ଈଶ୍ୱର । ସେ ଯେତେବେଳେ ପ୍ରକୃତିରୁ ଭିନ୍ନ ହୋଇଥାନ୍ତି, ସେତେବେଳେ ତାଙ୍କର କୌଣସି ରୂପରେଖ ରହେ ନାହିଁ । ସତ୍ତ୍ୱ, ରଜ ଓ ତମ ଏହି ତ୍ରିଗୁଣକୁ ପୂର୍ଣ୍ଣମାତ୍ରାରେ ଧରି ପ୍ରକୃତି ସର୍ବଦା ଈଶ୍ୱରଙ୍କୁ ଆବୋରି ରହିଥାନ୍ତି । ପ୍ରକୃତିଙ୍କ ଶକ୍ତିରେ ଶିବ ସଗୁଣ ଭାବରେ ପରିଚିତ ହୁଅନ୍ତି । ବ୍ରହ୍ମା, ବିଷ୍ଣୁ ଆଦି ସର୍ବ ଦେବଗଣ ପ୍ରକୃତି ବଶରେ ଆବଦ୍ଧ ଥାଆନ୍ତି । ସେମାନଙ୍କର ପ୍ରକୃତି ଉପରେ କୌଣସି ଅଧିକାର ନଥାଏ । ଯିଏ ପ୍ରକୃତି ଆଗରେ ଗର୍ବ, ଅହଂକାର ଦେଖାନ୍ତି, ପ୍ରକୃତି ତାଙ୍କର ଗର୍ବ ତତ୍‌କ୍ଷଣାତ୍ ଚୂର୍ଣ୍ଣ କରିଦିଅନ୍ତି । ଏହାର ଏକ ଉଦାହରଣ ଦେଉଛି ଶୁଣ ।''

ଭୂଧର ଶୃଙ୍ଗରେ ଦିନେ ବିଶ୍ୱନାଥ ପାର୍ବତୀଙ୍କ କାନ୍ଧରେ ହସ୍ତଦେଇ ବସିଥିଲେ । ଦମ୍ପତି ଭାବରେ ଆଳାପ ଆଲୋଚନା କରୁଥିବା ସମୟରେ ହଠାତ୍ ଈଶ୍ୱରଙ୍କ ଶ୍ରୀଅଙ୍ଗରେ ପୁଲକ ଜାତ ହେଲା । ସେହି ଅବସ୍ଥାରେ ଶିବ କହିଲେ ''ଏ ସୃଷ୍ଟିରେ ମୋ ଠାରୁ ବଡ଼ କେହି ନାହିଁ । ମୁଁ ହିଁ ସୃଷ୍ଟି ସର୍ଜନା କରେ, ପାଳନ କରେ ଏବଂ ସଂହାର ମଧ କରେ । ଦେବ, ନର, ଯକ୍ଷ, କିନ୍ନର, ରାକ୍ଷସ, ନାଗ, ଇନ୍ଦ୍ର, ବ୍ରହ୍ମା, ବିଷ୍ଣୁ ଆଦି ସମସ୍ତେ ମୋର ବନ୍ଦନା କରନ୍ତି । ଜଗତ ଲୋକଙ୍କୁ ମୁଁ ସୁଖ, ଦୁଃଖ ଦିଏ । ମୋର ପାଦ ସେବା କରି କୁବେର ଅଳକାଭୁବନ ପାଇ ଧନେଶ୍ୱର ହୋଇଛି । ଇଚ୍ଛାକଲାମାତ୍ରେ ମୁଁ ଦିବ୍ୟରୂପ ବା ଭୟଙ୍କର ରୂପ ଧାରଣ କରିପାରେ । ବିଷଧର ନାଗମାନଙ୍କୁ ମୁଁ ଗଳାରେ ଧାରଣ କରିଛି । ଇନ୍ଦୁକଳା ମୋର ଲଲାଟରେ ବିରାଜମାନ କରିଛି । ଗଙ୍ଗାଦେବୀ ମୋର ଜଟାରେ ଅବସ୍ଥାନ କରିଅଛନ୍ତି । ମୋର ତୃତୀୟ ନୟନରୁ ଅନଳ ସୃଷ୍ଟି ହୋଇ ସୃଷ୍ଟି ଦଗ୍ଧ କରିଦିଏ । ଋଷିଗଣ ସର୍ବଦା ମୋତେ ହିଁ ଧ୍ୟାନ କରୁଅଛନ୍ତି । ବ୍ରହ୍ମା ମୋରି ଆଜ୍ଞାରେ ଏ ସୃଷ୍ଟି ରଚନା କରିଅଛନ୍ତି । ତେଣୁ ମୁଁ ହିଁ ସର୍ବଦେବ ଶ୍ରେଷ୍ଠ ।''

ଶିବଙ୍କର ଏତାଦୃଶ ଗର୍ବକୁ ଆଦିଶକ୍ତି ମହାମାୟା ଦୁର୍ଗା ସହ୍ୟ କିରପାରିଲେ ନାହିଁ । ତାଙ୍କର ଗର୍ବ ଧ୍ୱଂସ କରିବାକୁ କ୍ଷଣିକ ମଧ୍ୟରେ ଅପୂର୍ବ ମାୟା ରଚନା କଲେ । କାଦୁଅ ମାଟି ପୁଳାଏ ଧରି ଯତ୍ନରେ ଦଳି ଦେଲେ ଓ ଶିବଙ୍କୁ ଧରାଇ ଦେଲେ । ଶିବ ଦେଖିଲେ, ସେ ଗୁଳାରେ ହୀରା, ନୀଳା, ମୋତି, ମାଣିକ୍ୟ, ମର୍କତମଣି, ବୈଦୁର୍ଯ୍ୟ ମଣି ଆଦି ନାନା ଦିବ୍ୟ ରତ୍ନ ଲାଗିଛି । ଅପୂର୍ବ ତେଜରେ ଗୁଳାଟି ଝଟକୁଛି । ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲେ ସଦାଶିବ । ତା ପରେ ପୁଣି ଦେଖିଲେ ଗୁଳାଟିରେ ଏକ ପ୍ରବେଶ ଦ୍ୱାର । ଦ୍ୱାରରେ ରତ୍ନଖଚିତ ସ୍ୱର୍ଣ୍ଣ ନିର୍ମିତ କବାଟ । କବାଟ ସ୍ପର୍ଶ କଲାମାତ୍ରେ ଖୋଲିଗଲା । ଦ୍ୱାର ପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଈଶ୍ୱର ଦେଖିଲେ ଏକ ବିସ୍ତୀର୍ଣ୍ଣ ପଡ଼ିଆ । ଶ୍ୟାମ ବର୍ଣ୍ଣ ଦୂର୍ବାରେ ପୂର୍ଣ୍ଣ । ଭିତରେ ଏକ ସୁନ୍ଦର ଉପବନ । ନାନା ତରୁଲତାରେ ଉପବନଟି ସୁଶୋଭିତ । ପୁଣି ଦେଖିଲେ ଦିବ୍ୟ ପୁଷ୍କରିଣୀ ବିଭିନ୍ନ ସ୍ଥାନରେ ଅଛି । ସେଥିରେ ଅତି ମନୋରମ କମଳ ପ୍ରସ୍ଫୁଟିତ । ପ୍ରତି ପାଦପର ମୂଳରେ ସୁବର୍ଣ୍ଣର ବେଦୀ । ଶେଷରେ ଆଉ ଏକ ଦ୍ୱାର ଦେଖିଲେ । ସେ ଦ୍ୱାରରେ ଆଉ ଜଣେ ଶିବ ଅଛନ୍ତି । ତାଙ୍କର ଦଶଗୋଟି ମୁଖ ଓ ପ୍ରତିମୁଖରେ ତିନି ତିନି ନେତ୍ର ବିରାଜୁଛି । ଜଟାଜୁଟ ସମାଯୁକ୍ତ ହୋଇ ଜଟାରେ ଗଙ୍ଗାଦେବୀଙ୍କୁ ଧାରଣ କରିଛନ୍ତି । ଡ଼ମ୍ବରୁ, ପିନାକ, ମୃଗ, ଶୂଳ ଆଦି ଆୟୁଧ ଧାରଣ କରିଅଛନ୍ତି । ମୁଖରେ ''ଜୟତୁ ପ୍ରକୃତି ଦେବୀ'' ବୋଲି ଉଚ୍ଚାରଣ କରୁଛନ୍ତି । ଏହାଦେଖି ଅତି ବିସ୍ମିତ ଭାବରେ ପଞ୍ଚମୁଖ କୋଳିୟା ଦ୍ୱାରକୁ ଲଙ୍ଘି ଭିତରକୁ ପ୍ରବେଶ କଲେ । ସେଠାରେ ଆହୁରି ଅଦ୍ଭୁତ ଦୃଶ୍ୟ ଦେଖିଲେ । ସେଠାରେ ଅସଂଖ୍ୟ ଦେବଗଣ ଅଛନ୍ତି । କେତେ ବ୍ରହ୍ମା, କେତେ ଶିବ କେତେ ନାରାୟଣ ଅଛନ୍ତି ତା'ର ଇୟତ୍ତା ନାହିଁ । ଏହିସବୁ ଅତି ଅଦ୍ଭୁତ ଦୃଶ୍ୟ ଦେଖି ଦେଖି ଆଗେଇ ଚାଲିଲେ । ପଥମଧ୍ୟରେ ଆଉ ଏକ ରତ୍ନପୁର ଦେଖିଲେ । ଅତି ଦୁର୍ଲ୍ଲଭ ଏହି ରତ୍ନପୁରରେ ରତ୍ନ ସିଂହାସନ ଉପରେ ବିରାଜମାନ କରିଛନ୍ତି ପ୍ରକୃତି ଦେବୀ । ବ୍ରହ୍ମା, ବିଷ୍ଣୁ ଦୁହେଁ ହାତଯୋଡ଼ି ତାଙ୍କର ସମ୍ମୁଖରେ ଠିଆ ହୋଇଛନ୍ତି । ଶିବ ଆନନ୍ଦମନରେ ନୃତ୍ୟ କରୁଛନ୍ତି, ଇନ୍ଦ୍ରାଦି ଅମରଗଣ ସେବକ ରୂପରେ ତାଙ୍କର ପାଦ ବନ୍ଦନା କରୁଛନ୍ତି । ସନକାଦି ଋଷିଗଣ ସ୍ତୁତି କରୁଛନ୍ତି । ବିମଳା, କମଳା, ଆଦି ସର୍ବଶକ୍ତି ତାଙ୍କର ସେବା କରୁଛନ୍ତି । ଏହି ସମସ୍ତ ଦୃଶ୍ୟ ଦେଖି ଶିବଙ୍କର ମୋହ ଭଙ୍ଗ ହୋଇଗଲା । ମନେ ମନେ ବହୁତ ଲଜ୍ଜିତ ହେଲେ । ନିଜର ଗର୍ବପାଇଁ ଅନୁତାପ କଲେ । ତାପରେ ପାର୍ବତୀଙ୍କୁ ଚାହିଁ ଦେଖିଲେ ସେ ଯାହା ଯାହ ଦେଖୁଥିଲେ ଆଉ କିଛୁନାହିଁ, କେବଳ ପାର୍ବତୀ ତଳକୁ ମୁଖ ପୋତି ନିଜ ନଖରେ ମହୀକୁ ବିଦୀର୍ଣ୍ଣ କରୁଛନ୍ତି । ସ୍ୱାମୀ ଲଜ୍ଜା ପାଇ ଅନୁତପ୍ତ ହେବାର ଜାଣି ମାହେଶ୍ୱରୀ ପ୍ରେମଭରେ ଆଲିଙ୍ଗନ କଲେ ।

ସନତ୍‌କୁମାର ଏହି ଉପାଖ୍ୟାନ ଶୁଣାଇ କହିଲେ, ''ହେ ଋଷିଗଣ ! ପ୍ରକୃତିଙ୍କ ମହିମା ଶ୍ରବଣ କଲ । ନିଶ୍ଚିନ୍ତ ହୁଅ, ପ୍ରକୃତିଦେବୀଙ୍କୁ ଉପାସନା କରି ସନ୍ତୁଷ୍ଟା କରାଇଲେ ଅନାୟାସରେ ତରିଯିବ । ତାଙ୍କ ନିକଟରେ କଦାପି ଗର୍ବ କରିବ ନାହିଁ । କାରଣ ସେ କାହାରି ଗର୍ବ ସହ୍ୟ କରିପାରନ୍ତି ନାହିଁ । କେବଳ ପ୍ରେମ ଓ ଭକ୍ତିରେ ପ୍ରସନ୍ନା ହୁଅନ୍ତି ।

ବି:ଦ୍ର: ଉକ୍ତ ଗଳ୍ପାଂଶର ମୀମାଂସା ଖଣ୍ଡ ରତ୍ନବେଦୀର....୩୩.... ପୃଷ୍ଠାରେ ପଢ଼ନ୍ତୁ ।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ

*ସଂସାର ଗତିଶୀଳ । ସଂସାର ପରିବର୍ତ୍ତନଶୀଳ ମଧ୍ୟ । ସଂସାରର ଏହିଗତି ଓ ପରିବର୍ତ୍ତନ ସତତ ନିରବଚ୍ଛିନ୍ନ । ସମୟ ବା କାଳ ସ୍ଥିର, ସ୍ଥବିର, ଅଚଞ୍ଚଳ । ସ୍ଥିର ସମୟକୁ କେନ୍ଦ୍ରକରି ଅସ୍ଥିର ସଂସାର ତୀବ୍ର ବେଗରେ ପ୍ରଦକ୍ଷିଣ କରୁଛି ବୋଲି ଏବଂ ଆମ୍ଭେମାନେ ସମସ୍ତେ ସେହି ସଂସାର ପଥର ସତୀର୍ଥ ସହଯାତ୍ରୀ ହୋଇଥିବା କାରଣରୁ ଆମକୁ ସଂସାର ସ୍ଥିର ଓ ସମୟ ଗତିଶୀଳ ବୋଲି ପ୍ରତୀୟମାନ ହେଉଛି ।*

*ଘନ କୁହେଳିକା ଘେରା ସଂସାର ପଥର ଅଭିଯାତ୍ରୀ ମୋହ ପାଶରେ ପଡ଼ି ଆପଣାର ସ୍ଥିତି, ଗତି ଓ ପ୍ରକୃତିର ଆକଳନ କରିପାରେନା । କରି ପାରେନା ସ୍ମୃତି ସଂଚୟ-ଆପଣାର ପରିଚୟ ହଜାଇବସେ । ନାଟକର ଚରିତ୍ରକୁ ଆପଣେଇ ଘୋର ଦୁର୍ବିପାକର ଘୂର୍ଣ୍ଣିରେ ଜୀବନ ଓ ଜନ୍ମକୁ ବ୍ୟର୍ଥକରେ । ସେଥିରୁ ରକ୍ଷା ପାଇବା ପାଇଁ,*

**ସପ୍ତଦଶ ସଂଖ୍ୟାର ଅନୁଶ୍ରୁତିରୁ......... ଅନାସକ୍ତ ମୋହ**

ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀମୁଖପଦ୍ମରୁ **ସୁର୍ବାଗଂଜନ** ମୋହର ଅଷ୍ଟମ ପ୍ରକରଣ ସାକ୍ତ ବା ସାସକ୍ତ ମୋହର ବିବରଣୀ ଶୁଣି ପରମ ସନ୍ତୋଷ ଲାଭ କରି ଭକ୍ତପ୍ରବର ଜିଜ୍ଞାସୁ ଶିଷ୍ୟ **'ଅନାସକ୍ତ ମୋହ'** ବିଷୟରେ ଜାଣିବାର ଅଭିପ୍ରାୟ ପ୍ରକାଶ କରି ବିନମ୍ର ପ୍ରାର୍ଥନା କରନ୍ତି :

ଭୋ ଦେବ ! ଅନାସକ୍ତ ମୋହ । ବିଷୟଗୋଟି ଏବେ କୁହ ।।
ଏ ମୋହେ ପଡ଼େ ଯେଉଁ ପ୍ରାଣୀ । ଗତି ତା' କହିବ ବଖାଣି ।।

ଜିଜ୍ଞାସୁ ଶିଷ୍ୟର ହୃଦଗତଭାବ ଭାବଗ୍ରାହୀ ପରମ ଆନନ୍ଦରେ ଗ୍ରହଣ କରି ଜିଜ୍ଞାସାର ଉତ୍ତରରେ କହନ୍ତି ;

ଶ୍ରୀ ଗୁରୁସ୍ୱାମୀ ଉବାଚ :

''ଏ ମୋହେ ପଡ଼େ ଯେଉଁ ପ୍ରାଣୀ। ପ୍ରାପ୍ତି ତାହାର ହୁଏ ଜାଣି ।।
ଯେ ପ୍ରାଣୀ ବିଷୟା ଜଗତେ । ମୋହକୁ ତେଜଇ ଅଗ୍ରତେ ।।
ସୂକ୍ଷ୍ମରେ ପୀୟୂଷ ଜଗତ । କର୍ମ ସନ୍ୟାସେତି ଦୀକ୍ଷିତ ।।
ପ୍ରାଣୀର ସୂକ୍ଷ୍ମ ମନକୋଣ । ବିନ୍ଦୁ ମୋହରେ ଆଚ୍ଛାଦନ ।।
ହୁଅଇ ପ୍ରତିକ୍ଷଣେ ଘେନ । ଅନାସକ୍ତ ମୋହେ ପଡ଼ିଣ ।।

ଫଳରେ ଭଗବତ ପ୍ରାପ୍ତି । ହୁଅଇ ଘେନି ଯୋଗଶକ୍ତି ।।
ସଂସାରେ ବିଷୟର ସୁଖ । ହୁଏନା ତା'ର ଆକର୍ଷକ ।।
କେବଳ ଭଗବତ ପ୍ରାପ୍ତି । ମୋହରେ ମନ ବନ୍ଧା ଅତି ।।
ବିଭୂ ସାନିଧ ଲାଭ କରି । ଭବସାଗରୁ ଯାଏ ତରି ।।

ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ର କହନ୍ତି : ଗୁର୍ବାଗଂଜନ ମୋହର ନବମ ପ୍ରକରଣର ନାମ ହେଉଛି 'ଅନାସକ୍ତ ମୋହ' । ଯେଉଁ ପ୍ରାଣୀ ପୂର୍ବ ଜନ୍ମ ଜନ୍ମାନ୍ତରର ସାଧନା ଏବଂ ଯୋଗଶକ୍ତିର ପ୍ରାରବ୍ଧ ବଳରୁ ଅନାସକ୍ତ ମୋହରେ ପଡ଼େ ବା ପଡ଼ିଥାଏ, ତାହାର ଜୀବନ ଧନ୍ୟ ଏବଂ ଜନ୍ମ ସାର୍ଥକ ହୋଇଥାଏ । ଏହି ମୋହ ଜୀବକୁ ବିଷୟାର ବିଷଜଗତରୁ ଟାଣି ଆଣି ତ୍ୟାଗ ପଥରେ ଆଗେଇ ନେଇଥାଏ । ତେଣୁ ସେ ବିଷୟ ସଂଭୋଗକୁ ସହଜରେ ସର୍ବାଦୌ ତ୍ୟାଗ କରିଥାଏ । ସେ ସ୍ୱତଃ କର୍ମସନ୍ୟାସରେ ଦୀକ୍ଷିତ ହୋଇ ସୂକ୍ଷ୍ମରେ ପୀୟୁଷ ଜଗତର ବିମଳ ଆନନ୍ଦ ଲାଭ କରିପାରେ । ତାହାର ସୂକ୍ଷ୍ମ ମନକୋଣକୁ ବିଭୁପ୍ରେମ ଓ ବିଭୁମୋହ ଆଚ୍ଛାଦନ କରିଥାଏ । ନୈଶ ଆକାଶ ମେଘାଚ୍ଛନ୍ନ ହେଲେ, ଯେପରି କୋଟି କୋଟି ନକ୍ଷତ୍ର ଏବଂ ଚନ୍ଦ୍ର କିରଣ ପୃଥିବୀ ବକ୍ଷକୁ ସ୍ପର୍ଶ କରିପାରେ ନାହିଁ; ଠିକ୍ ସେହିପରି କର୍ମ ସନ୍ୟାସରେ ଦୀକ୍ଷିତ ଏବଂ ବିଭୁପ୍ରେମରେ ମୋହିତ ଜୀବର ମନପ୍ରାଣହୃଦୟକୁ ଅସଂଖ୍ୟ ବିଷୟଭୋଗବାସନା ଆଦୌ ସ୍ପର୍ଶ କରିପାରେ ନାହିଁ । ଫଳତଃ ଅନାସକ୍ତ ମୋହାବିଷ୍ଟ ପ୍ରାଣୀ ପ୍ରତିମୁହୂର୍ତ୍ତରେ ବିମଳ ବିଭୁପ୍ରେମରେ ପୁଲକିତ ହୁଏ । ଶେଷରେ ଏତାଦୃଶ ଅନାସକ୍ତ ମୋହାବିଷ୍ଟ ଅବସ୍ଥା ପରିପକ୍ୱ ହେଲେ, ଆପଣାର ସାଧନା ସୋପାନ ଏବଂ ଯୋଗଶକ୍ତି ଅନୁଯାୟୀ ଭଗବଦ୍ ପ୍ରାପ୍ତି ଲାଭ କରେ । ଏହି ଅନାସକ୍ତ ମୋହ ସାଧକ ଓ ଯୋଗୀମାନଙ୍କର ସାଧନ ସୋପାନ ଏବଂ ଯୋଗମାର୍ଗରେ ଅଗ୍ରଗତି କରିବାରେ ସହାୟକ; କ୍ଷତିକାରକ ନୁହେଁ । କାରଣ, ଏହି ମୋହ ବଶରୁ ଜୀବ ସଂସାରରେ ରହି ସଂସାରୀ ପରି ଜୀବନଯାପନ କରୁଥିଲେ ମଧ୍ୟ, ସଂସାରର ବିଷୟ ସୁଖ ସମ୍ଭୋଗ ତା'ର ମନକୁ ଆଦୌ ଆକର୍ଷଣ କରିପାରେନାହିଁ । ତେଣୁ, ସେ ଜାଗତିକ ସକଳ ବିଷୟରେ ନିର୍ଲିପ୍ତ, ନିରାସକ୍ତ ରହି ବିଭୁପ୍ରେମରେ ଆବିଷ୍ଟ ହୋଇ ରହିଥାଏ । ପରନ୍ତୁ କେବଳ ଭଗବଦ୍ ପ୍ରାପ୍ତି ମୋହରେ ତାହାର ମନ ପ୍ରାଣ ଦୃଢ଼ ପାଶରେ ବନ୍ଧା ହୋଇଥାଏ । ଜଗତର କୌଣସି ବିଷୟ ଏବଂ ସଂସାରର କୌଣସି ଆକର୍ଷଣ ତାହାକୁ ଆକୃଷ୍ଟ କରିପାରେ ନାହିଁ । ପରମାର୍ଥ ଲାଭ ନିମନ୍ତେ ସେ ସର୍ବଥା ଓ ସର୍ବଦା ବ୍ୟାକୁଳ ହୃଦୟରେ ଉଦଗ୍ରୀବ ହୋଇ ରହିଥାଏ । ହେ ବତ୍ସ ! ଏହା ପ୍ରଣିଧାନ ଯୋଗ୍ୟ ଯେ, ଶେଷରେ ଏହି ଅନାସକ୍ତ ମୋହାବିଷ୍ଟ ଜୀବ ବିଭୂ ସାନିଧ ଲାଭ କରି ଭବସାଗରର ଅଗାଧ ଜଳରୁ ତରିଯାଏ । ତାହାର ଜୀବନ ଧନ୍ୟ ହୁଏ, ଜନ୍ମ ସଫଳ ଓ ସାର୍ଥକ ହୁଏ ॥

ମର୍ତ୍ତ୍ୟଧାମରେ ମାନବ ଶରୀରରେ ଭୂମିଷ୍ଠ ହୋଇ ଜୀବ ମାୟାର କବଳରୁ ରକ୍ଷାପାଇ ଜଡ଼ତ୍ୱ, ମୂଢ଼ତ୍ୱ ପରିହାର ପୂର୍ବକ ସ୍ୱଚୈତନ୍ୟ ଫେରିପାଇବା ନିମନ୍ତେ ଗୁରୁଗ୍ରହଣ, ଗୁରୁ ବରଣ କରିବା ଏକାନ୍ତ ପ୍ରୟୋଜନ । ଶ୍ରୀ ଗୁରୁଦେବଙ୍କର ଧର୍ମଧାରା ଓ ଅଭ୍ୟାସ କର୍ମଯୋଗ ପଥରେ ବିଶ୍ୱାସ, ନିଷ୍ଠା, ଆନ୍ତରିକତା ଓ ସରଳତାର ସହିତ ଧୀରେ ଧୀରେ ଆଗେଇଲେ, ପର୍ଯ୍ୟାୟକ୍ରମେ ଶିଷ୍ୟ ଏହି ପରମ ହିତକାରୀ ଅନାସକ୍ତ ମୋହର ବଳୟ ମଧ୍ୟକୁ ଅବଶ୍ୟ ପ୍ରବେଶ କରି ସ୍ଥୂଳଜଗତର ସ୍ଥୂଳବିଷୟ ସୁଖ ସମ୍ଭୋଗକୁ ମିଥ୍ୟାଛଳନାରେ ଅମୃତ ମନେ ନ କରି ସତ୍ୟସନ୍ଧାନୀ ହୋଇ ଏହାକୁ ହଳାହଳ କାଳକୂଟ ବିଷ ମନେ କରି ସର୍ବାଦୌ ପରିତ୍ୟାଗ କରିବ । ଏହି ତ୍ୟାଗ ବ୍ରତରେ ରୂପାନ୍ତରିତ ହୋଇ ଯୋଗୀ ହୃଦୟରେ ସ୍ୱତଃ ଜ୍ଞାନସ୍ୱରୂପ ଉଦୟ ହେବ । ସେହି ଅବସ୍ଥାରେ ସେ ଆମର କରୁଣା ଓ କଲ୍ୟାଣ ଉପଲବ୍ଧ କରିବ ଏବଂ ଅନାସକ୍ତ ମୋହାବିଷ୍ଟ ହୋଇ ପରମାର୍ଥ ପଥର ପଥିକ ସାଜି ଭୂମି ନୁହଁ, ଭୂମାର ସନ୍ଧାନୀ ହେବ । ସେତେବେଳେ ବାହ୍ୟତଃ ତା'ର ଅନ୍ତଃକରଣର ସୂକ୍ଷ୍ମସତ୍ତା ଆଚରଣରେ ସ୍ପଷ୍ଟ ଫୁଟି ଉଠିବ । ଈଶ୍ୱରୋପଲବ୍ଧ ତା'ର ନିକଟବର୍ତ୍ତୀ ବୋଲି ବୁଝିବାରେ ଆଉ ଅସୁବିଧା ନଥିବ ॥



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ନାରୀ ସର୍ବଂସହା । ତେଣୁ ପୃଥିବୀ ସହିତ ନାରୀ ସହିଷ୍ଣୁଗୁଣରେ ସମତୁଲ୍ୟା । ନାରୀ ନିଶ୍ଚିତ ରୂପେ ମମତାମୟୀ । ନାରୀର ମମତା ପାଖରେ ବିଶ୍ୱର ସବୁ ଶକ୍ତି, ସବୁ ଦମ୍ଭ, ସବୁକିଛି ଯୁଗପତ୍ ହାର ସ୍ୱୀକାର କରିଛି ।*

*ନାରୀ : ଆମର ଜନନୀ, ଆମର ଭଗିନୀ, ଆମର କନ୍ୟା । ନାରୀ ହୃଦୟରେ ପରିପୂର୍ଣ୍ଣ ରହିଛି ସ୍ନେହ, ପ୍ରେମ, ତ୍ୟାଗ, ଅନୁରାଗ ଏବଂ ସହାନୁଭୂତି ଭଳି ଲାବଣ୍ୟଉଜ୍ଜ୍ୱଳ ସ୍ୱର୍ଗୀୟ ଭାବରାଜି । କିନ୍ତୁ, ଦୁର୍ଭାଗ୍ୟ ଆମର । ପ୍ରବୃତ୍ତିର କୁହେଳିକାରେ ପଥଭ୍ରଷ୍ଟ ହୋଇ ଆମେ ସାଜିଛୁ ନରକର କୀଟ ।*

*ନାରୀକୁ ସୌଖୀନ ଖେଳଣା ସଜାଇ, ମିଥ୍ୟାଚାରରେ ଖେଳୁଛୁ ଜୀବନର ପଣାଖେଳ । ପରିଣତି ଏହାର ଘୋର ସଙ୍କଟମୟ । ମୃତ୍ୟୁକୁ ଆଲିଙ୍ଗନ କରି ଅମୃତ ଅମରତ୍ୱଲାଭର ବୃଥା ଆସ୍ଫାଳନ ମାତ୍ର । ନିମିଷକ ମଧ୍ୟରେ ପାଣିଫୋଟକା ପରି ଏ ଦିବ୍ୟଜୀବନର ସଂଘାତ ଘଟିବ । ଜୀବନ ନାଟକର ଯବନିକା ପାତ ହେବ । ସାଧୁ ! ସାବଧାନ !!*

### ''ଯା ଜାୟା-ସା ଜନନୀ''

''ପତ୍ନୀର ଗରଭୁ ପତିର ଜନମ
ସ୍ରଷ୍ଟାଙ୍କ ବିଚିତ୍ର ରୀତି,
ପତି ପତ୍ନୀ ପୁଣି ଏକ ଅଙ୍ଗେ ରହି
ଧରନ୍ତି ଧରମ ନୀତି ।।''

ଲୀଳାମୟଙ୍କ ଲୀଳା ଅତି ବିଚିତ୍ର, ଅବୋଧ୍ୟ, ଅଗମ୍ୟ ତଥା ରହସ୍ୟମୟ । ରୂପ, ରସ, ଗୁଣ, କର୍ମର ଉର୍ଦ୍ଧ୍ୱରେ ଅବର୍ଣ୍ଣନୀୟ, ଅଚିନ୍ତ୍ୟ ଭାବରେ ସେ ବିରାଜିତ । ପୁଣି ନିଜ ଇଚ୍ଛାରେ ସେ ରୂପମୟ, ରସପୂର୍ଣ୍ଣ, ଗୁଣଯୁକ୍ତ ଓ କର୍ମଯୋଗୀ । ଅଣାକାର, ନିର୍ଗୁଣ ଅବସ୍ଥାରେ ସେ ପରମପୁରୁଷ, ପରମବ୍ରହ୍ମ, ଜ୍ୟୋତିର୍ମୟ । ସଗୁଣ ଅବସ୍ଥାରେ ସେ ମହାମାୟା, ଯୋଗମାୟା ଓ ପ୍ରକୃତି ଦେବୀ । ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କରିବାର ଅଭିଳାଷ ନେଇ ସ୍ୱଇଚ୍ଛାରେ ନିଜେ ନିଜକୁ ଦୁଇଭାଗରେ ବିଭକ୍ତ କରି ଦୁଇ ରୂପରେ ଦୁଇ ଭାବରେ ପରିଚୟ ଦେଲେ । ଯଥା ପୁରୁଷ ଓ ପ୍ରକୃତି । ପ୍ରକୃତିକୁ ସର୍ବଗୁଣଯୁକ୍ତ କରାଇ ନିଜେ ନିର୍ଗୁଣ, ନିଷ୍କ୍ରିୟ ଅବସ୍ଥାରେ ରହି ସ୍ୱରଚିତ ଲୀଳା ଆସ୍ୱାଦନ କରିବାରେ ଲାଗିଲେ । ପ୍ରକୃତି ଦେବୀଙ୍କ ସାହାଯ୍ୟରେ ଓ ତାଙ୍କ ଦ୍ୱାରା ସୃଷ୍ଟି ତିଆରି କରି ନିଜେ ପିତା ରୂପରେ ରହିଲେ ଓ ପ୍ରକୃତି ଦେବୀଙ୍କୁ ମାତା ରୂପରେ ପ୍ରତିଷ୍ଠିତ କରାଇଲେ । ଜୀବର ଉତ୍ପତ୍ତି, ଲାଳନ ପାଳନ ଦାୟିତ୍ୱ ମା' ପ୍ରକୃତି ଦେବୀ ରୂପରେ ଗ୍ରହଣ କଲେ । ପୁନଶ୍ଚ ଅବ୍ୟକ୍ତ ପୁରୁଷ ଭାବରେ ପ୍ରକୃତିକୁ ନିଜ ଅଙ୍ଗରେ ଗ୍ରହଣ କରି ଜୀବର କର୍ମଧାରା, କର୍ମଫଳର

ବିଚାର ଦାୟିତ୍ୱ ନିର୍ବାହ କଲେ । ତେଣୁ ନିଜେ ନିଜକୁ ପ୍ରକୃତି ରୂପିଣୀ ପତ୍ନୀ କୋଳରେ ସମ୍ଭବ କରାଇ ପରିଶେଷରେ ପତ୍ନୀଙ୍କୁ ନିଜଅଙ୍ଗରେ ମିଶାଇ ପରମବ୍ରହ୍ମ ହେଲେ ।

ଠିକ୍ ସେହି କ୍ରିୟାରେ ଏ ଜୀବଜଗତର ସୃଷ୍ଟି, ସ୍ଥିତି ଓ ବିଲୟ କର୍ମ ସଂପାଦନ ହୋଇ ଚାଲିଛି । ପରମପୁରୁଷଙ୍କ ଅଂଶରେ ପୁରୁଷ ବା ନର, ପ୍ରକୃତି ଦେବୀଙ୍କ ଅଂଶରେ ନାରୀର ସୃଷ୍ଟି ହୋଇଛି । ପରମପୁରୁଷ ବ୍ରହ୍ମଙ୍କର ବ୍ରହ୍ମବୀର୍ଯ୍ୟକୁ ନରର ଶରୀରରେ ଓ ପ୍ରକୃତି ଦେବୀଙ୍କର ହିରଣ୍ୟଗର୍ଭର ଶକ୍ତି, ସାମର୍ଥ୍ୟ ଓ ଗୁଣସମୂହକୁ ସତ୍ତ୍ୱ, ରଜ ଓ ତମ ନାରୀ ଅଂଗନେ ରୋପିତ କରାଯାଇଛି । ଲୀଳାମୟଙ୍କର ଲୀଳା ପର୍ଯ୍ୟାୟକୁ ଅବିରତ ଅବିଚ୍ଛିନ୍ନ ଭାବରେ ଧରାପୃଷ୍ଠରେ ସାଇତି ରଖିବାର ଅଭିଳାଷରେ ଏହି ପୁରୁଷ ଓ ପ୍ରକୃତି ଅଂଶରେ ସୃଷ୍ଟ ନର ଓ ନାରୀଙ୍କୁ ପତି ଓ ପତ୍ନୀ ଭାବରେ ଆବଦ୍ଧ କରାଯାଇଛି । ପୁରୁଷ ଓ ପ୍ରକୃତି ଏକ, ଅଭିନ୍ନ ହୋଇଥିବାରୁ ପରସ୍ପର ଅତିନିବିଡ଼ ଭାବରେ ପ୍ରେମସୂତ୍ରରେ ବନ୍ଧନ ହୋଇଥାନ୍ତି । ସେଥିପାଇଁ ପତି ଓ ପତ୍ନୀଙ୍କର ସଂପର୍କ ଅତୀବ ମହନୀୟ, ସ୍ୱର୍ଗୀୟ ଓ ଏକାନ୍ତ । ଏ ଦୁଇ ଜଣଙ୍କୁ ଏକତ୍ରିତ କରାଇ ପୁରଷର ବ୍ରହ୍ମବୀର୍ଯ୍ୟ ଓ ନାରୀର ରଜଃ (ଗୁଣସମୂହ)କୁ ଏକତ୍ର କରାଇ ପବିତ୍ର ମାତୃ ଜରାୟୁରେ ସ୍ଥାପନ କରନ୍ତି । ବ୍ରହ୍ମଅଂଶର ସ୍ମାରକ ବହନ କରି ଏହି ମାତୃଗର୍ଭରୁ ସନ୍ତାନ ଜନ୍ମ ନିଏ ଏବଂ ନିଜ ପିତାଙ୍କ ବଂଶର ସ୍ୱାକ୍ଷର ବହନ କରେ ।

ଏକ ମହୁଭାଣ୍ଡରୁ କ୍ଷୁଦ୍ରାତି କ୍ଷୁଦ୍ର କଣିକା ରୂପରେ ଯଦି ମହୁ ବିଚ୍ଛୁରିତ ହୋଇଯାଏ, ତେବେ ପ୍ରତିଟି ଅଣୁକଣିକା ଯେଉଁ ସ୍ଥାନରେ ଯେପରି ଅବସ୍ଥାରେ ଥାଉନା କାହିଁକି ତା'ର ସେହି ସଂଜ୍ଞା ''ମହୁ'' ହରାଇପାରେନା । ସେହିପରି ବରଗଛ ବା ଯେ କୌଣସି ଉଦ୍ଭିଦ, ପଶୁ, ପକ୍ଷୀ ଆଦିଙ୍କ ଠାରୁ ବଂଶାନୁକ୍ରମିକ ଭାବରେ ବୀଜ ବିକ୍ଷେପ ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ଅଂଶ ସେହି ନାମ, ଗୁଣ ଓ କର୍ମକୁ ଗ୍ରହଣ କରିଥାଏ ଓ ସେହିଭାବରେ ପରିଚିତ ହୁଏ । ଅନୁରୂପ ପ୍ରଣାଳୀରେ ମନୁଷ୍ୟର ବଂଶ ଉଦ୍‌ଭବ ହୋଇଥାଏ । ପତି ଓ ପତ୍ନୀର ସଂଗମରୁ ପତିର ବ୍ରହ୍ମବୀର୍ଯ୍ୟକୁ ନିଜର ରେତ ସହିତ ସଂଯୋଗ କରାଇ ପତ୍ନୀ ନିଜର ଜରାୟୁରେ ସ୍ଥାନ ଦିଏ ଓ ପତିର ସ୍ମାରକକୁ ସନ୍ତାନ ରୂପରେ ଜନ୍ମ ଦିଏ । ଏହି ବ୍ରହ୍ମବୀର୍ଯ୍ୟ ହିଁ 'ବ୍ରହ୍ମାଣ୍ଡ' ନାମରେ ନାମିତ । ପତି ଓ ତା'ର ବ୍ରହ୍ମାଣ୍ଡ ବସ୍ତୁତଃ ଏକ ହିଁ ଅଟନ୍ତି । ସୁତରାଂ ପତ୍ନୀର ଗର୍ଭରୁ ହିଁ ପତିର ଜନ୍ମ ହୋଇଥାଏ । ସେଇଥିପାଇଁ ପତ୍ନୀକୁ ଏକାଧାରରେ ଜାୟା ଓ ଜନନୀ ରୂପରେ ଗ୍ରହଣ କରିବାକୁ ଶାସ୍ତ୍ରର ନିର୍ଦ୍ଦେଶ ।

ବିଚିତ୍ରକର୍ମାଙ୍କର ଏହି ରହସ୍ୟମୟ ଲୀଳାକୁ ନିଜର ଆତ୍ମସମୀକ୍ଷା କରି ଗମ୍ଭୀର ଭାବରେ ଚିନ୍ତାକଲେ ସ୍ପଷ୍ଟ ହୋଇଯାଏ ଯେ, ସୃଷ୍ଟି ଚକ୍ରରେ ନାରୀର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଓ ସେ କପରି ନାନାଦି ନିର୍ଯ୍ୟାତନା ମଧ୍ୟରେ ସ୍ରଷ୍ଟାଙ୍କ ଇଚ୍ଛାକୁ ସାକାର କରି ଚାଲିଛି । ତେଣୁ ଯୁଗେ ଯୁଗେ ସେ ଚିର ବନ୍ଦନୀୟା, ପୂଜ୍ୟାର ଆସନ ଅଳଙ୍କୃତ କରିଛି ।

ମାତ୍ର ମହାମାୟାଙ୍କ ମାୟାଜାଲରେ ଛନ୍ଦି ହୋଇ ଆଜି ଏ ସମାଜ ଅନ୍ଧତ୍ୱକୁ ହିଁ ଗ୍ରହଣ କରିନେଇଛି । କେବଳ ସୃଷ୍ଟି ଉତ୍ପତ୍ତି, ପାଳନ ଓ ସଂହାର କ୍ରିୟାକୁ ସଂପାଦନ କରିବାର ଦାୟିତ୍ୱ ନେଇ ପ୍ରକୃତିଦେବୀଙ୍କର ଅଂଶରେ ଧରାପୃଷ୍ଠକୁ ଅବତରଣ କରିଥିବା ମମତାମୟୀ ନାରୀକୁ ଇନ୍ଦ୍ରିୟାଦି ରିପୁଗଣଙ୍କର ଦାୟିତ୍ୱ ବନ୍ଧନରେ ବନ୍ଦୀ ହୋଇଥିବା ପୁରୁଷ ଏକ କ୍ରୀଡ଼ନକ ତଥା ଭୋଗ୍ୟ ବସ୍ତୁରେ ପରିଣତ କରିଦେଇଛି । ଏହି ଉଚ୍ଛୃଙ୍ଖଳତାର ବାହକ ପିତାର ଅବିମୃଶ୍ୟକାରିତା ସ୍ମାରକକୁ ପ୍ରକୃତି ରୂପିଣୀ ପତ୍ନୀ ତାର ଗର୍ଭରେ ଧାରଣ କରିବାକୁ ବାଧ ହେଉଛି । ଫଳରେ ଧରିତ୍ରୀ କୋଳରେ ସୁସନ୍ତାନ ପରିବର୍ତ୍ତେ ଅବାଞ୍ଛିତ ବଂଶୋଦ୍‌ଭବଙ୍କର ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି । ସେମାନଙ୍କର ପ୍ରାଦୁର୍ଭାବରେ ନାରୀର ମର୍ଯ୍ୟାଦା କ୍ରମାଗତ ଭାବରେ ଧ୍ୱଂସ ହୋଇ ଯାଉଛି । ଯେ ପର୍ଯ୍ୟନ୍ତ ପୁରୁଷମାନେ ନିଜର ଆତ୍ମସମୀକ୍ଷା କରି ପତ୍ନୀ ବା ନାରୀକୁ ମାତୃତ୍ୱର ମର୍ଯ୍ୟାଦା ଦାନ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସୁପୁରୁଷଙ୍କ ବଂଶ ବିସ୍ତାର ଓ ଶାନ୍ତି ପ୍ରତିଷ୍ଠା ସଂପୂର୍ଣ୍ଣ ଅସମ୍ଭବ ।

ତେଣୁ ହେ ଅମୃତର ସନ୍ତାନ ! ଆତ୍ମସ୍ଥ ହୁଅ । ନିଜକୁ ଉପଲବ୍ଧ କର । ନାରୀର ଆବଶ୍ୟକତା, ମହନୀୟ ଭୂମିକାକୁ ନିବିଡ଼ ଭାବରେ ଅବଲୋକନ କର ଓ ତଦନୁଯାୟୀ ମାତୃତ୍ୱର ବନ୍ଦନା କର, ମର୍ଯ୍ୟାଦା ଦିଅ । ସୁଚରିତ୍ରର ଅସ୍ତ୍ର ଉତ୍ତୋଳନ କରି ପରମପୂଜ୍ୟା ଧରିତ୍ରୀକୁ ଧ୍ୱଂସ ମୁଖରୁ ରକ୍ଷାକର ।

"ତୁମେ ଜାୟା ତୁମେ ଜନନୀ
ତୁମେ ପୁଣି ଭଗିନୀ ।
ଧରାରେ ତୁହାଅ ମମତା
ସ୍ନେହ ପ୍ରେମ ତଟିନୀ ॥"

ପରମେ ଚରମ ନରମ ପଙ୍କା,
ଗରମେ ଗ୍ରୀଷମ ଘୋଡିଛି କନ୍ଥା,
ଯନ୍ତାପାତି ଦନ୍ତା ଧରିବା ପାଇଁ,
ବେଳ ରତରତ ରାତି ତୋ କାହିଁ ??

ଭେକ ଭୁକ ଭିକ ଭିକାରୀ ଧନ୍ଦା,
ଠିକେ ଠକ ଠକ ଠକାଳି ଫନ୍ଦା,
ଜନ୍ଦା ପିମ୍ପୁଡ଼ି ଏ ଚରମେ ରସି,
ଗଡ଼ ତୋଡ଼ ଫୋଡ଼ ପରମେ ଫଶି ॥

ଦିନ ବିତିଯାଏ ଗରବ ଛାଡ଼,
ପଦ ମର୍ଯ୍ୟାଦାର ପାଖ ନମାଡ଼ ।
ଆଗକୁ ଖମାଣ ଅଛିହିଁ ଗାଡ଼,
ତହିଁ ପଡ଼ିଗଲେ ଭାଙ୍ଗିବ ହାଡ଼ ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବ

ମାୟାର କୋଳରେ ଜନମ ଦେଇଛ
ବାନ୍ଧିଛ ମମତା ଜାଲେ ।
ବନ୍ଧନ ଫିଟାଇ ବ୍ରହ୍ମାଣ୍ଡ ଦେଖାଇ
ନିଅ ଥରେ ତୋଳି କୋଳେ ॥

*ଶିଶୁକୁ ଚପଳମତି କହି ସମାଜ ଗୁରୁତ୍ୱ ଦିଏ ନାହିଁ । କିନ୍ତୁ ଲୀଳାବିଧୃତ କଳେବର ଭକତ ଭୋଳାଙ୍କର ଲୋଡ଼ା ସେହିପରି ଚପଳମତି ମାନଙ୍କର ସରଳ ମନ । ସେଇମାନଙ୍କୁ ଏକାନ୍ତ ଭାବରେ ନିଜର କରି ତାଙ୍କ ହସରେ ହସି, କାନ୍ଦରେ କାନ୍ଦି ଲୀଳାରଚନା କରିବାରେ ସେ ପାଆନ୍ତି ଆନନ୍ଦ । କିନ୍ତୁ ସେତକ ତାଙ୍କୁ ଦେଉଛି କିଏ ? ଯିଏ ଦେଉଛି ସେ ପାଉଛି.....*

''ଚରମ'': ଚତୁର୍ଥ ପୁଷ୍ପ : ଚତୁର୍ଥ ପାଖୁଡ଼ା : ସପ୍ତଦଶ ସଂଖ୍ୟାର ଅନୁଶ୍ରୁତିରୁ-

## 'ମୋହନ ବଂଶୀ'

ସୁଦୂର ଋଷିକେଶରେ ଦେବାଶିଷର ଆଖିରେ ଲୁହ, ରାଧାକୃଷ୍ଣ ବିଗ୍ରହଙ୍କ ଆଖିରେ ଲୁହ ଏବଂ ଏଠାରେ ନିଜ ଆଶ୍ରମରେ ପ୍ରଭୁଙ୍କ ଅନ୍ତରରେ କୋହ । ଦୁଃଖରେ ଫାଟି ପଡୁଛି ଭକତ ବାଉଳା ପ୍ରେମମୟଙ୍କ ହୃଦୟ । ନୀରବ, ଗମ୍ଭୀର । ଯାହା ପଚାରିଲେ ବି ଉତ୍ତର ନାହିଁ । ଋଷିକେଶରେ ଦେବାଷିଶର ଆଖିର ଲୁହକୁ ପୋଛିଦେଲେ ସନ୍ୟାସୀ । ସେଠାରେ ବିଗ୍ରହଙ୍କ ଆଖିରୁ ଲୁହଧାର ଆପେ ଆପେ ପୋଛି ହୋଇଗଲା । ଏଠାରେ ପ୍ରଭୁଙ୍କର ଗମ୍ଭୀରତା କଟିଗଲା, ଭାଙ୍ଗିଗଲା ନୀରବତା, ଫୁଟିଉଠିଲା ଟେନାଏ ହସ ଶ୍ରୀରଙ୍ଗାଅଧରରେ । ଆଶ୍ଚର୍ଯ୍ୟ ହୋଇଗଲେ ଋଷିକେଶରେ ସନ୍ୟାସୀ । ଚକିତ ହୋଇଗଲେ ଶୂନ୍ୟ ସତ୍ତାଧାରୀ ସୂକ୍ଷ୍ମାତ୍ମାମାନେ । କି ଅଦ୍ଭୁତ ଭକ୍ତପ୍ରେମ । ଧନ୍ୟ ଦେବାଶିଷ ! ଧନ୍ୟ ଦେବାଶିଷ ! ଧନ୍ୟ ତୋ'ର ଭକ୍ତିର ଉଲ୍ଲାସ ।

ଦିନପରେ ଦିନ ଗଡ଼ିଚାଲେ । ଦେବାଶିଷ ଧୀରେ ଧୀରେ ସୂକ୍ଷ୍ମସତ୍ତାଙ୍କର ନିକଟରୁ ନିକଟତମ ହୋଇ ଆଗେଇ ଚାଲିଛି । ସନ୍ୟାସୀ ଜଣକ ଦିନକୁ ଦିନ ହତଚକିତ ହୋଇ ଯାଉଛନ୍ତି । କି'ଏ ଏହି ଆଶ୍ଚର୍ଯ୍ୟ ବାଳକ ? ଯାହାର ହସରେ ତାଙ୍କର ଆରାଧ ''ରାଧାକୃଷ୍ଣ'' ହସୁଛନ୍ତି, କାନ୍ଦରେ କାନ୍ଦୁଛନ୍ତି । ଦୀର୍ଘ ଦିନର ଉପାସନା ପରେ ବି କିଞ୍ଚିତ ଅନୁଭୂତି ପାଇନଥିଲେ । କିନ୍ତୁ ଆଜି ଏଇ ଅଦ୍‌ଭୂତ ବାଳକ, ପ୍ରଭୁ ପରମେଶଙ୍କ ଅଲିଅଳ ଧନ ''ଦେବାଶିଷ''ର ପୁଣ୍ୟର ପ୍ରଭାବରେ ଅଜାଡ଼ି ହୋଇପଡୁଛି ଅନୁଭୂତିର ଅଜସ୍ରପାଖୁଡ଼ା । ତେଣୁ ''ରାଧାକୃଷ୍ଣ''ଙ୍କ ଅପେକ୍ଷା ଆହୁରି ନିଜର କରି ନେଇଛନ୍ତି ସେ ଏଇଦେବ ଶିଶୁଟିକୁ ।

ସେଦିନ ଜନ୍ମାଷ୍ଟମୀ ହୋଇଥାଏ । ବିଗ୍ରହଙ୍କ ପୂଜା ପାଇଁ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରି ରଖିଛନ୍ତି ସନ୍ୟାସୀ । ଦେବାଶିଷକୁ ଜଗିବାକୁ ନିର୍ଦ୍ଦେଶ ଦେଇ ସଂକଳ୍ପ ଓ ପୂଜା ପାଇଁ ପାଣି ଆଣିବାକୁ ବାହାରକୁ ଚାଲିଯାଇଛନ୍ତି । ଏଇ ସମୟରେ କୌଣସି ମନ୍ତ୍ର ଶିଖି ନଥିବା ସରଳମତି ଭକତକୁଳଚନ୍ଦ୍ରମା ଦେବାଶିଷର ମନେ ପଡ଼ିଯାଇଛି ପୂର୍ବର ଅନୁଭୂତି । କିପରି ସେ ପ୍ରଭୁଙ୍କୁ ଆଶ୍ରମରେ ଚକୋଲେଟ୍ ଖୁଆଇ ଦେଉଥିଲା ? ପ୍ରଭୁ କିପରି ତାକୁ କୋଳକୁ ନେଇ ଖୁଆଇ ଦେଉଥିଲେ ? ହଠାତ୍ ଭାବ ବିହ୍ୱଳ ହୋଇଯାଇଛି । ଜ୍ଞାନଶୂନ୍ୟ ପ୍ରାୟ ସେଠାରେ ପୂଜାପାଇଁ ଥିବା କଦଳୀ ଓ ନଡ଼ିଆରୁ କେତୋଟି ଧରି ଟେକି ଦେଉଛି । ''ପ୍ରଭୁ ! ସେ ଦିନ ସେଠାରେ ଚକୋଲେଟ୍ ଖାଇଥିଲ । ଆଜି ମୁଁ କାହିଁ କେତେଦୂରରେ । ମୋର ଏହି କଦଳୀ ଗ୍ରହଣ କରିବନି ପ୍ରଭୋ !'' ଆପେ ଆପେ ବିଗ୍ରହର ହାତ ଲମ୍ବିଆସିଛି ଏବଂ କଦଳୀକୁ ଦେବାଶିଷର କୁନିହାତରୁ ନେଇଯାଇଛି । ପ୍ରଣାମ କରିଛି ଆନନ୍ଦାଶ୍ରୁ ଦେଇ ଦେବାଶିଷ । ତଥାପି ପ୍ରଭୁଙ୍କର ମନ ବୋଧ ହୋଇନାହିଁ । ଭକ୍ତର ଶ୍ରେଷ୍ଠତ୍ୱ ଆହୁରି ଉର୍ଦ୍ଧ୍ୱକୁ ଟେକି ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଦେବାଶିଷ ପ୍ରଣାମ କରିବା ସମୟରେ ଏକ ବିରାଡ଼ି ଆସି ଦେବାଶିଷର ପେଟକୁ ନଖରେ ଆମ୍ପୁଡ଼ି ଦେଇଛି । ରକ୍ତଟିକେ ବାହାରି ଆସିଛି । ଅଦୂରରେ ସନ୍ୟାସୀ ଆନନ୍ଦରେ ବିହ୍ୱଳ ହୋଇ ଗୋପନରେ ଲକ୍ଷ୍ୟ କରୁଛନ୍ତି ଭକ୍ତ ଓ ଭଗବାନଙ୍କର ଏହି ଆବେଗଭରା ପରିବେଶକୁ । ବିରାଡ଼ିର ଆଘାତ ଦେଖି ସଂଗେ ସଂଗେ ଛୁଟି ଆସିଛନ୍ତି । ବ୍ୟାକୁଳ ହୋଇ ବିଗ୍ରହଙ୍କୁ ଚାହିଁଲା ବେଳକୁ ସିଂହାସନର ପଛପାଖେ ଅପୂର୍ବ ଜ୍ୟୋତିଃର ଆଭା ଫୁଟି ଉଠିଛି । ଯୁଗଳ ପ୍ରତିମା ସତେ ଯେପରି ପାଗଳ ହୋଇଯାଇଛନ୍ତି ଭକ୍ତ ପ୍ରେମରେ ଆଉ ଯେପରି ତାଙ୍କୁ ସୂଚନା ଦେଉଛନ୍ତି, ''ଦେଖ ସନ୍ୟାସୀ ! ତୁମର ଏ ପ୍ରେମଭରା ଅନୁଭୂତି, ଦର୍ଶନ କେବଳ ଦେବାଶିଷ ପାଇଁ । ତା ନିକଟରେ କୃତଜ୍ଞ ହୁଅ ।'' କିନ୍ତୁ ଏ କ'ଣ ? ଦେବାଶିଷର ଯେଉଁ ସ୍ଥାନରେ ରକ୍ତ-ବିଗ୍ରହଙ୍କର ଠିକ୍ ସେହି ସ୍ଥାନରେ ରକ୍ତ । ଭାବ ବିହ୍ୱଳ ହୋଇଗଲେ ସନ୍ୟାସୀ । ଦେବାଶିଷର କ୍ଷତକୁ ପୋଛି ଦେଇ ଔଷଧ ଲଗାଇଦେଲେ ଓ ଆନନ୍ଦରେ କୋଳକୁ ନେଇଗଲେ ପ୍ରଭୁଙ୍କ ଗେଲବସରର ଦେବାଶିଷକୁ ।

ସନ୍ୟାସୀଙ୍କ କୋଳର ଆକର୍ଷଣରେ ଦେବାଶିଷ ଆହୁରି ବ୍ୟାକୁଳ ହୋଇଉଠିଲେ । ପ୍ରଭୁଙ୍କ କୋଳ କଥା ତା'ର ବାରମ୍ବାର ସ୍ମରଣ ଆସିଲା । ମନ କାନ୍ଦିଉଠିଲା, ଫେରି ଆସି ବାପା, ମାଆ ଓ ପ୍ରଭୁଙ୍କୁ ଦେଖିବା ପାଇଁ । ସନ୍ୟାସୀ ବହୁତ ସ୍ନେହରେ ବୁଝାଇ ସୁଝାଇ ତାକୁ ରଖିଲେ । ତାପରେ ଧିରେ ଧିରେ ଦେବାଶିଷ ବୁଝିଯାଇଛି । ଇତିମଧ୍ୟରେ ଚାରିମାସ ବିତିଯାଇଛି ।

ଜାନୁୟାରୀ ମାସ, ନଅ ତାରିଖ, ୧୯୯୭ ଗୁରୁବାର ପବିତ୍ର ବକୁଳଲାଗି ଅମାବାସ୍ୟା । ସକାଳୁ ପ୍ରଭୁ ଆଜି ବହୁତ ଗମ୍ଭୀର । କେହି ପାଖେ ପଶି ପାରୁନାହାଁନ୍ତି । ଏହି ଭାବଗମ୍ଭୀର ଅବସ୍ଥା ସମୟରେ ଦେବାଶିଷର ମମତାମୟୀ ମା' ଅତିକରୁଣ ଭାବ ନେଇ ପୁଅର କୁଶଳ ବାର୍ତ୍ତା ବୁଝିବାକୁ ପ୍ରଭୁଙ୍କ ନିକଟରେ ପହଞ୍ଚିଛନ୍ତି । ମାତ୍ର ମନରକଥା ପ୍ରକାଶ କରିବାର ସୁଯୋଗ ପାଇ ନାହାନ୍ତି । ତାଙ୍କୁ ଦେଖିବା ମାତ୍ରେ ପ୍ରଭୁ କହୁଛନ୍ତି ''ଆଜି ମୋର ମନ ମଧ୍ୟ ମୋ ଦେବାଶିଷ ପାଇଁ ବ୍ୟାକୁଳ ହୋଇ ଉଠିଛି । ଆଉ ତାକୁ ଦୂରରେ ରଖିବି ନାହିଁ । ଆଜି ହିଁ ତା'ର କାମସାରି ତାକୁ ଘରକୁ ଫେରାଇଆଣିବି ।'' ଆନନ୍ଦରେ ଅଧିରା ହୋଇ ପ୍ରଣାମ ଜଣାଇ ଫେରିଯାଇଛନ୍ତି ସ୍ନେହମୟୀ ଜନନୀ ।

ଋଷିକେଶ-ଦେବାଶିଷ ଆଜି ଆଉ କିଛି ଶୁଣିପାରୁନାହିଁ । ସନ୍ନ୍ୟାସୀଙ୍କ କୌଣସି କଥା କାନକୁ ନେଉନାହିଁ । ଚୁପ୍ ଚାପ୍ ବସିରହିଛି । ନିଷ୍କଳ ଭାବ । ଅପଲକ ନୟନ । ନୟନ କୋଣରେ ଆନନ୍ଦାଶ୍ରୁ । ଶରୀରର ସମସ୍ତ ଅଙ୍ଗ ଅବୟବ ସ୍ଥିର । ସତେ ଅବା ମହାଯୋଗୀ ଯୋଗେଶ୍ୱର ନିର୍ବିକଳ୍ପ ସମାଧିରେ ସମାଧୀସ୍ଥ ! ସଂଧ୍ୟା ନଇଁ ଆସିଛି । ଅମାବାସ୍ୟାର ଅନ୍ଧକାର ତା'ର ରାଜତ୍ୱ ବିସ୍ତାର କରିଦେଇଛି । ମାତ୍ର ହଠାତ୍ ଉଇଁ ଆସିଛି ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ଦେବାଶିଷର ଭାଗ୍ୟାକାଶରେ । ଅପୂର୍ବ ଜ୍ୟୋତିଃ ସମ୍ଭାର ନେଇ ଉପସ୍ଥିତ ଜ୍ୟୋତିର୍ମୟ ପୁରୁଷ ପ୍ରଭୁ ସ୍ୱର୍ଣ୍ଣକ୍ଷେତ୍ରାଧିପତି । ମଧୁର ସମ୍ବୋଧନରେ ଆଖି ଖୋଲିଛି ତାଙ୍କର ଅଲିଅଳ ଦେବାଶିଷ । ଜ୍ୟୋତିଃ ଦର୍ଶନ ପ୍ରାପ୍ତ ହୋଇ ମହାଯୋଗୀ ମାନଙ୍କର ତାଲିକାରେ ସ୍ଥାନ ପାଇଛି । ଦୁର୍ଲଭ ମନୁଷ୍ୟ ଜନ୍ମ ସାର୍ଥକ ହୋଇଛି । ଏ ମରସଂସାରର ଜନ୍ମ ମୃତ୍ୟୁକୁ ଏଡ଼ାଇ ଦେଇ ବ୍ରହ୍ମପ୍ରାପ୍ତି ହୋଇଛି ଅଲିଅଳ ଦେବଶିଶୁ ଦେବାଶିଷର । ଆଜି ଆଉ ସେ ଶିଶୁ ଦେବାଶିଷ ନୁହେଁ । ଆଜିଠାରୁ ସେ ''କୃପାନନ୍ଦ'' ।

ଦର୍ଶନ ପର୍ବ ଶେଷ ହୋଇଛି । ରାତି ମଧ୍ୟ ପାହିଯାଇଛି । ଅଚଳ, ସ୍ଥିର, ଶାନ୍ତିର ମୂର୍ତ୍ତିମନ୍ତ ବିଗ୍ରହ ସାଜି ''କୃପାନନ୍ଦ'' ତା'ର ରକ୍ଷାକର୍ତ୍ତା ସନ୍ନ୍ୟାସୀଙ୍କ ଠାରୁ ଏକ ଦୁଃଖଦ ବିଦାୟ ନେଇ ଫେରି ଆସିଛି ତା'ର ଜନ୍ମଦାତ୍ରୀଙ୍କ କୋଳକୁ । କିନ୍ତୁ ଏ କ'ଣ ? ମା ଦେଖୁଛନ୍ତି, ଏତ ତାଙ୍କର ଦେବାଶିଷ ନୁହେଁ । ଏ ତ ସାକ୍ଷାତ ଦେବଦୂତ । କୃତଜ୍ଞତାରେ ଫାଟି ପଡ଼ିଛି ମାତୃ ହୃଦୟ । ଝଡ଼ ବେଗରେ ଧାଇଁ ଯାଇଛନ୍ତି ପ୍ରଭୁଙ୍କ ବିଗ୍ରହନିକଟକୁ । ପ୍ରଣାମ କରି କହିଛନ୍ତି ''ପ୍ରଭୁ ! ତୁମ କରୁଣାର ପଟାନ୍ତର ନାହିଁ । ଦେବାଶିଷକୁ ଏପରି ଅବସ୍ଥାକୁ ଆଣି ମୋର ମାତୃତ୍ୱ ପୂର୍ଣ୍ଣାଙ୍ଗ କରିଛ ପ୍ରଭୁ ! ଆଉ ମୋର କିଛି ଲୋଡ଼ା ନାହିଁ । ନେଇଯାଅ ତୁମର ଶଙ୍ଖାଳିକୁ ତୁମ ପାଖକୁ । ତୁମରି କାମରେ ଲଗାଇବାକୁ । ତୁମରି କରୁଣାରେ ଏ ପୁତ୍ରକୁ ଗର୍ଭରେ ଧାରଣ କରି ମୋର ମାତୃତ୍ୱ ଆଜି ସାର୍ଥକ ହୋଇଛି । ମୁଁ ଧନ୍ୟ ହୋଇଛି ।'' ମା'ଙ୍କ ସ୍ୱୀକାରୋକ୍ତି ଶୁଣି ମୁରୁକି, ମୁରୁକି ହସୁଥିଲେ, ''କୃପାନନ୍ଦ'' ଓରଫ ଦେବାଶିଷ ।

''ଚାହେଁ ନାରେ ଧନ !          ପୂଜାଅରତନ
ଟଙ୍କା, ସୁନା, ବଇଭବ,
ପାଗଳ ପରାୟେ          ଧାଏଁ ତୋର ପଛେ
ପାଇବାକୁ ଟିକେ ଭାବ ।''

ପରିଣତ ବୟସରେ କାମାନ୍ଧ ହୋଇ ସ୍ତ୍ରୀ ସମ୍ଭୋଗ ଆଶା ପୋଷଣ କରିବା କେବଳ ଅଭ୍ୟାସ ସୂତ୍ରଦ୍ୱାରା ସମ୍ଭବ ହୁଏ । ଯେପରି ଅଭ୍ୟାସ ଯୋଗୁଁ ଖାଇବାର ସମୟ ହେଲେ ଶରୀର ବ୍ୟାକୁଳ ହୁଏ, ଶୋଇବାର ବେଳହେଲେ ତନ୍ଦ୍ରା, ଆଳସ୍ୟ ଶରୀରକୁ ଆଚ୍ଛାଦିତ କରିଦିଏ । ତେଣୁ ଧୀରେ ଧୀରେ ଅଭ୍ୟାସକୁ ପରିହାର କଲେ କାମଶକ୍ତି ଦମନ ହୋଇଯିବ ।

*- ଶ୍ରୀଗୁରୁସ୍ୱାମୀ-*

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଯୌବନ : ଜୀବନର ମଧ୍ୟାହ୍ନ । ମଧ୍ୟାହ୍ନ ମାର୍ତ୍ତଣ୍ଡର ଅମୀୟ ଜ୍ୟୋତିଧାରା ପାନରେ ପ୍ରମତ୍ତ ଯୁବ ସମାଜ ଜୀବନ୍ମୁକ୍ତ ବୋଲି କିଏ କହେ ? ପ୍ରାଣପୁରୁଷ : ଦେହସ୍ଥ ଚୈତନ୍ୟର ଉଦୟ ମାତ୍ରେହିଁ ପରମାତ୍ମାଙ୍କର ପ୍ରକାଶ । ବୀଜମନ୍ତ୍ର ମାନସଜପ ମାଧ୍ୟମରେ ଯୌବନରସସିକ୍ତ ଯୁବଗୋଷ୍ଠୀର ଦେବବିଗ୍ରହରେ ପ୍ରାଣପ୍ରତିଷ୍ଠା ସମ୍ଭବ । ଏହାହିଁ ତ ପ୍ରକୃତ ଜୀବନ୍ୟାସ । ପ୍ରାଣପ୍ରିୟ ପରମପ୍ରେମମୟଙ୍କର ଅପାର କରୁଣାରୁ ଜୀବଲୀଳାକ୍ରମେ ପ୍ରତ୍ୟେକ ଆତ୍ମତତ୍ତ୍ୱଜ୍ଞ ହେବାର ସମ୍ଭାବନା ଉଜ୍ଜ୍ୱଳ । ଧର୍ମଧାରା ଓ କର୍ମଯୋଗ ଅଭ୍ୟାସ ପଥରେ ପ୍ରତିଦିନ ପ୍ରତିଟି ମୁହୂର୍ତ୍ତରେ ଜୀବାତ୍ମାର ଅନ୍ତଃକରଣରେ ସୂକ୍ଷ୍ମ ବିବର୍ତ୍ତନ ସଂଘଟିତ ହୋଇ ଜୀବିତାବସ୍ଥାରେ ସାଂସାରିକ ମାୟାବନ୍ଧନରୁ ମୁକ୍ତ ହୋଇ ଜୀବନ୍ମୁକ୍ତ ଅବସ୍ଥା ଓ ବ୍ରାହ୍ମୀସ୍ଥିତି ପ୍ରାପ୍ତିର ପଥ ସଦା ଉନ୍ମୁକ୍ତ । ପୂର୍ଣ୍ଣବିକଶିତ ଯୌବନର ଗୌରବ ଓ ଉତ୍ତେଜନାକୁ ପରମାର୍ଥ ପଥରେ ସୁପରିଚାଳିତ କରିପାରିଲେ ଏହି ଅପ୍ରମେୟ ଶକ୍ତିଧର ଯୌବନପ୍ରମତ୍ତ ଯୁବ ସମ୍ପ୍ରଦାୟ ହିଁ ବିଶ୍ୱରେ ଭ୍ରାତୃତ୍ୱ, ଶାନ୍ତି ଓ ସ୍ଥିରତା ରକ୍ଷା କରିବାରେ ସମର୍ଥ ହେବେ ॥*

**'ଚରମ' : ୪ର୍ଥପୁଷ୍ପ : ୪ର୍ଥ ପାଖୁଡ଼ା : ୧୭ଶ ସଂଖ୍ୟାର ଅନୁଶ୍ରୁତିରୁ :** ପଦ୍ମ (୨)

(ପ୍ରତ୍ୟେକ ଜୀବାତ୍ମା ଗୋଟିଏ ପ୍ରଫୁଲ୍ଲ ପଦ୍ମ । ପଦ୍ମ ମଧ୍ୟରେ ରସାଣିତ ପ୍ରତ୍ୟେକଙ୍କର ହୃଦୟକମଳ । ଧରାଧାମରେ ଅବତୀର୍ଣ୍ଣ ହୋଇ ସଂସାର ସାଗରର ପଙ୍କିଳ ମାୟାବଂଧନରେ ପଡ଼ି ଆତ୍ମପରିଚୟ ବିସ୍ମରି ଜାଗତିକ ସ୍ଥୂଳ ପରିଚୟକୁ ମୁଖ୍ୟ ମନେକରି ଅସାରତାକୁ ସାରତତ୍ତ୍ୱ, ଅନିତ୍ୟକୁ ନିତ୍ୟ ଆନନ୍ଦ, ଦୁର୍ବାର ଦୁଃଖକୁ ଅପାର ଆନନ୍ଦ ମଣି କର୍ମଫଳ ଭୋଗର ପର୍ଯ୍ୟାୟକୁ ବୋଧ କରି ନପାରି ଅହେତୁକ ଅକାରଣ ଅଭିମାନରେ ଆଜି କଳିର କରାଳ ପ୍ରଭାବରୁ ପ୍ରତିଟି ପଦ୍ମ ମ୍ରିୟମାଣ । ପ୍ରଭୁ ପରମେଶ ପଦ୍ମର ମାନଭଂଜନ ପାଇଁ ଧୈର୍ଯ୍ୟର ସହିତ ସତତ ସଚେଷ୍ଟ.........)

ପ୍ରେମାଭିମାନିନୀ ପ୍ରେମାସ୍ପଦା ପ୍ରେମମଗ୍ନା ପଦ୍ମର ଅଭିମାନ ମୋଚନ ପାଇଁ ସ୍ୱୟଂ ପ୍ରେମମୟ ପରମେଶ୍ୱର ସୁମଧୁର ସୁକୋମଳ କଣ୍ଠରେ ପ୍ରାଣପ୍ରିୟା ପଦ୍ମକୁ ସମ୍ବୋଧନ କରି କହନ୍ତି :

'ପ୍ରାଣ୍ଟୁ ପ୍ରାଣାଧିକ ସୁପ୍ରିୟା ପଦ୍ମ-ଆତ୍ମା ମୋହର !
ନିମିଷେ ମୁଁ ରହି ପାରେନା ବିଚ୍ଛେଦରେ ତୋହର ॥
ଗଭୀର ସଂସାର ପଙ୍କିଳ ଜଳେ ମୋହରେ ରହି ।
ମୋ ଠାରୁ ବିଚ୍ଛିନ୍ନ ହୋଇଛୁ ଅଭିମାନକୁ ବହି ॥
ଶତଚେଷ୍ଟା କରୁ ବାହୁଡ଼ି ଆସିବାକୁ ମୋ ଠାଇଁ ।
ବ୍ୟାକୁଳ ପ୍ରାଣରେ ଥାଏ ମୁଁ ତୋ ପଥକୁ ଅନାଇଁ ॥
ବିଫଳ ହେଲେତୁ ଶିଶିର ମୁକ୍ତା ସଦୃଶ ମୋର ।
ସୂକ୍ଷ୍ମସତ୍ତା ସୂକ୍ଷ୍ମ ତନ୍ତୁକୁ ନଷ୍ଟ କରଇ ତୋର ॥
ଟାଣ କର ମନ ମାନସ ଜପ ଭକ୍ତି ଦୃଢ଼ତା ।
ମୋ କଲ୍ୟାଣ ଲଭିଅନ୍ତରୁ ଛିଡ଼ିଯାଉ ଜଡ଼ତା ॥''

ତେଣୁ, ରେ ପଦ୍ମମୋର, ଅଯଥା ବୃଥା ଅଭିମାନ ମନକୋଣରୁ ଦୂରେଇ ଦେଇ ମୋ ମନକଥା ବୁଝିବାକୁ ଚେଷ୍ଟାକର । ଅତୀତକୁ ବିସ୍ମରି, ବର୍ତ୍ତମାନର ପ୍ରତିଟି ବହୁମୂଲ୍ୟ ମୁହୂର୍ତ୍ତକୁ ମୋରି ମଧୁର ମନୋହର ନାମ ଜପକର । ପରମ ସନ୍ତୋଷ ଲାଭ କରିବୁ । ସତ୍ୟ କରି ଏକଥା ମୁଁ ତୋତେ କହୁଛି ପରା ! ପ୍ରଭୁଙ୍କର ଏତାଦୃଶ ସୁକୋମଳ ସୁମଧୁର ବଚନରେ ପଦ୍ମର ସଂବିତ୍ ଫେରିଆସିଛି । ପବିତ୍ର ପଦ୍ମପାଦ ପୀଠରେ ସବିନୟ ପ୍ରଣାମ ନିବେଦନ କରି କୃତାଞ୍ଜଳି ପୁଟରେ ପ୍ରାର୍ଥନା କରୁଛି :

''ସଂସାର କୂପେ ପତିତ କେନାପି
ମୋହାନ୍ଧ ଘୂର୍ଣ୍ଣି ବିଷୟା ବିତସ୍ତେ ।
କରାବଲମ୍ବମ୍ ମମଦେହୀ ବିଷ୍ଣୋ
ଗୋବିନ୍ଦ ଦାମୋଦର ମାଧବେତି ।।''

-'ହେଗାବିନ୍ଦ, ହେ ଦାମୋଦର, ହେ ମାଧବ, ହେ ମୋ ଦେହରେ ଅବସ୍ଥିତ ବିଷ୍ଣୁ ! ମୁଁ ଏହି ଘୋର ସଂସାରକୂପରେ ପତିତ ହୋଇ ମାୟାମୋହରେ ଅନ୍ଧ ହୋଇ ବିଷୟାବିଷର ଘୂର୍ଣ୍ଣିବାତ୍ୟାରେ ଇତସ୍ତତଃ ହୋଇ ତୁମକୁ ବିସ୍ମରିଯାଇ ଦୁଃଖ, ଶୋକ, ଜରା, ମୃତ୍ୟୁ କବଳରେ କବଳିତ । ହେ କେଶବ, ହେ ରାଧାନାଥ, ତୁମେ ତୁମର କରକମଳ ଲମ୍ବେଇ ମୋତେ ଏ ସଂସାର ବିଷବନ୍ଧନରୁ ଉଦ୍ଧାର କର, ଉଦ୍ଧାର କର, ଉଦ୍ଧାର କର ।।'

ପରମପ୍ରେମମୟ ଠାକୁରେ ପଦ୍ମର ଏତାଦୃଶ ସରଳପ୍ରାଣର ବିନୟ ପ୍ରାର୍ଥନାରେ ପରମ ସନ୍ତୋଷ ଲାଭକରି ହୃଷ୍ଟଚିତ୍ତରେ ଭକ୍ତ ଓ ଭଗବାନଙ୍କର ଅବିଚ୍ଛିନ ମଧୁରଭାବାନ୍ୱିତ ନିଗୂଢ଼ ସଂପର୍କ ବିଷୟରେ ପ୍ରବୋଧନା ଦେଇ ପ୍ରିୟଭକ୍ତର ପଦ୍ମତୁଲ୍ୟ ପବିତ୍ର ଆତ୍ମାକୁ ଉପଦେଶ ଛଳରେ କହୁଛନ୍ତି :

''କୋଟିଏ ଯୋଜନ ହେଲେହେଁ ଦୂରତା
ପ୍ରେମପାଶୁ କେ ବାହାର ?
ଚନ୍ଦ୍ରକୁମୁଦିନୀ ସୂର୍ଯ୍ୟ ସୂର୍ଯ୍ୟମୁଖୀ
ଯେ ଯାହାର ସେ ତାହାର ।।''

-ସ୍ଥୂଳ ଦୂରତ୍ୱ କଦାପି ଭକ୍ତ ଠାରୁ ଭଗବାନଙ୍କୁ ଦୂରେଇ ଦେଇ ପାରେନା, ପାରିନାହିଁ ମଧ୍ୟ । ଯୁଗେଯୁଗେ ଏ ସଂବନ୍ଧ ସୁଦୃଢ଼ । ଏ ସଂପର୍କ ଯୁଗଯୁଗାନ୍ତର ପାଇଁ, ଜନ୍ମଜନ୍ମାନ୍ତର ପାଇଁ ସମ୍ବନ୍ଧିତ । ପ୍ରକୃତିକୁ ଲକ୍ଷ୍ୟକଲେ ଏହାହିଁ ସ୍ପଷ୍ଟ ପ୍ରତୀୟମାନ ହୁଏ । କାହିଁ କେତେ ଦୂରରେ ନୀଳ ନୈଶ ଆକାଶରେ ଚନ୍ଦ୍ର ଶୋଭା ପାଉଛି । ଏଣେ ଚନ୍ଦ୍ରଉଦୟରେ କଇଁଟି ପ୍ରଫୁଲ୍ଲିତ ହୋଇ ସାରାରାତି ଚନ୍ଦ୍ରକୁ ଲୟକରି ଚନ୍ଦ୍ରିକାରୁ ଅମୃତ ଆସ୍ୱାଦନ କରି ଜନ୍ମ ଓ ଜୀବନକୁ ଧନ୍ୟ କରୁଛି । ସେହିପରି ଅବିରତ ପ୍ରାଣାଧିକ ପ୍ରିୟ ସୂର୍ଯ୍ୟଙ୍କୁ ଚାହିଁ ରହି ଦିବସସାରା ସୂର୍ଯ୍ୟମୁଖୀ ପୁଷ୍ପ ସୂର୍ଯ୍ୟଙ୍କର କିରଣଜାଳରୁ ଦିବ୍ୟଜ୍ୟୋତିଃ ପାନ କରି ବିମୁଗ୍ଧା ହୋଇ ରହିଛି । ସ୍ଥୂଳଭାବର ଲେଶମାତ୍ର ନାହିଁ ଏହି ଦିବ୍ୟ ସଂପର୍କରେ । ସୂକ୍ଷ୍ମ ଭାବର ଆଦାନପ୍ରଦାନ ଅବିରତ ଚାଲିଛି ଭକ୍ତ ଓ ଭଗବାନଙ୍କ ମଧ୍ୟରେ । ଏ ଭାବସମୂହର ପଟାନ୍ତର ନାହିଁ ।

ପ୍ରଭୁଙ୍କର ଏତାଦୃଶ ବଚନରେ ଭାବବିମୁଗ୍ଧା ପଦ୍ମ ଦୁଇହାତ ଯୋଡ଼ି ଉତ୍ତର ଦେଉଛି । ବ୍ୟକ୍ତ କରୁଛି ଅନ୍ତରର ଅନ୍ତଃସ୍ଥଳର ବାଣୀଗୁଚ୍ଛ :

''ଯେତେ ଦୂରେ ପତ୍ରପଡ଼ିଥିଲେରେ ନବୀନା,
ଜଣାକି ନପଡ଼େ ତାହା ବୃକ୍ଷନାମ ବିନା ।
ସଖୀ, ତେମନ୍ତେ ମୁଁ ତୋର,
ସବୁଠାରେ ବୋଲାଇବି ରମଣୀ କୋୟର ।।''

- ପ୍ରଭୋ, ମୋର ମୋହଭଙ୍ଗ ହୋଇଛି । ମୋ ମନରେ ଲେଶମାତ୍ର ଅଭିମାନ ନାହିଁ । ମୁଁ ତୁମଠାରୁ ସ୍ଥୂଳତଃ ଯେତେଦୂରରେ ଯେପରି ଅବସ୍ଥାରେ ଥିଲେ ମଧ୍ୟ ତୁମରି ନାମ ମାଧ୍ୟମରେ ପରିଚିତ ହେବି । ତୁମ ନାମ ବିନା କ'ଣ ମୋର ନିଜସ୍ୱ କିଛି ହେଲେ ପରିଚୟ ଥିଲା ନା ଅଛି ନା ଥିବ ? ତୁମରି ଦାସ, ତୁମରି ଆଶ୍ରିତ, ତୁମରି ଶରଣାଗତ ବୋଲି ମୁଁ ସବୁଠାରେ ହିଁ ପ୍ରଚାର କରିବି । ହେ ପ୍ରଭୁ, ମୋତେ ଏତିକିମାତ୍ର କରୁଣାକର, କଲ୍ୟାଣ କର ।

ସଚ୍ଚିଦାନନ୍ଦଘନମୂର୍ତ୍ତି ପରମପ୍ରେମମୟ ପ୍ରୀତିସିନ୍ଧ ଠାକୁରେ ପଦ୍ମର ମନବନକୁ ଅଧିକ ସ୍ନିଗ୍ଧସୁନ୍ଦର କରି ନିର୍ମଳ ଭାବରାଜିରେ ପରିପୂର୍ଣ୍ଣ କରିବା ନିମନ୍ତେ କହନ୍ତି :

''ବନେ ମୟୂରାଃ ଗଗନେଷୁ ମେଘାଃ ଲକ୍ଷାନ୍ତରେ ଭାନୁଃ ଜଳେଷୁ ପଦ୍ମ ॥
ଇନ୍ଦୁ ଦ୍ଵିଲକ୍ଷେ କୁମୁଦସ୍ଯ ତୋୟେ ଯାଯସ୍ୟ ପ୍ରୀତି ନହିତସ୍ୟଭେଦଃ ॥'

- ପ୍ରାଣପ୍ରିୟା ଶୋଭନାଙ୍ଗୀ ପଦ୍ମମୋର । ଥରେ ଏ ସଚରାଚର ସ୍ଥୂଳଜଗତକୁ ଲକ୍ଷ୍ୟକରି ନିରୀକ୍ଷଣ କର । ଗହନବନରେ ମୟୂରମାନେ ରହିଛନ୍ତି । କାହିଁ କେତେ ଦୂରରେ ଆକାଶରେ ମେଘମାଳାର ଉଦୟହେଲେ, ମୟୂରମାନେ ଆନନ୍ଦର ଆତିଶଯ୍ୟରେ ବିଭୋର ବିମୁଗ୍ଧ ହୋଇଯାଉଛନ୍ତି । ଲକ୍ଷଲକ୍ଷ ଯୋଜନ ଊର୍ଦ୍ଧ୍ୱରେ ସୂର୍ଯ୍ୟତ ପୃଥିବୀର ଜଳାଶୟରେ ପଦ୍ମ । ସୂର୍ଯ୍ୟର ଉଦୟମାତ୍ରେ ପଦ୍ମ ଅପାର ଆନନ୍ଦରେ ପୁଲକିତ ହୋଇଯାଉଛି । ସେହିପରି କେତେ ଉଚ୍ଚରେ ଲକ୍ଷଯୋଜନ ଦୂରରେ ଚନ୍ଦ୍ରତ ପୁଣି ଜଳକୋଳରେ କଇଁ । ଦିନାନ୍ତରେ ନିଶାଗମନରେ ଚନ୍ଦ୍ରୋଦୟମାତ୍ରେ କଇଁ ପାଖୁଡ଼ା ମେଲାଇ ଆନନ୍ଦାତିଶଯ୍ୟରେ ରୋମାଞ୍ଚିତ ହେଉଛି । ତେଣୁ, ଏସବୁ ଲକ୍ଷ୍ୟ କରି ମନେରଖ : ଯାହାର ଯାହାଠାରେ ପ୍ରୀତି ରହିଛି, ତାହାକୁ ସ୍ଥୂଳ ଦୂରତ୍ୱ କଦାପି ଦୂରେଇ ପାରେନାହିଁ, ପାରିବ ନାହିଁ । ସ୍ଥୂଳରେ ଯାହା ସତ୍ୟ, ସୂକ୍ଷ୍ମରେ ତାହା ମିଥ୍ୟା ହୁଏନା, ହୋଇପାରେନା ॥

ତେଣୁ ତୁ ସର୍ବଦା ମୋ ମଧୁର ମନୋହର ନାମସକଳ ସର୍ବଦା ମାନସଜପକର -

''ଜିହ୍ୱେ ସଦୈବଂ ଭଜ ସୁନ୍ଦରାଣି
ନାମାନି କୃଷ୍ଣସ୍ୟ ମନୋହରାଣି,
କାମାଣ୍ଡ ଭକ୍ତାଂ ବିଭିନାଶନାନି
ଗୋବିନ୍ଦ ଦାମୋଦର ମାଧବେତି ॥''

ପଦ୍ମ ତାହାହିଁ କରିବା ନିମନ୍ତେ ଦୃଢ଼ ସଂକଳ୍ପ, ଦୃଢ଼ ଶପଥ ନେଇ ପ୍ରଫୁଲ୍ଲ ଚିତ୍ତରେ ଗାଇ ଉଠିଛି :

''ଶ୍ରୀକୃଷ୍ଣ ବିଷ୍ଣୁ ମଧୁ କୈଟଭାରେ
ଭକ୍ତାନୁକମ୍ପେ ଭଗବାନ ମୁରାରେ,
ପ୍ରୟାସବାନ୍ କେଶବ ଲୋକନାଥ
ଗୋବିନ୍ଦଦାମୋଦର ମାଧବେତି ॥''

ଏବଂ

''ଗୋପୀପତି କଂସରିପୁ ମୁକୁନ୍ଦ
ଲକ୍ଷ୍ମୀ ପତେ କେଶବ ବାସୁଦେବ,
ଜିହ୍ୱେପିବସ୍ୱୋନ୍ଧ ମୃତମେକଦେବ
ଗୋବିନ୍ଦ ଦାମୋଦର ମାଧବେତି ॥''

# ଜିଜ୍ଞାସା : ଜିଜ୍ଞାସୁ

''ଜ୍ଞାତୁମିଚ୍ଛା ଜିଜ୍ଞାସା'' : ଜାଣିବାର ଇଚ୍ଛାହିଁ ଜିଜ୍ଞାସା । ଜାଣିବା ପାଇଁ ଆନ୍ତରିକ ଇଚ୍ଛାବ୍ୟକ୍ତ କରୁଥିବା ବ୍ୟକ୍ତି ହିଁ ଜିଜ୍ଞାସୁ । ଏହି ଅର୍ଥରେ କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଶ୍ରଦ୍ଧେୟ ଦିବଂଗତ ଯତୀଶଦା' ହିଁ ଥିଲେ ଜଣେ ପ୍ରକୃଷ୍ଟ ଜିଜ୍ଞାସୁ । ନିଜର ଅବସର ସମୟରେ ଶାରୀରିକ/ମାନସିକ ବିଶ୍ରାମ ପ୍ରତି ଲାଳସାସକ୍ତ ନହୋଇ ପରମଦୟାଳୁ ଭାବଭୋଳା ଜ୍ଞାନସାଗର ଠାକୁରଙ୍କର ପବିତ୍ର ପଦ୍ମପାଦପୀଠ ତଳେ ବସି ଆଧାତ୍ମିକ ଜଗତର ନାନା ପ୍ରସଙ୍ଗରେ ପ୍ରଶ୍ନମାନ ଉତ୍ଥାପନ କରି ଯଥାର୍ଥ ଉତ୍ତର ସକଳକୁ ନିଜର ଦୈନିକ ଦିନଲିପିରେ ଟିପି ରଖୁଥିଲେ ।

ନଶ୍ୱର ଜଗତରେ ଅବିନଶ୍ୱର ସୂକ୍ଷ୍ମସତ୍ତାର ଉପଲବ୍ଧି ଏବଂ ଅନୁଭୂତି ନିମନ୍ତେ 'ଚରମ' ପୃଷ୍ଠାରେ ଧାରାବାହିକ 'ଦଶମୋଦକ':

## ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ସହିତ ନାନା ପ୍ରସଙ୍ଗେ :

### 'ଚରମ' : ଚତୁର୍ଥପୁଷ୍ପ : ଚତୁର୍ଥ ପାଖୁଡ଼ା : ସପ୍ତଦଶ ସଂଖ୍ୟାର ଅନୁଶ୍ରୁତିରୁ :

ପ୍ରଶ୍ନ : ଠାକୁରେ, ଆପଣ ଅର୍ଜୁନଙ୍କର ବିଶ୍ୱରୂପଦର୍ଶନ ପ୍ରସଙ୍ଗ ଆଲୋଚନାକରି ଆମକୁ ଯେଉଁ ପ୍ରଶ୍ନ ପଚାରିଲେ, ଅମେ ତାହା କହିପାରିବୁନି । ଦୟାକରି ଆପଣ କହିଦିଅନ୍ତେନି ?

ଠାକୁରେ : ତା'ହେଲେ ଶୁଣ । ଯୋଗେଶ୍ୱର କୃଷ୍ଣ ଅର୍ଜୁନଙ୍କୁ ବିଷାଦଯୋଗଠାରୁ ଆରମ୍ଭ କରି ବିଭୂତିଯୋଗ ପର୍ଯ୍ୟନ୍ତ ବୁଝାଇବା ପରେ ମଧ୍ୟ ଅର୍ଜୁନ ସନ୍ତୁଷ୍ଟ ନହୋଇ ବିଶ୍ୱରୂପ ଦର୍ଶନ କରିବାକୁ ଚାହିଁଲେ । ଅର୍ଜୁନ କହିଲ : ହେ ପ୍ରଭୁ, ଆପଣଙ୍କ ବିଚାରରେ ମୁଁ ଯଦି ଆପଣଙ୍କର ଈଶ୍ୱରୀୟ ରୂପଦର୍ଶନ ନିମନ୍ତେ ଉପଯୁକ୍ତ, ତା'ହେଲେ ହେ ଯୋଗେଶ୍ୱର ! ମୋତେ ଆପଣଙ୍କର ଅବିନାଶୀ ସ୍ୱରୂପ ପ୍ରଦର୍ଶନ କରନ୍ତୁ । ଏହାପରେ ବିଶ୍ୱରୂପ ଦର୍ଶନ ନିମନ୍ତେ ଅର୍ଜୁନଙ୍କୁ ପ୍ରଭୁ ଆହ୍ୱାନ କରି ତାଙ୍କର ଯୋଗ୍ୟତାକୁ ସ୍ୱୀକାରକରନ୍ତି । ବିଶ୍ୱରୂପ ଦର୍ଶନାନ୍ତେ ଅର୍ଜୁନ ପ୍ରଭୁଙ୍କୁ ସୌମ୍ୟରୂପ ଧାରଣ ନିମନ୍ତେ ପ୍ରାର୍ଥନା କରିଛନ୍ତି । ଅର୍ଜୁନ କହିଲେ : ଯାହା ପୂର୍ବରୁ କେବେ ଦେଖି ନଥିଲି, ତାହା ଦର୍ଶନ କରି ମୁଁ ପୁଲକିତ ହେଉଛି, କିନ୍ତୁ ମୋର ହୃଦୟ ଭୟାତୁର । ତେଣୁ ହେ ପରମେଶ୍ୱର ! ମୋ ପ୍ରତି ସଦୟ ହୁଅନ୍ତୁ, ହେ ଦେବେଶ ! ହେ ଜଗନ୍ନିବାସ ! ମୋତେ ସେହି ଦେବ ରୂପରେ ହିଁ ଦର୍ଶନ ଦିଅନ୍ତୁ । ପ୍ରଭୁ ଅର୍ଜୁନଙ୍କର ମନୋଗତଭାବ ବୁଝି ପୁନର୍ବାର ନିଜର ସୌମ୍ୟ ଦେବ ରୂପରେ ଅର୍ଜୁନଙ୍କୁ ଦେଖାଦେଲେ । ତେବେ ଏଠାରେ ପ୍ରଶ୍ନ ଉଠେ ଅର୍ଜୁନ ବିଶ୍ୱରୂପ ଦର୍ଶନ କରିବାକୁ ଇଚ୍ଛା କଲେ, ସେଥିପାଇଁ ସେ ଯୋଗ୍ୟ ମଧ୍ୟ, ତଥାପି ଭୟଭୀତ ହେଲେ କାହିଁକି ?

ପ୍ରଶ୍ନ : ଏହି ପ୍ରଶ୍ନର ଉତ୍ତରଟି ଦୟାକରି ବୁଝାଇ ଦିଅନ୍ତୁ ।

ଠାକୁରେ : କୃଷ୍ଣ ଥିଲେ ମହାଭାରତ ଯୁଦ୍ଧର ମୁଖ୍ୟ ଉଦ୍ୟୋକ୍ତା । ଦୁଷ୍କୃତିର ବିନାଶ କରି ଧର୍ମ ପ୍ରତିଷ୍ଠା ପାଇଁ ନିର୍ମଳସ୍ୱଭାବ ସମ୍ପନ୍ନ ନିଷ୍ପାପ ଅର୍ଜୁନଙ୍କୁ ନିମିତ୍ତମାତ୍ର କରି ରଥର ସାରଥି ହୋଇଥିଲେ, ଅର୍ଜୁନଙ୍କୁ ନିଜ ଇଚ୍ଛାରେ ପରିଚାଳନ କରି ଯୁଦ୍ଧନିମନ୍ତେ ଚରମ ପ୍ରବର୍ତ୍ତନା ଦେବା ଉଦ୍ଦେଶ୍ୟରେ ପ୍ରଭୁ ଆପଣାର ପ୍ରଚଣ୍ଡ ବିଭିଷୀକାମୟ ସ୍ୱରୂପ ଦର୍ଶନ କରାଇଥିଲେ । ଯୁଦ୍ଧଭଳି ଏକ ଅବଶ୍ୟମ୍ଭାବୀ ସଙ୍କଟକାଳରେ ନିଜର କର୍ତ୍ତବ୍ୟ ସମ୍ବନ୍ଧରେ ସଂପୂର୍ଣ୍ଣ ଅବଗତ ହେବାପରେ ଅର୍ଜୁନ ବିଶ୍ୱରୂପ ଭୀଷଣତାକୁ ଅଧିକ କାଳ ଦର୍ଶନ କରିବାକୁ ଇଚ୍ଛା କରିନଥିଲେ । ବିଶ୍ୱରୂପଦର୍ଶନ କାଳୀନ ଅର୍ଜୁନଙ୍କର ଦେହାତୀତ ଭାବ ଓ ଦେହାଭିମାନଶୂନ୍ୟତାର ଅବସାନ ହେତୁ ଅର୍ଜୁନ ଭୟଭୀତ, ଭୟାତୁର ହୋଇଥିଲେ ।

ପ୍ରଶ୍ନ : ଠାକୁରେ ଏହି ତତ୍ତ୍ୱ ସହିତ ଦିନ ନମାପିବାର ସମ୍ବନ୍ଧ କିପରି ରହିଲା ଧରି ହେଉନାହିଁ ।

ଠାକୁରେ : (ସ୍ମିତ ହସି) କୃଷ୍ଣ ଅର୍ଜୁନଙ୍କୁ ଯେଉଁ କର୍ମଧାରାରେ ଚଳାଇନେବା ପାଇଁ ଚାହିଁଥିଲେ, ଅର୍ଜୁନ ସେହି ପଥରେ ପାଦଦେଇ ମୋହ ବଶତଃ ତାହା କାର୍ଯ୍ୟକାରୀ କରିବାକୁ ପରାଂମୁଖ ହେଲେ, ଅଥଚ କର୍ମ ନକରି ଏକ ବଡ଼ପ୍ରାପ୍ତିର ଆଶାରେ ମନୋନିବେଶ କରି ମନୋଗତ ଭାବକୁ ବିନୟ ପ୍ରାର୍ଥନା ସ୍ୱରୂପ ପ୍ରଭୁଙ୍କ ଠାରେ ପ୍ରକଶ ମଧ୍ୟ କଲେ । ଅର୍ଜୁନଙ୍କ ଜୀବ୍ ସ୍ୱୟଂ କୃଷ୍ଣ ମାପିଥିଲେ ବୋଲି ତାଙ୍କୁ ଉପଯୁକ୍ତ ମଣି ବିଶ୍ୱରୂପ ଦେଖାଇଲେ, ମାତ୍ର ଯଥା ମୁହୂର୍ତ୍ତ ଉପସ୍ଥିତ ହୋଇ ନଥିଲା, ତେଣୁ ଅପକ୍ୱ ଅବସ୍ଥାରେ ଅର୍ଜୁନ ବିଭୀଷଣ ବିଶ୍ୱରୂପ ଦର୍ଶନ କରି ମଧ୍ୟ ବେଶି ସମୟ ଭାବାବସ୍ଥାରେ ରହିନପାରି ଭୟାତୁର ହୋଇଯାଇଥିଲେ । ତୁମେମାନେ ସେହିପରି ଧର୍ମଧାରା ଓ ଅଭ୍ୟାସ କର୍ମଯୋଗରେ ପୂର୍ଣ୍ଣ ଅଭ୍ୟସ୍ତ ନହୋଇ ଗୁରୁକୃପା ବା ଦୈବୀକୃପା ବା ଦୈବୀକୃପାକୁ ଆଶାବାନ୍ଧି ରହିଲେ, ତୁମକୁ ଅପକ୍ୱ ଅବସ୍ଥାରେ ଯାହା ଦିଆଯିବ, ତାହା ତୁମେ ସହ୍ୟକରିପାରିବ ତ ? ତେଣୁ ତୁମେ କେତେଦିନରୁ ଧାରା ଧରିଛ, କ'ଣ କରିଛ, କ'ଣ ପାଇଛ, ଏସବୁର ମାପ ନ କରି ତୁମକୁ କୁହାଯାଇଥିବା କର୍ମଯୋଗରେ ନୀତିନଷ୍ଠ ହୋଇ ଆଗେଇ ଚାଲ । ଯଥା ମୁହୂର୍ତ୍ତରେ ତୁମର ପ୍ରାପ୍ୟ ତୁମେ ଅବଶ୍ୟ ପାଇବ । ଆମକୁ, ଆମ ଆଜ୍ଞାକୁ ଅନୁସରଣ କର, ଆମକୁ ଅନୁକରଣ କର ନାହିଁ । ଫଳ ଓଲଟା ଫଳିବ ଯେ ! ଏତକ ବୁଝୁନ ?

ପ୍ରଶ୍ନ : ଠାକୁରେ, ଅନୁସରଣ କ'ଣ ଆଉ ଅନୁକରଣ କ'ଣ ?

ଠାକୁରେ : ଅନୁକରଣ କରିବାର ଅର୍ଥ ହେଉଛି, ଗୁରୁଙ୍କର ସ୍ଥୂଳନୀତି, ବେଶପୋଷାକ, ଠାଣି ଇତ୍ୟାଦିକୁ ସ୍ଥୂଳତଃ ନିଜ ବାହ୍ୟ ଆଚରଣରେ ଫୁଟାଇବାର ଅଭିନୟ କରିବା ଏବଂ ମୁଖାପିନ୍ଧା ଭେକ ଧରିବା । ଅନୁସରଣ ବୋଇଲେ ଗୁରୁ ଯେଉଁ ପଥ ଦେଖାଇ ଯେଉଁ କର୍ମ କରିବା ପାଇଁ ଆଦେଶ ଆଜ୍ଞା ଓ ଆଶୀର୍ବାଦ ଦେଇଛନ୍ତି, ବିନାଦ୍ୱିଧାରେ ସର୍ବାନ୍ତକରଣରେ ଶୁଦ୍ଧପୂତ ଭାବରେ ତାହା ଅକ୍ଷରେ ଅକ୍ଷରେ ପାଳନ କରିବାକୁ ବୁଝାଇଥାଏ । ଅନୁକରଣରେ ସ୍ୱାର୍ଥର ସୂତ୍ର ଥିବାବେଳେ ଅନୁସରଣରେ ଭକ୍ତିର ସୂତ୍ର ନିହିତ ଥାଏ ।

ପ୍ରଶ୍ନ : ପ୍ରଭୁ, ଏହି ସ୍ୱାର୍ଥ ସୂତ୍ର ଓ ଭକ୍ତିସୂତ୍ରର ସ୍ୱରୂପ ବୁଝାଇ ଦିଅନ୍ତେନି ?

ଠାକୁରେ : ହେଉ, କହୁଛି, ଶୁଣ । ଗୁରୁଙ୍କ ଠାରୁ ସକଳବସ୍ତୁ ପ୍ରାପ୍ତିର ଆଶାରଖି ଗୁରୁଙ୍କୁ ଭଲ ପାଇବା ବା ଗୁରୁଙ୍କ ନିର୍ଦ୍ଦେଶିତ କର୍ମ କରିବାର ନାମ ସ୍ୱାର୍ଥସୂତ୍ର । ତୁମକୁ ଗୁରୁ ସବୁ ଯୋଗାଇଦେବେ, ତୁମ ପରିବାର, ପୁଅଝିଅ ସମସ୍ତଙ୍କ କଥା ଟକିନିଖି ବୁଝିବେ, ତେବେ ଯାଇ ତୁମେ ଗୁରୁଙ୍କର ଆଦେଶ ପାଳନ କରିବ, ତା'ନହେଲେ ବିଦ୍ୱେଷଭାବ ପୋଷଣ କରି ନାନା ଅସୁବିଧା ଅଡୁଆ ସୃଷ୍ଟି କରିବ, ଏହାହିଁ ସ୍ୱାର୍ଥସୂତ୍ରର କୈବଲ୍ୟ । ଅନ୍ୟପକ୍ଷରେ ଗୁରୁଙ୍କୁ ଭଲପାଇବାକୁ କେନ୍ଦ୍ରକରି ଏକାଧିକ ବୃତ୍ତି ଆଦି ଗୁରୁଙ୍କ ସହିତ ସଂପୃକ୍ତ ସକଳ ସୃଷ୍ଟିକୁ ଭଲପାଇବା ଓ ପ୍ରତିବଦଳରେ କିଛି ପ୍ରାପ୍ତିର ଇଚ୍ଛା ପୋଷଣ ନକରିବା କୁ ହିଁ ଭକ୍ତିସୂତ୍ର କୁହାଯାଏ । ଯେପରି : ନାସ୍ତେିବ ତସ୍ମିନ୍ । ତତ୍‌ସୁଖେ ସୁଖୀନୋ । ଗୁରୁ ଯହିଁରେ ଖୁସୀ, ତାହାହିଁ କରିବି । ତାହା ମୋ ପାଇଁ ଯେତେ କଠିନ, ଦୁଷ୍କର ଓ ଦୁଃଖଦ ହେଉପଛେ, ଗୁରୁଙ୍କ ସୁଖ ପାଇଁ ସବୁ ଦୁଃଖ ସହିଯିବି । ଏହିଭାବ ହିଁ: ପ୍ରକୃଷ୍ଟ ଭକ୍ତିସୂତ୍ର । ସ୍ୱାର୍ଥସୂତ୍ର ଆଉ ଭକ୍ତିସୂତ୍ର ଭିତରେ ଏହି ପ୍ରଭେଦ ।

ପ୍ରଶ୍ନ : ଠାକୁରେ, ଗୁରୁଙ୍କୁ କିପରି ଅନୁସରଣ କରାଯାଏ ?

ଠାକୁରେ : ଅନୁସରଣ ର ମାନେ କ'ଣ ଆଗେ ବୁଝିଲଣିଟି ? ଅନୁସରଣ ମାନେ ପଛେ ପଛେ ଯିବା । ଅନୁସରଣ ମାନେ ଅନୁଗ୍ରହ ପ୍ରାପ୍ତି ଆଶାରେ ଅପେକ୍ଷା କରିବା । ପୁଣି ଅନୁସରଣମାନେ ଅନୁରୂପ

ଆଚରଣ କରିବା । ତେଣୁ, ଆମ ଭାଷାରେ ଅନୁସରଣ ଓ ଅନୁକରଣ ଏକାର୍ଥ ପର୍ଯ୍ୟାୟବାଚୀ ଶବ୍ଦ । ସ୍ଥୂଳଜ୍ଞାନରେ ତୁମେ ଏହି ଦୁଇଶବ୍ଦକୁ ଭିନ୍ନାର୍ଥ କରି ଗୋଳେଇ ପୋଳେଇ ହେଉଛ । ତେବେ ଶୁଣ, ଗୁରୁଙ୍କର ଉପଦେଶ ମାନି ତାଙ୍କର ଶିକ୍ଷାଜଗତକୁ ପ୍ରବେଶ କରି ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଦେଶ ସହ ସର୍ବଦା ଗୁରୁବାକ୍ୟକୁ ଜୀବନର ସୁଖଦୁଃଖ, ଘାତ ପ୍ରତିଘାତ ମଧ୍ୟରେ ଅନୁସରଣ କରି କାର୍ଯ୍ୟରେ ପରିଣତ କରିବାକୁ ପ୍ରାଣପଣେ ଉଦ୍ୟମ କରିବାହିଁ ହେଉଛି ଅନୁସରଣ । ଅନୁସରଣରୁ ବିବେକ ଉଦୟ ହୁଏ ଓ ଚୈତନ୍ୟ ଫେରିଆସେ । ଅନୁକରଣରୁ ଶକ୍ତି ଓ ସାମର୍ଥ୍ୟ ଆସେ ।

ପ୍ରଶ୍ନ : ପ୍ରଭୁ: ବିବେକଜ୍ଞାନ କିପରି ଉଦୟ ହେବ ?

ଠାକୁରେ : ସର୍ବଦା ଗୁରୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି ଗୁରୁଙ୍କୁ ଅନୁସରଣ କଲେ, ବିବେକଜ୍ଞାନ ସହିତ ଚୈତନ୍ୟ ଉଦୟ ହୁଏ, ହେବ ।

ପ୍ରଶ୍ନ : ଗୋଟିଏ ଜନ୍ମରେ ଚୈତନ୍ୟ ପ୍ରାପ୍ତିର ସମ୍ଭାବନା ସମ୍ବନ୍ଧରେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଅଛିକି ?

ଠାକୁରେ : କାହାର ପ୍ରତିଶ୍ରୁତି ଚାହୁଁଛ ? ଗୋଟିଏ ଜନ୍ମର ଅର୍ଥ କ'ଣ ? ତୁମେ ଏ ଜନ୍ମ ସମେତ ପୂର୍ବରୁ କେତେ ଜନ୍ମଜନ୍ମାନ୍ତର ଦେଇ ଗତି କଲଣି ତାହା କ'ଣ ତୁମକୁ ଜଣା ଅଛି ? ଗୁରୁଙ୍କର ଅନୁସରଣ କରି ନିଷ୍ଠାର ସହିତ କର୍ମଯୋଗ ଅଭ୍ୟାସରେ ଲାଗିପଡ଼ିଲେ, ଯଥାକାଳରେ ବିବେକ ଜ୍ଞାନ ଏବଂ ଚୈତନ୍ୟ ଶକ୍ତିର ଅବଶ୍ୟ ଉଦୟ ହେବ । ଅବଶ୍ୟ ତାହା କେବେ ହେବ, ତାହା ଜୀବକୁ ନିର୍ଭର ଭାବରେ ପ୍ରତିଶ୍ରୁତି ଦିଆଯାଏ ନାହିଁ, ଦିଆଯିବ ନାହିଁ ମଧ୍ୟ । କିଏ କେବେ ତାହା ପ୍ରାପ୍ତ ହେବେ, ତାହାର ହିସାବ ଆମ ହାତରେ ଅଛି । ସେ ପୂର୍ବପୂର୍ବ ଜନ୍ମଜନ୍ମାନ୍ତରର ସାଧନା ଫଳରୁ କି ଏ ଜନ୍ମରେ ଗୁରୁଙ୍କୁ ସନ୍ତୁଷ୍ଟ କରି ଗୁରୁକୃପାବଳରୁ ତାହା ପାଇଲେ, ସେ କଥା କ'ଣ ତୁମେ ବୁଝିପାରିବ ? ତେଣୁ, ମୋର କହିବାର କଥା, ତୁମ କାମ ତୁମେ କର । ଆଉ କିଏ କ'ଣ କରୁଛି ନକରୁଛି, ସେଥିପ୍ରତି ନଜର ଦିଅ ନାହିଁ ବା ତା'ର ବିରୋଧ ମଧ୍ୟ କର ନାହିଁ ।


ଆଧ୍ୟାତ୍ମିକ ଭାବ ଓ ଭାଷାର ପରିପନ୍ଥୀ ପ୍ରବଚନ ଆଧ୍ୟାତ୍ମିକ ପତନର କାରଣ ହୋଇଥାଏ । ଆପଣାର ଅହଂଜ୍ଞାନରେ ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ବ୍ୟାଖ୍ୟାକଲେ, ତାହା ସର୍ବଜନାଦୃତ ହୁଏ ନାହିଁ କିମ୍ବା ତଦ୍ୱାରା ପରମାର୍ଥ ଲାଭ ମଧ୍ୟ ସମ୍ଭବପର ହୋଇନପାରେ ।

**- ଶ୍ରୀ ଗୁରୁସ୍ୱାମୀ**

ଅଚ୍ୟୁତ ନାମରେ ସବୁସ୍ଥାନେ ଖେଳୁଛି,
ଅନନ୍ତ ନାମରେ ଅନ୍ତହୀନ ହୋଇଛି ।
ଅନାମ ଅଲେଖ ନାମଧରି ଅରୂପ,
କେଶବ ନାମରେ ତ୍ରିପୁରର ଅଧୀପ ॥

କୃଷ୍ଣନ୍ତୁ ଥରେ ସବୁ ହିସାବ
ରଖୁଛି ସେହି ଲେଖି
ଥରେ ବିଶ୍ୱାସ ଭାଜନ ହେଲେ
ପାରିବୁ ସବୁ ଦେଖି

# ସମ୍ଭବାମି ଯୁଗେ ଯୁଗେ ରଙ୍ଗବେଦୀ



''ପୃଥ୍ୱୀ ଆପ ତେଜ ବାୟୁ ଆକାଶ ।
ପଞ୍ଚଭୂତ ଘେନି ଦେହ ପ୍ରକାଶ'

*ଠାକୁମା' ତମ ପବିତ୍ର ଅମଳଚରଣ କମଳଯୁଗଳରେ ଆମର କୋଟି ପ୍ରଣାମ ! ଧନ୍ୟ ତୁମେ ଜନନୀ ! ଧନ୍ୟ ତୁମର ଜୀବନ !! ଧନ୍ୟ ତୁମର ମାତୃତ୍ୱ !!! ନିରାକାର ପୁରୁଷ ଆକାର ଗ୍ରହଣ କରି ସାକାର ହେବାପାଇଁ ତୁମରି ଜଠର, ତୁମରି ଜରାୟୁକୁ ନିର୍ବାଚନ କରିଛନ୍ତି । ଜଗତକଲ୍ୟାଣ ପାଇଁ ତାଙ୍କରି ଇଚ୍ଛାକୁ ନତଶିରରେ ଗ୍ରହଣ କରି ତୁମେ ଜଗତର କଲ୍ୟାଣ କରିଛ । ତୁମକୁ ଆମେ କୃତଜ୍ଞତା ଜଣାଉଛୁ । ଲୀଳାପୁରୁଷଙ୍କର ଅବ୍ୟକ୍ତଲୀଳା ବ୍ୟକ୍ତ ହେବାର ପ୍ରଥମ ଉପଦ୍‌ଘାତ ଏହାହିଁ । ଅସୀମ ଲୀଳାର ଭାବତରଙ୍ଗରେ ତରଙ୍ଗାୟିତ ''ସମ୍ଭବାମି ଯୁଗେ ଯୁଗେ'' ଯୁଗପଦ ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତିର ସ୍ୱାକ୍ଷର ବହନ କରି ପାଦେ ପାଦେ ସୋପାନେ ସୋପାନେ ଆଗେଇ ଚାଲିଛି :*

**ଜନନୀ ଜଠର ଜରାୟୁ**

## 'ଚରମ' : ଚତୁର୍ଥ ପୁଷ୍ପ : ଚତୁର୍ଥ ପାଖୁଡ଼ା : ସପ୍ତଦଶ ସଂଖ୍ୟାର ଅନୁଶ୍ରୁତିରୁ :

**(୩୭) ବିନ୍ଦୁ ବନ୍ଧୁରୀ କୋଷ** - ପିତାମାତାଙ୍କର ପବିତ୍ର ସଂଯୋଗରୁ ମାତୃ ଜରାୟୁରେ ବିନ୍ଦୁସ୍ଥାପନ ହୁଏ । ଏହି ବିନ୍ଦୁ ଜନନୀ, ଜଠର, ଜରାୟୁରେ ଯେତେବେଳେ ପିଣ୍ଡ ପଞ୍ଚମହାଭୂତର ପ୍ରତ୍ୟେକ ଭୂତଠାରୁ ସୂକ୍ଷ୍ମାଂଶରେ ଅଣୁପରମାଣୁଚକ୍ର ଗ୍ରହଣ କରି ବିନ୍ଦୁଶୋଧନର ରକ୍ତିମବର୍ଣ୍ଣ, ତପ୍‌ରେ ପର୍ଯ୍ୟାୟକ୍ରମରେ ହରିଦ୍ରା, ଧବଳ ବର୍ଣ୍ଣ ଧାରଣ କରି ପିଣ୍ଡର ବିଭିନ୍ନ କୋଷ, ସ୍ନାୟୁ, ଗ୍ରନ୍ଥୀ, ଯନ୍ତ୍ରାଦି ସୂକ୍ଷ୍ମକୋଷ ରୂପରେ ଧାରଣ କରିବାକୁ ଯାଏ, ସେତେବେଳେ ସେହି ଅବସ୍ଥାରେ ମାଆର ଚକ୍ଷୁ ଉଲ୍ଲସୀତ ହୋଇଉଠେ ଏବଂ ସେହି ଉଲ୍ଲସୀତ ଅବସ୍ଥାରେ ମାଆର ଚକ୍ଷୁ ସମ୍ମୁଖରେ ଚକ୍ରାକୃତି ଉଜ୍ଜ୍ୱଳ ଆଲୋକ ଅନୁଭୂତ ହୁଏ । ଏହି ଅବସ୍ଥାରେ ମାଆ ଚିତ୍ ହୋଇ ଶୋଇବାକୁ ଭଲପାଏ । ସମୟ ସମୟରେ ପୁଲକ ଓ ଉଲ୍ଲାସର ଆତିଶଯ୍ୟରୁ ମାଆର ଶରୀରର ମାଂସପେଶୀ ଥରି ଥରି ଉଠେ । ମସ୍ତକରେ ମଧ୍ୟ କମ୍ପନ ସୃଷ୍ଟି ହୁଏ । ଏତିକିବେଳେ ମାଆର ଜଠରାଗ୍ନି ପ୍ରଜ୍ୱଳନ ପୀଡ଼ା ହେତୁ ଏକ ପ୍ରକାର ଅସୁସ୍ଥ ଅବସ୍ଥା ମଧ୍ୟ ଉପୁଜିଥାଏ । କାଳକ୍ରମେ ଏହି ଅସୁସ୍ଥତା ସ୍ୱାଭାବିକ ଭାବରେ ଉଭେଇଯାଏ । ସୌଧା, ବୃଧାରୀ କୋଷର ସମ୍ମିଶ୍ରଣରେ ସୂର୍ଯ୍ୟଙ୍କ ଠାରୁ ଅଂଶୁ ତୋଳି ବ୍ରହ୍ମଙ୍କ ତେଜଦ୍ୱାରା ପିଣ୍ଡରେ କିରଣ ବିକିରଣ କରି କୋଷ ଆକାରରେ ପ୍ରାରବ୍ଧ କର୍ମର ସୂତ୍ରକୁ ଶିଶୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ । ନାଦ ଗର୍ଦ୍ଦଣ କୋଷ ଏହାର ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରୁଥାଏ । ରାତ୍ରକାଳରେ ଚନ୍ଦ୍ରାଲୋକ ସମୟରେ 'ବିନ୍ଦୁ ବନ୍ଧୁରୀକୋଷ' ଶିଥିଳ ହୋଇଯାଏ । ପିଣ୍ଡ ଜରାୟୁରେ ଯେଉଁ ପଦ୍ମରେ ଶୟନ କରିଥାଏ, ସେହି ପଦ୍ମ ଆଂଶିକ

ଲାଲ ଗୋଲାପୀବର୍ଣ୍ଣ ଧାରଣା କରିଥାଏ । ମାଆର ଚକ୍ଷୁ, ନାସା, କର୍ଣ୍ଣ, ଲୋମକୂପ, ମୁଖ ପଥଦେଇ ମଧ୍ୟ ସୂକ୍ଷ୍ମରେ ଶୀତଳପବନ ପ୍ରବାହିତ ହେଉଥାଏ । ମାଆର ଦେହ ଥଣ୍ଡା ରହୁଥିବା ଅବସ୍ଥାରେ ଜରାୟୁରେ ଥିବା ଶିଶୁର ପିଣ୍ଡ ଉପରେ ବିନ୍ଦୁ ବିନ୍ଦୁ ହୋଇ ବ୍ରହ୍ମର ଅଂଶୁମାନ ଆସି ସ୍ଥିର ହୋଇ ରହିଥାନ୍ତି । ସ୍ଥିର ହୋଇ ରହିବାର କାର୍ଯ୍ୟକାଳ ପ୍ରାୟ ଏକସପ୍ତାହ ହୋଇଥାଏ । ଏହି ଏକ ସପ୍ତାହ ସମୟ ମଧ୍ୟରେ ପ୍ରଥମ ତିନିଦିନ ପିଣ୍ଡଟି ଆଂଶିକ କଳାଧଳା ବର୍ଣ୍ଣ ଏବଂ ଶେଷ ଚାରିଦିନ ଆଂଶିକ ଲାଲ ଧଳା ବର୍ଣ୍ଣ ଘଟଣ ହୋଇ ରହିଥାଏ । ଏହିପରି ହେବାର କାରଣ ହେଉଛି, ଏହି ସମୟ ମଧ୍ୟରେ ପିଣ୍ଡରେ ସୂକ୍ଷ୍ମ ସ୍ନାୟୁକୋଷ ଗୁଡ଼ିକର ଗଠନ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ଯାଇଥାଏ । ଏହି ଅବସ୍ଥାରେ ମାଆକୁ ସାମାନ୍ୟ ଜ୍ୱରରୋଗ ହୁଏ ଓ ତାହା ମଧ୍ୟ ଯଥା ସମୟରେ ସ୍ୱାଭାବିକ ଭାବରେ ଆରୋଗ୍ୟ ହୋଇଯାଏ । ସ୍ୱାଭାବିକ ଭାବରେ ମାଆର ଜ୍ୱର ଏକସପ୍ତାହ ମଧ୍ୟରେ ଆରୋଗ୍ୟ ନହେଲେ, ଧିରେ ଧିରେ ପିଣ୍ଡଟି ଜରାୟୁ ମଧ୍ୟରେ ସଙ୍କୁଚିତ ହୋଇ ବିକଳାଙ୍ଗ ହୋଇଯାଏ । ବିକଳାଙ୍ଗ ଅବସ୍ଥାରେ କୋଷଗୁଡ଼ିକ ହରିଦ୍ରାବର୍ଣ୍ଣ ଧାରଣ କରିଥାଏ । ଏହି ବିକଳାଙ୍ଗ କୋଷ ଗୁଡ଼ିକ ପୁଣିଥରେ ସ୍ୱାଭାବିକ ସକ୍ରିୟ ଅବସ୍ଥା ଧାରଣ କରି ପାରନ୍ତି ନାହିଁ । ଏହି ଅବସ୍ଥାରେ ରହି ପ୍ରାପ୍ତ ମାସ ପର୍ଯ୍ୟନ୍ତ ଜନନୀ ଜରାୟୁରେ ରହି ଶିଶୁ ଭୂମିଷ୍ଠ ହେଲେ, ଶିଶୁର ଦେହର ରଙ୍ଗ ହଳଦିଆ ବା ପାଣ୍ଡୁର ହୋଇଥାଏ, ମସ୍ତକରେ ଘାଆ, ପୃଷ୍ଠଦେଶରେ ଘାଆ ଚିହ୍ନମାନ ହୋଇଥିବାର ଦେଖାଯାଏ । କେତେକ ସ୍ଥଳରେ ଶିଶୁର ମସ୍ତକ ଓ ପେଟରେ ମାଂସ ଅସ୍ୱାଭାବିକ ଭାବରେ ଫୁଲିଯାଇଥିବାର ଦେଖାଯାଏ । ଗର୍ଭାବସ୍ଥାରେ ମାଆରଦେହ ଓ ମନ ସୁସ୍ଥ ରହିଲେ, ଜନନୀ ଜରାୟୁସ୍ଥ ଶିଶୁର ପିଣ୍ଡଟି ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ରହିଥାଏ ।

ବିନ୍ଦୁ ବନ୍ଧୁରୀ କୋଷର ଆହୁରି ମଧ୍ୟ କାର୍ଯ୍ୟକାରିତା ଦେଖାଯାଏ । ପଞ୍ଚମହାଭୂତରୁ ଯେଉଁ କାରଣତତ୍ତ୍ୱମାନ ପ୍ରାରବ୍ଧ ସଂସ୍କାର କ୍ରିୟାରଫଳ ଆଣିଥାଏ, ତାହା ଚକ୍ଷୁ ଗଠନରେ ଧବଳ ସୂକ୍ଷ୍ମ ବର୍ଣ୍ଣରେ ହୋଇଥାଏ । ଏହା ମୁଦ୍ରିତ ଅବସ୍ଥା ନୁହଁ । ଚର୍ମରେ ଗାର ପଡ଼ିବା ଭଳି ଭ୍ରୂଲତା ତଳେ ଏହା ଦେଖାଯାଏ । ପଞ୍ଚମହାଭୂତରୁ ଜଳ ଓ ପବନକୁ ଆଣି ବିନ୍ଦୁ ବନ୍ଧୁରୀ କୋଷ ପିଣ୍ଡସ୍ଥ ସ୍ନାୟୁକୁ ସ୍ୱୟଂ ଚାଳିତ କରୁଥାଏ । ଏହାଦ୍ୱାରା ନାସା, କର୍ଣ୍ଣ, ଚକ୍ଷୁ, ମୁଖାଦିପାଇଁ ମୂଳଦୁଆ ସ୍ଥାପନ କରେ । ପବନଦ୍ୱାରା ନାସା ପାଇଁ ଘ୍ରାଣଶକ୍ତି, ଜ୍ୟୋତି ବା ଆଲୋକ ଦ୍ୱାରା ଚକ୍ଷୁପାଇଁ ଦର୍ଶନ ଶକ୍ତି, ଜଳ ବା ରସ ଦ୍ୱାରା ମୁଖଗହ୍ୱରସ୍ଥ ଜିହ୍ୱାପାଇଁ ସ୍ୱାଦୁ ବାରିବାର ଶକ୍ତି ଯୋଗାଇଥାଏ । ବିନ୍ଦୁ ବନ୍ଧୁରୀ କୋଷ ପୃଥ୍ୱୀ ତତ୍ତ୍ୱରୁ ସୂକ୍ଷ୍ମବାୟୁ ଦ୍ୱାରା ଶକ୍ତି ଆଣି ମୁଖଗହ୍ୱର, ମୁଖମଣ୍ଡଳ ତଥା କପାଳ ତିଆରି କରେ ।

ଏଠାରେ ପ୍ରକାଶକଲେ ଅପ୍ରାସଙ୍ଗିକ ହେବନାହିଁ ଯେ, କେତେକ ସ୍ଥଳରେ ଦେଖାଯାଏ : କପାଳ ଅସଂପୂର୍ଣ୍ଣ ହୋଇ ଖାଲୁଆ ହୋଇଥାଏ । ଏହାର କାରଣ ହେଉଛି, ପୃଥ୍ୱୀତତ୍ତ୍ୱ ଯେଉଁ ଶକ୍ତି ଓ କିରଣ ଯୋଗାଇଥାଏ ତାହା ପର୍ଯ୍ୟାପ୍ତ ଓ ପୂର୍ଣ୍ଣମାତ୍ରାରେ ବିନ୍ଦୁ ବନ୍ଧୁରୀ କୋଷ ଗ୍ରହଣ କରିନଥିବାରୁ କପାଳ ଖାଲୁଆ ହୋଇଥାଏ । କପାଳ ଅପୂରଣ ଥିବାରୁ ମସ୍ତିଷ୍କ ଗଠନ ମଧ୍ୟ ଅପୂର୍ଣ୍ଣ ରହେ । ଫଳରେ ସ୍ନାୟୁଚାଳିତ କ୍ରିୟାରେ ତିଭରେ ସାତୋଟି ଅବସ୍ଥାରେ ଯେଉଁ ବିବେକ ବୁଦ୍ଧି ଧୀଶକ୍ତି ଆଦି ଅଛନ୍ତି, ତାହା ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରେ ନାହିଁ । ଏ ପ୍ରକାର ଶିଶୁ ମଧ୍ୟ ଭୂମିଷ୍ଠ ହୁଏ : ଯାହାର ବେକଠାରୁ ମସ୍ତକ ପର୍ଯ୍ୟନ୍ତ ଆକାରରେ ଅପେକ୍ଷାକୃତ ବଡ଼ ଏବଂ ବେକ ଠାରୁ ଗୋଡ଼ ପର୍ଯ୍ୟନ୍ତ ଆକାରରେ ଅପେକ୍ଷାକୃତ ଛୋଟ ଦେଖାଯାଏ । ଶିଶୁ ସର୍ବଦା ମୁଣ୍ଡ ଗଡ଼ାଉ ଥାଏ । ପାଟିରୁ ଅବିରତ ଲାଳ

ବଢ଼ୁଥାଏ । ଏହା ପୃଥିତତ୍ତ୍ୱର ବୈଷମ୍ୟ ଶକ୍ତି ହେତୁ ହୋଇଥାଏ ଓ ଶିଶୁ ଅସ୍ୱାଭାବିକ ଜଣାଯାଏ ।

**(୩୮) ଗ୍ରସ୍‌ରୀ କୋଷ :-** ସୂର୍ଯ୍ୟଙ୍କର ସହସ୍ର ଅଂଶୁ ସହିତ ଜୀବର କର୍ମ ସଂସ୍କାର କ୍ରିୟା ସଙ୍ଗେ ଗ୍ରସ୍‌ରୀ କୋଷ ସଂଯୁକ୍ତ ରହି କିଏ କେଉଁ କର୍ମଫଳ ସହିତ ଜଡ଼ିତ ହେବ, ତା'ର ହିସାବ ତତ୍‌କ୍ଷଣାତ୍ ହୋଇ ଜନନୀ ଜଠର ଜରାୟୁରେ ଥିବା ଶିଶୁର **ପିଣ୍ଡତତ୍ତ୍ୱରେ** ଗ୍ରନ୍ଥିହୋଇ ଚିତ୍ତକୋଷରେ ଅବସ୍ଥାନ କରେ । ଚିତ୍ତରେ ଯେଉଁ ଅବସ୍ଥାରେ ଯେଉଁ କର୍ମର ସୁଫଳମାନ ରହିବା କଥା ଇଡ଼ା, ପିଙ୍ଗଳା, ସୁଷୁମ୍ନା ନାଡ଼ୀ ସହିତ ସଂଯୁକ୍ତ ରହି କୁଣ୍ଡଳିନୀରେ ପବନ ସ୍ୱରୂପ ହୋଇ କାଳସର୍ପ ରୂପ ଧାରଣ କରେ । ଏହାର ରଂଗ ସୂର୍ଯ୍ୟାଲୋକରେ ବାଇଗଣି ବର୍ଣ୍ଣ ଏବଂ ଚନ୍ଦ୍ରାଲୋକରେ ଲାଲବର୍ଣ୍ଣ ହୋଇଯାଏ । ସର୍ପାକୃତି ରୂପ ଧାରଣ କରିବାର ଉଦ୍ଦେଶ୍ୟ ହେଉଛି : ଜୀବ ମଧ୍ୟରେ ନଅଟି ଗ୍ରହସହ ଯୋଗ ହୋଇ ପ୍ରତ୍ୟେକ ଆକସ୍ମିକ ଘଟଣାରେ ଏହା ଭାଗ ନେଇଥାଏ । ପ୍ରତି ମୁହୂର୍ତ୍ତରେ ଯେଉଁ ଦୈବାତ୍ କ୍ରିୟାମାନ ଘଟୁଛି, ସେଥିପାଇଁ ଗ୍ରହମାନେ ସୂକ୍ଷ୍ମାତିସୂକ୍ଷ୍ମ କୋଷରେ ଘଟଣ ସୂତ୍ର ହୋଇ ଥାଆନ୍ତି । ଏହି ଘଟଣସୂତ୍ର ଅନୁସାରେ ଗ୍ରସ୍‌ରୀକୋଷ, ବିହୁବନ୍ଧୁରୀ କୋଷ ଉଭୟ ମିଳିତ ହେଲେ ଦୈବାତ୍‌କ୍ରିୟାର ଫଳ ନାଦଗର୍ଦ୍ଦଣକୋଷ ସହିତ ମିଶିଯାଏ । ଏହି ଅବସ୍ଥାରେ ଜୀବ ସ୍ଥୂଳତଃ କ୍ରିୟାର ଫଳ ଭୋଗକରେ । ଯଦି ଆଜିର ଚିନ୍ତାଧାରା ଆସନ୍ତାକାଲିକୁ ଘଟଣ ହୋଇଯାଏ, ତେବେ ଜାଣିବାକୁ ହେବଯେ, ଗ୍ରସ୍‌ରୀକୋଷର ଗତି ମୁହୂର୍ତ୍ତକ ଦଣ୍ଡ ହେଲା । ଯେଉଁ କାର୍ଯ୍ୟ ଅଘଟଣ ହେଲା, ତାହା କାର୍ଯ୍ୟରେ ପରିଣତ ହେଲା ନାହିଁ । ସେପରି ସ୍ଥଳେ ନାଦଗର୍ଦ୍ଦଣକୋଷ ଓ ବିହୁବନ୍ଧୁରୀ କୋଷ ମିଳିତ ହୋଇ ସୁଷୁମ୍ନା ମାଧ୍ୟମରେ ଚିତ୍ତରେ ଖବର ପହଞ୍ଚାଇ ଦିଅନ୍ତି । ଫଳତଃ ତୁମର କଳ୍ପିତ କାର୍ଯ୍ୟଟି ପଛେଇ ଯାଏ । ଜନନୀ ଜରାୟୁସ୍ଥ ଶିଶୁର ଆଠମାସ ୨୧ଦିନ ଉତ୍ତାରୁ ଗ୍ରସ୍‌ରୀ କୋଷରେ ସବୁବେଳେ ନୀଳବର୍ଣ୍ଣର ସ୍ଥିର ଆଲୋକ ରେଖା ପଡ଼ିଥାଏ । ଏହା ପିଣ୍ଡରେ ଅନୁଭୂତ ହୁଏ । ଏହି ଅବସ୍ଥାରେ ମାଆରଦେହ ସଂପୂର୍ଣ୍ଣ ଅବଶ ଓ ଆଳସ୍ୟଯୁକ୍ତ ହୋଇଯାଏ । ଏହି ଅବସ୍ଥାରେ ମାଆ ବିନାକାରଣରେ ବାରମ୍ବାର ଶୋଇବାପାଇଁ ବ୍ୟସ୍ତ ହୋଇ ପଡୁଥାଏ । ଖଟା, ପୋଡ଼ା ଆଦି ଖାଦ୍ୟ ଖାଇବାକୁ ଖୋଜେ । ମାଆର ପଦ୍ମନାଡ଼ରେ ଗ୍ରସ୍‌ରୀ କୋଷ ପନବଦ୍ୱାରା ଯାଇ ମାଆର ମସ୍ତକରେ ଘୂର୍ଣ୍ଣିୟମାନ ଅବସ୍ଥା ଧାରଣ କରି ବେଳେ ବେଳେ ଠୁଳ ହୋଇ ରହିଯାଏ । ଯେଉଁ ସମୟରେ ଏହା ଠୁଳ ହୋଇ ରହିଯାଏ, ସେହି ମୁହୂର୍ତ୍ତରେ ମାଆ ଶୋଇବାକୁ ଭଲପାଏ । ମାତ୍ର ଗାଢ଼ନିଦ୍ରା ହୁଏନାହିଁ । ତନ୍ଦ୍ରା ଅବସ୍ଥାରେ ମାଆ ପଡ଼ିରହିବାକୁ ସୁଖପାଏ । ଗ୍ରସ୍‌ରୀକୋଷ ଯେତେବେଳେ ଜଠରକୁ ଚାଲିଆସେ, ସେତେବେଳେ ଜନନୀର ଜରାୟୁରେ ଶିଶୁର ପିଣ୍ଡ ଚକ୍ରାକାରରେ ଘୂରିବୁଲେ । ଫଳରେ ମାଆର ଉଦରକୁ ମୁଷ୍ଟିଆ ମାରିଲା ଭଳି ବୋଧହୁଏ । ଏହି ପ୍ରିୟା ଫଳରେ ଗ୍ରସ୍‌ରୀ କୋଷର ସ୍ନାୟୁ ସ୍ୱୟଂଚାଳିତ ହୁଏ । ଜୀବ ଯେତବେଳେ ଛଳନାର ଭାବ ଆଣେ, ମିଛ କଥା କୁହେ, ଭୁଲାଣିଆ ଭାବ ପ୍ରଦର୍ଶନ କରେ, ଗ୍ରସ୍‌ରୀ କୋଷ ସୁଷୁମ୍ନାରୁ କୁଣ୍ଡଳିନୀକୁ ଯାଇ ତତ୍‌କ୍ଷଣାତ୍ ଏହି ଖବର ନାଦଗର୍ଦ୍ଦଣ କୋଷକୁ ଜଣାଇଦିଏ । ଫଳରେ ମିଥ୍ୟାକପଟ ଛଳନାଚାର ହେତୁ ଜୀବର ସାତ୍ତ୍ୱିକ ସତ୍ୟେନ୍ଦ୍ରିୟକୋଷ ସଙ୍କୁଚିତ ଅବସ୍ଥା ପ୍ରାପ୍ତ ହୁଏ । ପଳର ଜୀବର ଦେବତା ସୁଲଭ ଗୁଣରାଜିର ପ୍ରକାଶ ନହୋଇ ବିଜେନ୍ଦ୍ରିୟ କୋଷର ପାଶବ ଓ ଆସୁରିକ ସ୍ୱଭାବ ପ୍ରକାଶ ପାଏ । ପୁନଶ୍ଚ, ଜୀବର ଆଚରଣରୁ ମିଥ୍ୟା କପଟ ଛଳନାଦିର ଭାବ ବିଲୁପ୍ତ ହେଲେ, ସତ୍ୟେନ୍ଦ୍ରିୟ ବୃତ୍ତିମାନ ସକ୍ରିୟ ହୋଇ ଉଠନ୍ତି । ସେଥିପାଇଁ ମହାତ୍ମାମାନେ ଅଭ୍ୟାସ ଯୋଗର କର୍ମଧାରା ପ୍ରତି ଗୁରୁତ୍ୱ ଦିଅନ୍ତି । ଏହି ରହସ୍ୟ ଓ ଭିତିରି ତତ୍ତ୍ୱ ସାଧାରଣ

ଜୀବମାନେ ଜାଣି ପାରନ୍ତି ନାହିଁ । କିନ୍ତୁ, ଧାରା ଧରି ଅଭ୍ୟାସ କର୍ମଯୋଗର ଅଭ୍ୟାସ ପ୍ରତିଦିନ ଯଥାବିଧି କରିବା ଦ୍ୱାରା ବାହ୍ୟକର୍ମ ମାଧ୍ୟମରେ ଭିତର କର୍ମର ସଂଶୋଧନ ହୁଏ । ଯୋଗୀମାନେ ଏହି ପ୍ରକ୍ରିୟାରେ ଆତ୍ମ ସଂଶୋଧନ କରନ୍ତି ଏବଂ ସୁଫଳ ଲାଭ କରି ଅନ୍ୟମାନଙ୍କୁ ସେହି କର୍ମ କରି ସୁଫଳ ପ୍ରାପ୍ତିର ରଥ ଦର୍ଶାଇ ଥାଆନ୍ତି ।

ଜନନୀ ଜରାୟୁରେ ପିଣ୍ଡ ଗ୍ରସ୍ତରୀ କୋଷ ଦ୍ୱାରା ବ୍ୟୋମ ଓ ତେଜଭୂତର ଇକ୍ସ୍ୱରୀଅଣୁ ଗ୍ରହଣ କରି ଚିତ୍ତରେ ଠୁଳ କରେ । ଏହି ଇକ୍ସ୍ୱରୀ ଅଣୁ ଜୀବର କେଉଁ କାର୍ଯ୍ୟରେ ଲାଗେ, ଶୁଣ । ଜୀବର ମୁହୂର୍ତ୍ତ ସାଧନାରେ ବିଭିନ୍ନ ସମୟରେ ଅନ୍ତଃକରଣରେ ଯେଉଁ ଯେଉଁ ଭିନ୍ନ ଭିନ୍ନ ଭାବ ମନ ମଧ୍ୟରେ ତରଙ୍ଗ ତୋଳି ଜୀବର କର୍ମଧାରାରେ କୁକ୍ରିୟା କାର୍ଯ୍ୟକାରୀ କରାଇ ଫଳଭୋଗ କରାଏ, ତାହା ଏହି ଇକ୍ସ୍ୱରୀ ଅଣୁଦ୍ୱାରା ସଂଘଟିତ ହୁଏ । ଏହା ସୂକ୍ଷ୍ମତଃ ଜୀବର ଭାବ, ପ୍ରକୃତି ଓ ଇନ୍ଦ୍ରିୟାଦି ଦ୍ୱାରା ଆଚ୍ଛାଦିତ ହୋଇଥାଏ । ଜୀବ ଅନ୍ତଃସ୍ଥଳରେ ଭାବ ତୋଳିଲେ ହିଁ ଏହା ତାହା କାର୍ଯ୍ୟକାରୀ କରାଇ ଫଳଭୋଗ କରାଇ ଦେଉଥାଏ ।

ମୂଳାଧାର ମୂଳୁ ବ୍ରହ୍ମରନ୍ଧ୍ର ପରିଯନ୍ତେ,
ବିସ୍ତାରିତ ରହିଅଛି ଅବ୍ୟକ୍ତ ଅନନ୍ତେ
ନାଦ ବିନ୍ଦୁ ସମାଯୁକ୍ତି ପ୍ରଣବ ମୂରତି,
ବ୍ୟକ୍ତହୋଇ ପ୍ରୀତିନାମ ଧରି ବିଶ୍ୱପତି ॥




''ପଦ୍ମପାଦ ମୋର ଭରସା ପଦ୍ମପାଦେ ମୋ ଆଶା ।।
ପଦ୍ମ ପାଦୁଁ ହେଉ ମୋପାଇଁ ଶୁଭକଲ୍ୟାଣ ବରଷା ।।''

'ଚରମ' ପୃଷ୍ଠାର ବିଶେଷ ଆକର୍ଷଣ : 'କଲ୍ୟାଣ ଡେକି ତୋତେ' ! ଭକ୍ତ ବତ୍ସଳ କୃପାନିଧି କ୍ଷମାନୁକମ୍ପାଧର ଠାକୁରଙ୍କର ଶ୍ରୀହସ୍ତଲିଖିତ କଲ୍ୟାଣ - ଜଗତକଲ୍ୟାଣ ପାଇଁ ଆର୍ତ୍ତବଚନ, ଆଶୀର୍ବଚନ । ସଂସାରର ତ୍ରିତାପ : ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ ; ତାହାର ସୁଷ୍ଠୁ ଓ ଶୁଭକାର ବିନାଶ ନିମନ୍ତେ ପ୍ରତ୍ୟେକ ଦିବ୍ୟାତ୍ମାମାନଙ୍କର ଏହା ନିତ୍ୟ ପାଠ୍ୟ, ନିତ୍ୟ ଅନୁସରଣୀୟ, ନିତ୍ୟ ଅନୁକରଣୀୟ । ସର୍ବଦା ଓ ସର୍ବଥା ପରମ କାରୁଣିକଙ୍କର କରୁଣା ଓ କଲ୍ୟାଣ ଲାଭର ଏହାହିଁ ସହଜତମ ସାଧନାପଥ ।।

ନୟନ ମଣି ''ଚରମ'' ରେ !

କହୁ କହୁ ତୁ ସତର ପାଖୁଡ଼ା ଧାରଣ କରିସାରିଲୁଣି । ଧିରେ ଧିରେ ଏ ପବିତ୍ର ଧରାପୃଷ୍ଠରେ ତୋର କର୍ତ୍ତବ୍ୟ ପାଳନ କରିବାକୁ ସଜାଗ ହୋଇ ଆସିଲୁଣି । କିନ୍ତୁ ବାଉଳା ରେ ! ଏ ପର୍ଯ୍ୟନ୍ତ ତୁ ମୋର କୌଣସି ଗୋଟିଏ ଉପଦେଶ ଗ୍ରହଣ କରିନାହୁଁ । ମୁଁ କେବଳ କହି ଚାଲିଛି, ଲେଖି ଚାଲିଛି । ସେଥିପାଇଁ ମୋର କ୍ଲାନ୍ତି ନାହିଁ, ମନ ଦୁଃଖ ନାହିଁ । ନିରାଶ ମଧ ହେଉନାହିଁ । କାରଣ ମୋର ଭରସା ଅଛି, ତୁ ନିଶ୍ଚୟ ଦିନେ ନା ଦିନେ ମୋର ଆଦର୍ଶ ଗ୍ରହଣ କରିବୁ । ତୋ ଘରର ମର୍ଯ୍ୟାଦା ରକ୍ଷା କରିବୁ । ତେଣୁ ତୋର ମଂଗଳାକାଂକ୍ଷୀ ହୋଇ ପ୍ରତି ମୁହୂର୍ତ୍ତରେ ତୋତେ ଚେତାଇ ଦେଉଥିବି, ଦେଖାଇ ଦେଉଥିବି, ଶିଖାଇ ଦେଉଥିବି । ମୁଁ ଗୋପନରେ ଲକ୍ଷ୍ୟ କରୁଛି, ତୋର ଶରୀର ଓ ମନ ବିଶାକ୍ତ ହୋଇଯାଉଛି । ଧନରେ ! ତୋର ତନୁ, ମନ ଯେଉଁ ଅବସ୍ଥା ଗ୍ରହଣ କରୁଛି ମୋର ତନୁ ମନରେ ଠିକ୍ ସେହି ଭାବ ପ୍ରତିଫଳିତ ହେଉଛି । ତେଣୁ ତୋରି ପରି ମୁଁ ମଧ ଅକଥନୀୟ ଯନ୍ତ୍ରଣା ପାଉଛି । କହିଲୁ ବାପ ! ମତେ ଏପରି କଷ୍ଟ ଦେଇ ତୁ କ'ଣ ଆନନ୍ଦ ପାଉଛୁ ? ଯଦି ପାଉଛୁ ତେବେ ତାହାହିଁ କରୁଥା ।

ତୁ ଜାଣିଛୁ, ପ୍ରକୃତି ରାଣୀଙ୍କର ରଙ୍ଗୀନ୍ ଦୁନିଆରେ ଅନେକ ଲୋଭନୀୟ ବସ୍ତୁ, ଭାବ ରହିଛି । ସେଗୁଡିକ ତୋତେ ସର୍ବଦା ଆକୃଷ୍ଟ କରି ଆକର୍ଷଣ କରୁଛନ୍ତି । ତୋର ଶରୀର ଆଧ୍ୟାତ୍ମିକ କ୍ରିୟାରେ ପ୍ରସ୍ତୁତ ହୋଇ ନଥିବାରୁ ମନ ସେହି ମିଥ୍ୟାବସ୍ତୁକୁ ଆକର୍ଷିତ କରାଉଛି । ସେଥିପାଇଁ ଧାରା, ବାଣୀ ମାଧମରେ ତୋତେ ଅନେକ ଉପଦେଶ ଅଭ୍ୟାସ କରିବାକୁ ଦେଉଛି । ଆଜି କେତେକ ନିଷିଦ୍ଧ କର୍ମର ସୂଚନା ଦେଉଛି । ସେଗୁଡ଼ିକ ଶ୍ରଦ୍ଧା ଓ ନିଷ୍ଠାର ସହ ପାଳନ କରି ସଦାଚାରୀ ହେବାକୁ ଚେଷ୍ଟା କରିବୁ ।

୧. ସଂଜ, ସକାଳେ, କେବେ ଶଯ୍ୟାରେ ଶୋଇ ରହିବୁନାହିଁ ।
୨. ଉଲଗ୍ନ ଅବସ୍ଥାରେ କଦାପି ଶୋଇବୁ ନାହିଁ ।
୩. ଆମିଷ ଭକ୍ଷଣ ସର୍ବାଦୌ ତ୍ୟାଗ କରିବୁ । ଯଦି ହଠାତ୍ ଜିହ୍ୱାଲାଳସା ପରିତ୍ୟାଗ କରି ନପାରୁଛୁ, ତେବେ ଅଭ୍ୟାସର ପ୍ରାରମ୍ଭିକ ଅବସ୍ଥାରେ ପବିତ୍ର ପର୍ବଦିନମାନଙ୍କରେ ଆମିଷ ଭକ୍ଷଣ କରିବୁ ନାହିଁ । ଏହି ଦିନ ମାନଙ୍କରେ ଦେହରେ ତୈଳ ମାଖିବୁ ନାହିଁ ।
୪. ଗୁରୁଜନମାନଙ୍କ ସହିତ ଥଟ୍ଟା, ତାମସା କରିବୁ ନାହିଁ, ଗେଲ ଖେଳିବୁ ନାହିଁ । ଅତି ଭଦ୍ର, ନମ୍ରଭାବରେ ଆଚରଣ ଦେଖାଇବୁ ।

୫. ବ୍ରତ ଦିବସ, ଶ୍ରାଦ୍ଧ ଦିବସ, ଦ୍ୱାଦଶୀ ତିଥି, ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟ ପରାଗ । ଏହି ଦିବସଗୁଡ଼ିକରେ କଦାପି ତେଲ ଲଗାଇବୁନାହିଁ ।

୬. ଥରେ ତେଲ ନେଇ ମୁଣ୍ଡରେ ଲଗାଇବା ପରେ ଅବଶିଷ୍ଟତେଲକୁ ଶରୀରର ଅନ୍ୟାନ୍ୟ ସ୍ଥାନରେ ଲଗାଇବୁ ନାହିଁ ।

୭. ମନ୍ତ୍ରପାଠ ବିନା ସ୍ନାନ କରିବୁ ନାହିଁ । ଯଦି ମନ୍ତ୍ର ନ ଜାଣିଛୁ ତେବେ ମୋ ଠାରୁ ପଚାରି ବୁଝିନେବୁ ।

୮. ଲଲାଟ କେବେ ତିଳକ ଶୂନ୍ୟ କରିବୁ ନାହିଁ ।

୯. ଏକବସ୍ତ୍ର ପିନ୍ଧି ଭୋଜନ କରିବୁ ନାହିଁ । କାନ୍ଧରେ ଉତ୍ତରୀୟ ବା ଖଣ୍ଡେ ଗାମୁଛା ପକାଇ ଭୋଜନ କରିବୁ ।

୧୦. ଗୁରୁଦେବଙ୍କ ବଚନକୁ ଅବିଶ୍ୱାସ କରିବୁ ନାହିଁ ।

୧୧. ଅତିଥିମାନଙ୍କୁ ସେବା ଦେବାରୁ କେବେ ବିରତ ହେବୁ ନାହିଁ । ବିମୁଖ ହେବୁନାହିଁ । ଶ୍ରଦ୍ଧାରେ ପ୍ରେମଭାବ ରଖି ସେବା କରିବୁ ।

୧୨. ଠିଆ ହୋଇ କିଛି ଖାଇବୁ ନାହିଁ, ପିଇବୁ ନାହିଁ ଏବଂ ଆଚମନ ମଧ୍ୟ କରିବୁ ନାହିଁ ।

୧୩. ନାସ୍ତିକ ମାନଙ୍କ ସହ ମିତ୍ରତା ରଖିବୁ ନାହିଁ ।

୧୪. ଜୁଆ ଖେଳରେ ମନ ବଳାଇବୁ ନାହିଁ ।

୧୫. ଧର୍ମ ଶାସ୍ତ୍ରବିନା ଅନ୍ୟ କୌଣସି ଶାସ୍ତ୍ରକୁ ମନ ଦେବୁ ନାହିଁ ।

୧୬. ଉର୍ଦ୍ଧ୍ୱଜାନୁ ହୋଇ ଅନ୍ନ ଭୁଞ୍ଜିବୁ ନାହିଁ ।

୧୭. ବୃଥା ଆଳାପକୁ ସର୍ବଦା ବର୍ଜନ କରିବୁ ।

୧୮. ଭକ୍ତି ବିରୁଦ୍ଧ ପ୍ରକ୍ରିୟା ସମ୍ଭେ ତ୍ୟାଗ କରିବୁ ।

୧୯. ମାଦକଦ୍ରବ୍ୟ ଆଦୌ ସ୍ପର୍ଶ କରିବୁ ନାହିଁ ।

୨୦. ଶୋକ, ଦୁଃଖରେ କେବେ ବଶୀଭୂତ ହେବୁନାହିଁ ।

୨୧. ଏକହସ୍ତରେ କାହାରିକୁ ନମସ୍କାର (ପ୍ରଣାମ) କରିବୁ ନାହିଁ ।

୨୨. ମଳ ମୂତ୍ର ତ୍ୟାଗ କରିବା ସମୟରେ କଥା କହିବୁ ନାହିଁ । ସେହି ସମୟରେ ନିଜର ଛାୟା ଲଂଘନ କରିବୁ ନାହିଁ ।

୨୩. ଉପବାସ ଦିନ ଓ ଶ୍ରାଦ୍ଧ ଦିବସରେ ଦାନ୍ତକାଠି ବ୍ୟବହାର କରିବୁ ନାହିଁ ।

୨୪. ସ୍ନାନକ୍ରିୟା ନ କରି ଭୋଜନ କରିବୁ ନାହିଁ ।

୨୫. ସ୍ନାନ ପରେ ଅଙ୍ଗରେ ତେଲ ମାଖିବୁ ନାହିଁ ।

୨୬. ରାତ୍ରି କାଳରେ ଦଧି ଓ ଉଚ୍ଛିଷ୍ଟ ପତ୍ରରେ ଘୃତ ଭକ୍ଷିବୁ ନାହିଁ ।

୨୭. କଂସାପାତ୍ରରେ ନାରିକେଳ ଜଳ ପିଇବୁ ନାହିଁ ।

୨୮. ପ୍ରଜ୍ୱଳିତ ଅଗ୍ନିଆଡ଼କୁ ପାଦ ରଖିବୁ ନାହିଁ ।

୨୯. ଅଗ୍ନି ପୂଜା ନକରି ଅଗ୍ନିରେ ପ୍ରସ୍ତୁତ ଖାଦ୍ୟ ଭୁଞ୍ଜିବୁ ନାହିଁ ।

ଧନରେ ! ଏଥରକ ଏତିକି ଆଶୀର୍ବାଦ କରୁଛି, ତୁ ତୋର ନିତ୍ୟଧାରା ସହ ଏଗୁଡିକୁ ମିଶାଇଦେଇ ମନ୍ଦାକିନୀ ପରି ପବିତ୍ର ହୋଇଯାଅ ଓ ମୋର ଇଚ୍ଛା ଏବଂ ଆଦର୍ଶକୁ ଧରାପୃଷ୍ଠରେ ବିଞ୍ଚାଡ଼ି ଦେଇ ପୁଣିଥରେ ମୋ କୋଳକୁ ଫେରିଆ ।

॥ ଇତି ॥
ତୋର
ଚିରମଙ୍ଗଳାକାଂକ୍ଷୀ,
'ପିତା'

ସବୁକୁ ଛାଡି ପାଦକୁ ଧରି,
ସାଧୁଥା ଧାରା ହେଳା ନକରି ।
ପାଦନାବ ଯେବେ ଛାଡ଼ିବୁ ଧନ,
ସବୁ ଛିଡ଼ିଯିବ ଛନ୍ଦଗୁମାନ ।

ଦେଖି ପାରୁନୁ ଆଗରେ ତୋର
ଜଳୁଛି ହୁତାଶନ
ତୋତେଯେ ଦେଖୁଅଛି ନିରତେ
ବିରସ ତା'ର ମନ ।

# କେଶବ କୈବଲ୍ୟ କଣିକା

''କେବଳ ତୁମରି ଭାବରେ ମିଳେ କୈବଲ୍ୟ କଣା ।
କୈବଲ୍ୟ ବିହୁନେ ଜୀବନ ପଥ ହୁଅଇ ବଣା ।।''

ପ୍ରଭୁପାଦ ଗୁରୁସ୍ୱାମୀଙ୍କର ରଙ୍ଗା ଅଧରରୁ ସ୍ମିତହାସ୍ୟର ପାଖୁଡ଼ା ସହିତ ଅନେକ ସମୟରେ ଅବାରିତ ଝରିପଡ଼େ ବାଣୀଗୁଚ୍ଛ : କୈବଲ୍ୟ କଣିକା ।। ଏ ସମସ୍ତ ଆତ୍ମମାନଙ୍କ ପାଇଁ ତାଙ୍କରି କେବଳତ୍ୱ, ଅଖଣ୍ଡ ଆନନ୍ଦ, ମୋକ୍ଷ ଏବଂ ପ୍ରସାଦ ର ମନ୍ଦାକିନୀ । ଠାକୁରଙ୍କ ସନ୍ନିଧାନରେ ପାଦପୀଠରେ ବସି ଏ ସକଳ କୈବଲ୍ୟ କଣିକା ସଂଗ୍ରହ କରନ୍ତି ଗୁରୁଭାଇ ଶ୍ରୀ ରମେଶଚନ୍ଦ୍ର ରାଉତରାୟ, ଶ୍ରୀ ଧ୍ରୁବାନନ୍ଦ ବିଶ୍ୱାଳ ଏବଂ ଶ୍ରୀ କେଶବଦାସ ବୃନ୍ଦାବନ । ପାଠକ ବର୍ଗଙ୍କର ତୃଷା ଓ ତୃଷାର ସମାଧାନ ନିମନ୍ତେ ସଂପାଦନା ନିୟମିତ ଧାରାବାହିକ ଭାବରେ ପ୍ରଭୁଙ୍କର କୈବଲ୍ୟ କଣିକାର ଆବଣ୍ଟନ କରୁଛି ''ଚରମ'' ପୃଷ୍ଠାରେ ପ୍ରତି ପାଖୁଡ଼ାରେ ।।

୧. ସବୁ ସ୍ଥାନରେ କାଳ ଓ ପାତ୍ର ସମାନ ନଥିବା କାରଣରୁ ପରିବେଶ ସହିତ ଖାପ ଖୁଆଇ ନିଜକୁ ଚଳାଇ ନେବା ବୁଦ୍ଧିମାନର କର୍ତ୍ତବ୍ୟ ।

୨. ଘରୁ ପାଦ କାଢ଼ି ବାହାରକୁ ଯେତେବେଳେ ଆସିଛ, ସେତେବେଳେ ଇଜ୍ଜତ୍ କୁଆଡ଼ୁ ଆସିବ ? ଆଧ୍ୟାତ୍ମିକ ପଥରେ ଇଜ୍ଜତ୍ ରକ୍ଷା କରିବା କଷ୍ଟ ସାଧ୍ୟ ।

୩. ଧର୍ମ ଦରବାରରେ ଆତ୍ମ ସମ୍ମାନ ଖୋଜିଲେ ଚଳିବ ? ଆତ୍ମ ସମ୍ମାନକୁ ଗୁରୁତ୍ୱ ଦେବା ଉଚିତ ନୁହେଁ ।

୪. ଦୁନିଆରେ ସାଧୁଭାଷାର ଅଭାବ ନାହିଁ । ଅସାଧୁମାନେ ମଧ୍ୟ ଅନେକ ସାଧୁଭାଷା ପ୍ରୟୋଗ କରିଯାଇଅଛନ୍ତି । ଲକ୍ଷ୍ୟ କରିବାର କଥା, ସତ୍ୟ କଥନ, ସତ୍ୟ ବଚନର ମାତ୍ରା କେତେ ?

୫. ଘର ସଂସାରର ପରିବେଶରେ ଶୃଙ୍ଖଳା ରକ୍ଷା ସମ୍ଭବ । ଆଧ୍ୟାତ୍ମିକ ଅନୁଷ୍ଠାନ ଗୁଡ଼ିକରେ ସମତାଭାବ ଥିବାରୁ ସହଜରେ ବ୍ୟଭିଚାର ପ୍ରବେଶ କରି ଶୃଙ୍ଖଳା ଓ ପରିବେଶ ନଷ୍ଟ ହୋଇଯାଏ ।

୬. ଗୁରୁଦ୍ୱାରରେ ଗୁରୁଙ୍କର ଆଦେଶ ଅନୁଗାମୀ ହୋଇ ଭିକ୍ଷାବୃତ୍ତି ଅବଲମ୍ବନ କଲେ ଆତ୍ମ ଅଭିମାନ ତୁଟିଯାଏ ।

୭. ବ୍ୟକ୍ତିର ବାହ୍ୟ ଆଚରଣକୁ ଲକ୍ଷ୍ୟ କରି ପ୍ରତ୍ୟେକ ଆଲୋଚନା, ସମାଲୋଚନା କରୁଛନ୍ତି । ଏହା କିନ୍ତୁ ସର୍ବୋତଭାବେ ଠିକ୍ ନୁହେଁ, ତାଙ୍କର ଅନ୍ତଃକରଣର ଗୁଣରାଜି ଓ ଭାବରାଶିକୁ ପ୍ରତ୍ୟକ୍ଷରେ ଲକ୍ଷ୍ୟ କରିବାର କଥା । ସେ ଶକ୍ତି ନଥାଇ ଅପରର କଟୁ ସମାଲୋଚନା ଆଧ୍ୟାତ୍ମିକ ଜୀବନର ପରିପନ୍ଥୀ ଅଟେ, ମନେରଖ ।

୮. ଆମେ ତମମାନଙ୍କ ପାଇଁ ସବୁକିଛି ସାଇତି, ସଜାଡ଼ି ରଖିଛୁ । ତମର ସହଯୋଗ ଅଭାବରୁ କିଛି ବାହାର କରି ଦେଇପାରୁନାହୁଁ । ତମେ ଯାହା କିଛି କରିବା ବା ପାଇବା ପାଇଁ ଇଚ୍ଛା ରଖିଛ ଆମେ ଥିବା ସମୟରେ ତହିଁରେ ନିଷ୍ଠା ଓ ଆନ୍ତରିକତାର ସହିତ ସହଯୋଗୀ ହୋଇ ନିୟୋଜିତ ରହିଲେ କରିବା ବା ପାଇବାର ସୂତ୍ର ପାଇଯିବ ।

୯. ଯେ କୌଣସି ବଚନ ବା ସ୍ୱୀକୃତି ଦେଇ ତାହା ଭଙ୍ଗ କଲେ, ଶପଥ ଲଙ୍ଘନ କଲେ ବା ପ୍ରତିଜ୍ଞା ପାଳନ ନ କଲେ, ଜୀବ ଅକୃତଜ୍ଞ ବା କୃତଘ୍ନ ବୋଲି ବିବେଚିତ ହୋଇଥାଏ । ଏଭଳି ଦୁରାତ୍ମାମାନେ ଜଘନ୍ୟ ଅପକର୍ମ ଓ ପାପାଚରଣ କରିଥାଆନ୍ତି । ତାଙ୍କୁ ବିଶ୍ୱାସ କରିବା ନିଷେଧ ।

୧୦. ଯେଉଁ ପୁରୁଷ ରଣକ୍ଷେତ୍ରରେ ପ୍ରବଳ ପରାକ୍ରମୀ, ବିଦ୍ୱାନ୍ ଓ ବୁଦ୍ଧିମାନ୍ ସତ୍ତ୍ୱେ କାମିନୀର ଭ୍ରୂଭଙ୍ଗୀ, ରୂପଶୋଭା, ସ୍ମିତହାସ୍ୟର ଶୃଙ୍ଖଳରେ ବାନ୍ଧି ହୋଇଯାଏ, ତାହାକୁ ଘସ୍ମର ନାୟକ କହନ୍ତି ।

୧୧. ଯାହା ମୋର ଅତିପ୍ରିୟ, ମୋ ଜୀବନର ଜୀବନ, ପ୍ରାଣର ପ୍ରାଣ, ତାହାପ୍ରତି ମୋର ଅନୁରାଗ, ଅନୁରକ୍ତି, ଶ୍ରଦ୍ଧା ଓ ଦୃଢ଼ତା, ତହିଁରେ ମୋର ସ୍ଥିତି ଓ ଭକ୍ତି ରୂପକ ନିଷ୍ପତ୍ତି ହିଁ ମୋର ନିଷ୍ଠା ବୋଲି କଥିତ ।

୧୨. ସନ୍ଦେହ ସବୁ ସ୍ତରରେ ରହିବ । ଜଟିଳ ପଥରେ ଗଲେ ଜଟିଳତା, ସନ୍ଦେହ ପଥରେ ଗଲେ ସନ୍ଦେହ, ସରଳରେ ଗଲେ ସରଳ । ଜଟିଳ ସନ୍ଦେହ ଓ ସରଳ ସନ୍ଦେହ ମଧ୍ୟ ରହିଛି । ଆମର ସମସ୍ତ ଗୁପ୍ତଲୀଳା ପ୍ରକାଶ ପାଇଲେ ଯେ, ତମମାନଙ୍କ ମନରେ ସନ୍ଦେହ ରହିବ ନାହିଁ । ଏକଥା ନୁହେଁ, ଯେ ଯେପରି ସନ୍ଦେହ କରିବ ସେ ସେହିପରି ଫଳ ପାଇବ ।

୧୩. ନୂତନକୁ ଲକ୍ଷ୍ୟରଖି ପୁରାତନକୁ ପରିବର୍ତ୍ତନ କରାଯାଇଥାଏ । ଯିଏ ଗଢ଼ିପାରେ, ସେ ମଧ୍ୟ ଭାଙ୍ଗିପାରେ । ଗଢ଼ି ପାରୁଥିବା ବ୍ୟକ୍ତି (ଶକ୍ତି) ନୂତନ ଲକ୍ଷ୍ୟରେ ଭାଙ୍ଗି ଦେଲେ, ଦୁଃଖ କରିବ କାହିଁକି ?

ବେଳ ଆସୁଛି ଚଣ୍ଡ ଚଣ୍ଡୀଏ
ବୁଲିବେ ଘର ଘର ।
ସେଥିକୁ ଥରେ ନିଘା କରିତୁ
ଧାରା ସୂତ୍ରକୁ ଧର ॥

ଦୁଃଖଶୋକରୋଗ ସହିତରେ ଜଳି,
ଅର୍ଥର ଅଭାବ ଜଂଜାଳରେ ପଡ଼ି ।
ପେଷଣି ଚକିରେ ପେଷି ହୋଇଧନ,
ଆଗାମୀ ପାଇଁ ରୁହ ମାଟିକାମୁଡ଼ି ।

ଭକ୍ତ ଭଗବାନଙ୍କ ଉପରେ, ଶିଷ୍ୟ ଗୁରୁଙ୍କ ଉପରେ ରାଗନ୍ତି । ଯେତେବେଳେ ଏହି ରାଗ ଚରମ ସୀମାରେ ପହଞ୍ଚେ, ସେତେବେଳେ ରାଗୁଥିବା ବ୍ୟକ୍ତି ତା'ର ଅଭିଳଷିତ ଫଳ ଲାଭକରେ । କିନ୍ତୁ ଏହି "ରାଗ" ଯଦି ପାର୍ଥିବ, ସାମାଜିକ ବା ପାରିବାରିକ ସମସ୍ୟା ନେଇ ହୋଇଥାଏ କିମ୍ବା ଅହଂଭାବର ପ୍ରତିଫଳନ ହୋଇଥାଏ, ତେବେ ରାଗକରୁଥିବା ବ୍ୟକ୍ତିର ଅଭିଷ୍ଟ ଆଦୌ ପୂର୍ଣ୍ଣହୁଏ ନାହିଁ ବରଂ ଅନେକ ଅପୂରଣୀୟ କ୍ଷତି ହୋଇଥାଏ । ମାତ୍ର ଯଦି ଇଷ୍ଟଙ୍କ ପ୍ରତି ଅନ୍ତର୍ମୁଖୀ ସମର୍ପଣ ଥାଇ ପ୍ରେମଭକ୍ତିର ବନ୍ଧନସୂତ୍ର ଟାଣ ରଖି କେବଳ ବିରହ ଭାବନେଇ ରାଗ ପ୍ରକାଶ କରାଯାଏ, ତାହା ମଙ୍ଗଳପ୍ରଦ ହୁଏ ।

-ଶ୍ରୀଗୁରୁସ୍ୱାମୀ-

## ପୁରାଣ ପୃଷ୍ଠାରୁ ଗଳ୍ପାଂଶ (ପ୍ରକୃତିର ମହିମା ଓ ଶିବଙ୍କର ଗର୍ବଧ୍ୱଂସ)ର ମୀମାଂସା ଖଣ୍ଡ

'ପ୍ରକୃତି' ହେଉଛି ମାୟାମୋହାଚ୍ଛନ୍ନ ଭାବ ବା ମାୟା । 'ଶିବ' ହେଉଛନ୍ତି ଜ୍ଞାନ । ସ୍ଥୂଳଜଗତରେ ମାୟା ଓ ମୋହ ଜ୍ଞାନକୁ ଆବୋରି ରହିଥାଏ । ଧରାଧାମରେ ପ୍ରତ୍ୟେକ ଜୀବ ମଧ୍ୟରେ ପ୍ରକୃତିମୋହ ବଶୀଭୂତ ହୋଇ ଜ୍ଞାନକୁ ଆବୋରି ରହିଥାଏ । ଜୀବଜ୍ଞାନ, ଶାସ୍ତ୍ରାଧ୍ୟୟନ ଅର୍ଜିତ ଜ୍ଞାନ, ଜାଗତିକ ଏବଂ ଭୌତିକ ବୁଦ୍ଧି, ଭାବ ଇତ୍ୟାଦିକୁ ମାୟାଜ୍ଞାନ କୁହାଯାଏ । ଏ ସବୁଜ୍ଞାନର ବିନାଶ ଘଟିଲେ, ଜୀବର ପରମଜ୍ଞାନଚୈତନ୍ୟର ଉଦୟ ହୁଏ । ଏହି ଜ୍ଞାନକୁ ଶିବ ବା ମଙ୍ଗଳମୟ ଜ୍ଞାନ କୁହାଯାଏ । ସାକାର ଶିବ ବୋଇଲେ ମୋହମାୟାଚ୍ଛନ୍ନ ଭାବବୁଦ୍ଧି ଏବଂ ଶାସ୍ତ୍ରାଧ୍ୟୟନ ଦ୍ୱାରା ଅର୍ଜିତ ଜ୍ଞାନକୁ ବୁଝାଏ । ଏହାକୁ ସଗୁଣଜ୍ଞାନ ମଧ୍ୟ କୁହାଯାଏ । ଏହି ଜ୍ଞାନ ଗର୍ବଭାବ, ଅହଂଭାବ, ଦର୍ପଭାବ ଏବଂ ଅସ୍ମିତା ଭାବ ଜୀବ ମଧ୍ୟରେ ସୃଷ୍ଟିକରି ଜୀବକୁ ମାୟାମୋହର ନିଗୂଢ଼ ଫାଶରେ ବାନ୍ଧିରଖେ, ଫଳରେ ପ୍ରାଣୀ ବଦ୍ଧଜୀବ ହୋଇ ଦୁଃଖଦୈନ୍ୟ ମଧ୍ୟରେ କାଳାତିପାତ କରେ । ଏହି ସଗୁଣଜ୍ଞାନର ସଂପୂର୍ଣ୍ଣ ମୂଳୋତ୍ପାଟନ ନହେଲେ ନିର୍ଗୁଣଜ୍ଞାନର ଉଦୟ ହୁଏ ନାହିଁ । ନିରାକାର ଶିବ ହିଁ ପରମଜ୍ଞାନଚୈତନ୍ୟ ଅଟନ୍ତି । ପରମ ଜ୍ଞାନ ଚୈତନ୍ୟ ବା ନିର୍ଗୁଣ ଜ୍ଞାନର ଉଦୟ ହେଲେ ଜୀବ ଶିବରେ ପରିଣତ ହୁଏ । ଏହି ଅବସ୍ଥାରେ ଜାଗତିକ, ଭୌତିକ, ବୈଷୟିକ ଜ୍ଞାନର ବିଲୋପ ଘଟିଥିବାରୁ ଜୀବ ପରମଜ୍ଞାନ ଚୈତନ୍ୟର ପ୍ରଭାବରୁ ପରମ ଆନନ୍ଦହିଁ ଲାଭକରେ ।

'ଋଷିଗଣ' ବୋଇଲେ ଜୀବ ମଧ୍ୟରେ ସ୍ଥୂଳହୋଇଥିବା ସନ୍ଦେହ ଏବଂ ଅନୁମାନକୁ ବୁଝିବାକୁ ହେବ । ବୁଦ୍ଧିବିବେକକୁ 'ସନତ୍‌କୁମାର' କୁହାଯାଇଛି । ପୌରାଣିକ ମତାନୁସାରେ ସନତ୍ ବୋଇଲେ ବ୍ରହ୍ମା, ସଦା, ସର୍ବଦା ଏବଂ ନିତ୍ୟ । ସନତ୍‌କୁମାର ହେଉଛନ୍ତି ପ୍ରଜାପତି ବ୍ରହ୍ମାଙ୍କର ମାନସପୁତ୍ର ମାନଙ୍କ ମଧ୍ୟରୁ ଅନ୍ୟତମ ଜଣେ ସୁପ୍ରସିଦ୍ଧ ମୁନିବିଶେଷ । ପୌରାଣିକ ଗଳ୍ପର ମୀମାଂସାଖଣ୍ଡରେ ପିଣ୍ଡତତ୍ତ୍ୱ ମତାନୁସାରେ ଏଠାରେ ସନତ୍‌କୁମାର ବୋଇଲେ ଜୀବ ମଧ୍ୟରେ ଥିବା ବୁଦ୍ଧି ଓ ବିବେକକୁ ବୁଝାଯାଏ । ବ୍ରହ୍ମା ବୋଇଲେ ଜୀବବ୍ରହ୍ମ । ପରମବ୍ରହ୍ମ ହେଉଛନ୍ତି ବିଷ୍ଣୁ, ପିଣ୍ଡତତ୍ତ୍ୱରେ ସାତ୍ତ୍ୱିକ ଐଶ୍ୱର୍ଯ୍ୟ । ସର୍ବଦେବଗଣ ବୋଇଲେ, ଇଁଳା, ପିଁଳା ଓ ସୁଷୁମ୍ନା ନାଡ଼ୀରେ ସୂକ୍ଷ୍ମ ଅଣୁ ଅବସ୍ଥାରେ ଥିବା କୋଷ ସମୂହକୁ ବୁଝାଏ । ଜୀବ ଯୋଗ ମାର୍ଗରେ ଅଗ୍ରଗତି କଲେ ପ୍ରାଣାୟାମ ସୋପାନରେ ଏହି ସୂକ୍ଷ୍ମ ଅଣୁକୋଷ ସମୂହ ଯୋଗୀକୁ ସାହାଯ୍ୟ ସହଯୋଗ କରି ସମାଧିସ୍ତରକୁ ଉଠାଇଦିଅନ୍ତି ।

ଯୋଗର ପ୍ରଥମାବସ୍ଥାରେ ଯୋଗୀ ମନରେ ଥିବା ଅନୁମାନ ସନ୍ଦେହର ମୋଚନାର୍ଥେ ବିବେକ ଶକ୍ତି, ବିବେକବାଣୀ ଦ୍ୱାରା ସନ୍ଦେହମୋଚନ କରିବାକୁ ଯାଇ ଚେତାଇ ଦିଏ ଯେ, ପ୍ରକୃତି ବା ମାୟା ଏବଂ ଶିବ ବା ଜ୍ଞାନ ପିଣ୍ଡ ତତ୍ତ୍ୱରେ ସାତ୍ତ୍ୱିକ ଐଶ୍ୱର୍ଯ୍ୟର ଏକ ଏକ ଅଙ୍ଗ ବିଶେଷ । ତେଣୁ ମାୟା ଓ ଜ୍ଞାନ ମଧ୍ୟରେ ମୌଳିକ ଭାବରେ କୌଣସି ପ୍ରଭେଦ ନାହିଁ । କାରଣ ପ୍ରଥମାବସ୍ଥାରେ ମାୟା ଏବଂ ଜ୍ଞାନ (ଭୌତିକ, ବୈଷୟିକ, ସାଂସାରିକ, ଜାଗତିକ ଇତ୍ୟାଦି ଯାବତୀୟ ଜ୍ଞାନ) ଜୀବକୁ ନିମ୍ନମୁଖୀ କରିଥାଆନ୍ତି । ଯୋଗୀ ଯୋଗମାର୍ଗରେ ପ୍ରଥମ କରି ପାଦଦେଇ ଚଳିବା ସମୟରେ ଜୀବଧର୍ମାନୁସାରିଣୀ ମାୟା ଗୁଣଯୁକ୍ତ (ତମଃ ଏବଂ ରଜଃ) ହୋଇ ଜାଗତିକ ଜ୍ଞାନ ସ୍ୱରୂପ ଶିବଙ୍କୁ ଆପଣାବଶରେ ରଖି ପରିଚାଳନା କରନ୍ତି । କ୍ରମଶଃ ଯୋଗୀ ଯୋଗମାର୍ଗରେ ଆଗେଇ ଚାଲିଲେ, ମାୟା ମୋହ କବଳରୁ ଶିବ ବା ଜାଗତିକ ଜ୍ଞାନ ସକଳ ପୃଥକ୍ ହୋଇଯାଏ । ସେତେବେଳେ ନିର୍ଗୁଣ ଜ୍ଞାନର ଉଦୟ ହୁଏ । ନିର୍ଗୁଣ ଜ୍ଞାନକୁ ମାୟାମୋହ ଫାଶରେ ପକାଇ ପାରନ୍ତି ନାହିଁ । ଯୋଗୀ ଯୋଗାରୂଢ଼ ହୋଇ ନିର୍ଗୁଣ ଜ୍ଞାନର ଅଧିକାରୀ ନ ହେବା ପର୍ଯ୍ୟନ୍ତ ମାୟା ନାନାଦି ଉପାୟରେ ତ୍ରିଗୁଣାତ୍ମକ ଶକ୍ତି ଦ୍ୱାରା ଜୀବ ବା ଯୋଗୀର ସମସ୍ତ ଶରୀରରେ ସକଳକୋଷକୁ ଆବୋରି ଧରି ଥାଆନ୍ତି । ପ୍ରକୃତିର ବଶବର୍ତ୍ତୀ ହୋଇ ରହିଥାନ୍ତି । ସାମାନ୍ୟ ଗର୍ବ, ଅହଂକାର ଦେଖାଇଲେ, ପ୍ରକୃତି ବା ମାୟା କ୍ଷୁବ୍ଧ ହୋଇ ତତ୍‌କ୍ଷଣାତ୍ ତାହା ଚୂର୍ଣ୍ଣ କରି ପୁଣି ଆପଣାବଶରେ ରଖନ୍ତି । ମାତ୍ର ଯୋଗ ମାର୍ଗରେ ଯୋଗୀ ଦୃଢ଼ତାର ସହିତ ସକଳ ବାଧାବନ୍ଧକୁ ଅତିକ୍ରମ କରି ସୂକ୍ଷ୍ମଚକ୍ଷୁରେ ପ୍ରକୃତିର ପ୍ରକୃତ ସ୍ୱରୂପ ଦର୍ଶନ କଲେ ମାୟା ଠାରୁ ଜ୍ଞାନ ବିଚ୍ଛିନ୍ନ ହୋଇଯାଏ ଓ ପରମଜ୍ଞାନ ଚୈତନ୍ୟ ଉଦୟ ହୁଏ । ଏଠାରେ ଯୋଗୀର ପରମ ନିର୍ଗୁଣ ଶିବ ସ୍ୱରୂପ ପ୍ରକଟିତ ହୁଏ ।

ସ୍ଥୂଳ ବୁଦ୍ଧି, ସ୍ଥୂଳଜ୍ଞାନ, ବାହ୍ୟାଡ଼ମ୍ବର, କୁପ୍ରବୃତ୍ତି, ଅହଂକାର, ବ୍ୟବସାୟିକ ବୁଦ୍ଧି ବୃତ୍ତି, ଛଳନା, କପଟତାଦି ସକଳ ମାୟାମୋହାବିଷ୍ଟ ଜ୍ଞାନର ବିନାଶ ଘଟେ । ଯୋଗୀ ପରମଜ୍ଞାନ ଚୈତନ୍ୟର ଅଧିକାରୀ ହୋଇ ସୂକ୍ଷ୍ମ ତାତ୍ତ୍ୱିକ ସାତ୍ତ୍ୱିକ ଜ୍ଞାନ ଦ୍ରଷ୍ଟା ହୋଇ ପରମଆନନ୍ଦରେ ନିର୍ବିକାର ଭାବରେ କେଶବଙ୍କ ପାଦରେ ଚିତ୍ତବୃତ୍ତି ସମର୍ପଣ ପୂର୍ବକ ଜ୍ଞାନାତ୍ମକ ଜୀବନ ଲାଭକରେ । ଯୋଗୀର ପୁନର୍ଜୀବନ ଲାଭ ହୁଏ ।

'ଭୂଧର ଶୃଙ୍ଗ' ବୋଇଲେ ପିଣ୍ଡତତ୍ତ୍ୱରେ କଣ୍ଠଦେଶର ବୁଦ୍‌ବୁଦ, ଅର୍ବୁଦକ କୋଷକୁ ବୁଝାଏ । ଏହିଠାରେ ତ୍ରିଗୁଣାତ୍ମିକା ପଚିଶ ପ୍ରକୃତି ଶିବ ସ୍ୱରୂପ ଜ୍ଞାନକୁ ବଶୀଭୂତ କରି ରଖିଥାଆନ୍ତି । ପ୍ରକୃତିର ମାୟା ଓ ମୋହରେ ଆଚ୍ଛନ୍ନ ଜୀବ ସ୍ଥୂଳ ଅହଂକାରରୁ ମୁଁ, ମୋର ଇତ୍ୟାଦି ଦେହଭାବରେ ବାରମ୍ବାର ଉଚ୍ଚାରଣ କରି ଆପଣାର ଗର୍ବ ଓ ଦର୍ପ ପ୍ରକାଶ କରି ବୃଥା ଆସ୍ଫାଳନ କରି ମିଥ୍ୟା ଆନନ୍ଦରେ ମଜ୍ଜି ରହିଥାଏ । ଅତିରିକ୍ତ ଦେହଭାବ ହେତୁ ଗର୍ବ ଅହଂକାର ପୂର୍ଣ୍ଣଭାବେ ଭରପୁର ହୋଇ ରହିଥାଏ । ମାୟାବ୍ରହ୍ମଙ୍କ ଖେଳରୁ ଏହି ଅବସ୍ଥାରେ ରହି ଜୀବ ଅହଂସର୍ବସ୍ୱ ହୋଇ ରହେ । ନିଜକୁ ବୃଥା ଅହଂକାର ହେତୁ କର୍ତ୍ତା ମଣେ । ସ୍ଥୂଳଜାଗତିକ ଜ୍ଞାନର ସଗୁଣଅଂଶ ହେତୁ ପ୍ରକୃତି କବଳରେ କବଳିତ ହୋଇ ନିଜର ବଡ଼ପଣକୁ ଜାହିର୍‌କରେ । ପୁଣି ଆତ୍ମମ୍ଭାରିତା ଏବଂ ଆତ୍ମ ପ୍ରଶଂସାରେ ଆତ୍ମତୃପ୍ତି ଲାଭକରେ । ବଦ୍ଧ ଜୀବର ଅଚେତନ ଅବସ୍ଥା ହେତୁ ଏହା ହୋଇଥାଏ । ବାସ୍ତରି ଗୋଟି ନାଡ଼ୀର କୃମି, କୀଟାଦିକୁ ନର, ଯକ୍ଷ, କିନ୍ନର, ରାକ୍ଷସ, ନାଗ ବୋଲି କୁହାଯାଇଛି । ଜୀବ ଦେହରେ ବାତ, ପିତ୍ତ, କଫରେ ଜୀବାଣୁ ଓ ଭୂତାଣୁ ଅଛନ୍ତି । ଏମାନେ ଶରୀରରେ ନାନାଦି ରୋଗ ସୃଷ୍ଟି କରନ୍ତି । ରଜ ଓ ତମ ଗୁଣର ଭୋଗ ଏଶ୍ୱର୍ଯ୍ୟକୁ କୁବେର ବୋଲାଯାଇଛି । ଇନ୍ଦ୍ରିୟାଦି ଗଣଙ୍କର ବାସସ୍ଥାନ ଅଳକାଭୁବନ । ଧନେଶ୍ୱର ବୋଇଲେ ଗର୍ବିତ, ଶେଠତ୍ୱକୁ ବୁଝିବାକୁ ପଡ଼େ । ବିଷଧର ନାଗ ବୋଇଲେ ବିଷୟାଭାବ । ନାଗ କାଳସର୍ପ ଏହା ମାୟା କଳଙ୍କ ବୋଲି ବୁଝିବାକୁ ହୁଏ । ଆଧ୍ୟାତ୍ମିକ ପଥର ଏହା କଣ୍ଟକ ସଦୃଶ । ବିତ୍ତସ୍ୱରୂପୀ ବିବେକ ପକ୍ଷେ ସତ୍ୟ, ପକ୍ଷେ ମିଥ୍ୟାକୁ ଇନ୍ଦୁ (ଚନ୍ଦ୍ର) କଳା ବୋଲାଯାଏ । ଲଲାଟ-ମସ୍ତକ ଦେଶ - ଏହା ଚିତ୍ତର ବିକ୍ଷେପସ୍ଥଳ । ତୃତୀୟ ନୟନ ବୋଇଲେ ମାତ୍ରାଧିକ କ୍ରୋଧ । ଜଟା ବୋଇଲେ ଜୀବର ଜଟିଳ ଚରିତ୍ର ଏବଂ ଗଙ୍ଗାଦେବୀ ହେଉଛନ୍ତି ପବିତ୍ରତାର ପ୍ରତୀକ । ସ୍ରଷ୍ଟା ପୁରୁଷଙ୍କର ବିଚିତ୍ର ସୃଷ୍ଟି । ବିଚିତ୍ର ସୃଷ୍ଟି ରହସ୍ୟ ମଧ୍ୟ ଘନ କୁହେଳିକାଚ୍ଛନ୍ନ । ଜୀବର ଜଟିଳ ଚରିତ୍ର ମଧ୍ୟରେ ପବିତ୍ରଭାବକୁ ରଖି ମାତ୍ରାଧିକ କ୍ରୋଧକୁ ଶାନ୍ତକରିବାର ସୁବ୍ୟବସ୍ଥା କରିଛନ୍ତି ପରମପୁରାଣ ପୁରୁଷ ।

ଜୀବ ଧର୍ମର ମାୟାଜ୍ଞାନକୁ ଚୂର୍ଣ୍ଣ କରିବା ପାଇଁ ଯୋଗୀ ଯୋଗମାର୍ଗରେ ପରିଚାଳିତ ହୋଇ କର୍ମଯୋଗାଭ୍ୟାସ ସାଧନ କଲେ, କ୍ରମଶଃ ମାୟାର ସୂକ୍ଷ୍ମରୂପ ମହାମାୟା ଶୁଦ୍ଧ ପ୍ରକୃତି ଭାବନେଇ ମାୟା ରଚନାକରି ପର୍ଯ୍ୟାୟ ଅନୁକ୍ରମରେ ଯୋଗୀକୁ ମଙ୍ଗଳ ପଥକୁ ଟାଣି ଆଣନ୍ତି । ଯୋଗୀ ଯୋଗ ସାଧନର ଗହନକୁ ଗତି କରିଚାଲେ । ଫଳରେ ମହାମାୟା ପୁନଶ୍ଚ ସୂକ୍ଷ୍ମତର ରୂପରେ ଯୋଗମାୟା ଭୂମିକାରେ ଅବତୀର୍ଣ୍ଣ ହୋଇ ଯୋଗୀ ହୃଦୟରେ ବୈବୟତ ଜ୍ଞାନର ଉନ୍ମେଷ ଘଟାନ୍ତି । ତହୁଁ ଯୋଗୀ ବୈବୟତ ଜ୍ଞାନ ସାଧନ ପଥରେ ଆଗେଇଯାଇ ସମାଧି ଯୋଗରେ ଏହି ଜ୍ଞାନର ପରିପକ୍ୱ ଚରମ ଅବସ୍ଥାକୁ ଦର୍ଶନ କରେ । ଏହାର ବର୍ଣ୍ଣ ଗୋଲାପୀ । ଗନ୍ଧାଂଶରେ କାଦୁଅ ମାଟି ପୁଳାଏ ଧରି ଯତ୍ନରେ ଦଳି ଶିବଙ୍କୁ ଧରାଇ ଦେବାର ମୀମାଂସା ତତ୍ତ୍ୱ ଏହାହିଁ । ବୈବୟତ ଜ୍ଞାନ ସାଧନ ପଥରେ ସମାଧି ଯୋଗରେ ଆରୂଢ଼ ହୋଇ ଯୋଗମାୟାଙ୍କର କରୁଣା ଓ କଲ୍ୟାଣ ଲାଭକରି ଯୋଗୀ ସୂକ୍ଷ୍ମଦୃଷ୍ଟିରେ ହୀରା ଅର୍ଥାତ୍ ସୌନ୍ଦୟନ ଜ୍ଞାନକୋଷ, ନୀଳା ଅର୍ଥାତ୍ ବୈକୁରୀୟତ୍ ଜ୍ଞାନକୋଷ, ମୋତି ଅର୍ଥାତ୍ ମହାକାଶ ଜ୍ଞାନ ଭୂମଣ୍ଡଳ ଜ୍ଞାନକୋଷ, ମାଣିକ୍ୟ ଅର୍ଥାତ୍ ପିଣ୍ଡବ୍ରହ୍ମାଣ୍ଡ ସମ୍ବନ୍ଧୀୟ ଜରାୟୁଜ ଜ୍ଞାନକୋଷ, ମର୍କତମଣି ଅର୍ଥାତ୍ ସାମ୍ବନ୍ଧିକ ଜ୍ଞାନକୋଷ, ଅଣସୂତ୍ର ଭଜନର ଜ୍ଞାନତତ୍ତ୍ୱ, ବୈଦୁର୍ଯ୍ୟ ଅର୍ଥାତ୍ ଏକାକ୍ଷର ତତ୍ତ୍ୱଜ୍ଞାନ କୋଷ ଏକତ୍ର ମିଶ୍ରିତ ହୋଇ ଗୋଲାପୀ ବର୍ଣ୍ଣ ଧାରଣ କରିଥିବାର ଦର୍ଶନ କରନ୍ତି । ପ୍ରବେଶ ଦ୍ୱାର ହେଉଛି ଚୈତନ୍ୟଦ୍ୱାର । ଲଲାଟରେ ଥିବା ସହସ୍ର ପଦ୍ମବନ । କବାଟ ବୋଇଲେ ତ୍ରିକୂଟ । ଯୋଗୀ ସାଧନ ପଥରେ ପ୍ରାଣାୟାମ ସୂତ୍ରରେ ଚକ୍ରଭେଦ କରି ଲଲାଟ ଚକ୍ରରେ ସୁଷୁମ୍ନାନାଡ଼ୀସ୍ଥ ପବନ ଦ୍ୱାରା ତ୍ରିକୂଟକୁ ସ୍ପର୍ଶ କଲେ, ଚୈତନ୍ୟ ଦ୍ୱାର ନିମିଷକ ମଧ୍ୟରେଖୋଲିଯାଏ । ଯୋଗମାୟା ଯୋଗୀର ଯୋଗବଳ ମାପି ତାଙ୍କୁ ଉପରକୁ

ଟାଣି ନିଅନ୍ତି । ବିସ୍ତୀର୍ଣ୍ଣ ପଡ଼ିଆ ବୋଇଲେ ଅଣାକ୍ଷର ଅବନା ସାଧନାପୀଠ । ସବୁଜଦୂର୍ବାରେ ଆଚ୍ଛାଦିତ ବୋଇଲେ ମହତ୍ତର ଜୀବନ ସାଧନ । ଉପବନ ବୋଇଲେ ନିର୍ଗୁଣ ପୁରୁଷ ଶିବଙ୍କର ଉପବନ, ଅର୍ଥାତ୍ ଲଲାଟଚକ୍ର ରୂପେ ବିରାଜମାନ ଅଣାକାର ସାଧନଭୂମି । ଦିବ୍ୟ ପୁଷ୍କରିଣୀ ବୋଇଲେ ଲଲାଟ ଚକ୍ର ଊର୍ଦ୍ଧ୍ୱରେ ଥିବା ସହସ୍ରାର । ମନୋରମ କମଳ ବୋଇଲେ ସହସ୍ରାର ହଜାରେ ପାଖୁଡ଼ାଥିବା ପଦ୍ମ । ପ୍ରତି ପାଦପ (ବୃକ୍ଷ) ବୋଇଲେ ପ୍ରତିଟି ଚୈତନ୍ୟ ସୂକ୍ଷ୍ମ କୋଷ । ସୁବର୍ଣ୍ଣର ବେଦୀ ବୋଇଲେ ଦେବଗଣଙ୍କର ସ୍ୱର୍ଣ୍ଣନିର୍ମିତ ପାଦୁକା । ଏଠାରେ ଏହା ଲୟର ଚରମ ଅବସ୍ଥାକୁ ବୁଝିବାକୁ ହୁଏ । ଅନ୍ୟ ଏକ ଦ୍ୱାର ବୋଇଲେ ଜୀବ ଶରୀରର ସର୍ବୋଚ୍ଚ ଶିଖରରେ ଥିବା ଦଶମ ଦ୍ୱାର (ରୁଦ୍ଧ) ବ୍ରହ୍ମରନ୍ଧ୍ର । ସେ ଦ୍ୱାରରେ ଅର୍ଥାତ୍ ବ୍ରହ୍ମରନ୍ଧ୍ରଠାରେ ଆଉଜଣେ ଶିବ ଅଛନ୍ତି । ସେହି ଶିବ ହିଁ ଜୀବର ପରମ ଓ ଚରମ ଅବସ୍ଥା । ସେହି କାରଣ ସ୍ୱରୂପ ପରାତ୍ପର ପରମ ପୁରୁଷ ଅଚ୍ୟୁତ କେଶବ । ତାଙ୍କର ଦଶଗୋଟି ମୁଖ ଅର୍ଥାତ୍ ଦଶ ଦୈଇକ ବ୍ରହ୍ମଜ୍ଞାନ । ଏହା ମହୀଧ ଭକ୍ତକୁ ପ୍ରାପ୍ତ ହୋଇଥିଲା । ପ୍ରତି ମୁଖରେ ତିନିତିନି ନେତ୍ର ବୋଇଲେ - ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି; ସତ୍ତ୍ୱ, ରଜ, ତମ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ସୁଖ, ଶାନ୍ତି ଆନନ୍ଦାଦି ତ୍ରିତତ୍ତ୍ୱାଦିକୁ ବୁଝାଏ । ଜଟାକୁଟ ସମାଯୁକ୍ତ ଅବସ୍ଥା ବୋଇଲେ ବୈରାଗ୍ୟ ଅବସ୍ଥା ଏବଂ ଜଟାରେ ଗଙ୍ଗାଦେବୀଙ୍କୁ ଧାରଣ କରିବା ବୋଇଲେ ଶିଖରରେ ପବିତ୍ରତା ଧାରଣ କରିବା ଅବସ୍ଥାକୁ ବୁଝାଯାଏ । ଡ଼ମ୍ବରୁ ବୋଇଲେ ଶବ୍ଦ, ପିନାକ ବୋଇଲେ ନାଦ, ମୃଗ ବୋଇଲେ ଭେଦ ଏବଂ ଶବ୍ଦ ବ୍ରହ୍ମକୁ ଶୂଳ ବୋଲାଯାଏ । ଏ ସମସ୍ତ ନିର୍ଗୁଣ ପୁରୁଷ ଶିବଙ୍କର ହସ୍ତରେ ଥିବା ଆୟୁଧ ବା ଅସ୍ତ୍ରଶସ୍ତ୍ର ଅଟେ । ସେହି ବ୍ରହ୍ମରନ୍ଧ୍ରରେ ଅବସ୍ଥିତ କାରଣ ସ୍ୱରୂପ ପରାତ୍ପର ପରମପୁରୁଷ ଅଚ୍ୟୁତକେଶବ ସ୍ୱମୁଖପଦ୍ମରେ 'ଜୟତୁ ପ୍ରକୃତି ଦେବୀ' ବୋଲି ଉଚ୍ଚାରଣ କରିବା ଦ୍ୱାରା ନିର୍ଗୁଣମୟୀ ପ୍ରକୃତିର ଜୟଜୟକାର କରନ୍ତି । ଏହି ପ୍ରକୃତି ହିଁ ମାୟାର କାରଣ ସ୍ୱରୂପ । ଯୋଗୀ ଯୋଗସମାଧିର ଚରମ ଅବସ୍ଥାରେ ବ୍ରହ୍ମରନ୍ଧ୍ରରେ ଅନେକ ବ୍ରହ୍ମ ବା ଅନେକ ଆତ୍ମା ଘେରି ରହିଥିବାର ଦର୍ଶନ କରନ୍ତି । ଯୋଗୀ ଯୋଗାରୂଢ଼ ଅବସ୍ଥାରେ ପଞ୍ଚଭୂତ ସାଧନାରେ ସିଦ୍ଧିଲାଭକରି କୋଲିୟା ଦ୍ୱାର ବା ଆଖୁଘଣା ସଦୃଶ କୋଷ କେନ୍ଦ୍ରକୁ ଲଂଘନ କରି ପ୍ରାଣବାୟୁକୁ ବ୍ୟାନ ବାୟୁରେପରିଣତ କରି ବ୍ରହ୍ମରନ୍ଧ୍ର ର ରୁଦ୍ଧ ଦ୍ୱାରକୁ ଠେସଦେଲେ ତାହା ଖୋଲିଯାଏ । ତତ୍ପରେ ଯୋଗୀ ଯୋଗ ଦୃଷ୍ଟି ବଳରେ ରତ୍ନପୁର ବା କାରଣଜଗତକୁ ଦର୍ଶନକରେ । ସେଠାରେ କାରଣବିନ୍ଦୁ ମଧ୍ୟରେ କାରଣ ପ୍ରକୃତିଦେବୀଙ୍କର ଦର୍ଶନ ଲାଭ କରେ । ଏହା ଯୋଗର ଚରମ ଅବସ୍ଥା ।

ସବିକଳ୍ପ, ନିର୍ବିକଳ୍ପ, ନିରାଲମ୍ବ ସମାଧିସ୍ଥ ଅବସ୍ଥାରେ ଯୋଗୀ ବ୍ରହ୍ମରନ୍ଧ୍ରରେ କାରଣବିନ୍ଦୁ ମଧ୍ୟରେ କାରଣ ପ୍ରକୃତି ଦେବୀଙ୍କୁ ଦର୍ଶନ କରନ୍ତି । ସେହିଁ ଏକଭାବରେ କାରଣ ପୁରୁଷ ଓ କାରଣ ପ୍ରକୃତି । ଉଭୟେ ସଦା ଏକତ୍ର, ଅଭେଦ ଏବଂ ଅଭିନ୍ନ । ଲଲାଟରେ ବ୍ରହ୍ମା, ହୃଦୟରେ ବିଷ୍ଣୁ ଯୋଡ଼ହସ୍ତରେ ତାଙ୍କୁ ପ୍ରଣାମ କରନ୍ତି । କଣ୍ଠରେ ସବିକଳ୍ପ ଶିବ ନୃତ୍ୟ କରନ୍ତି । କାରଣ ବିନ୍ଦୁରେ ହିଁ ନିର୍ବିକଳ୍ପ ନିରାକାର ବ୍ରହ୍ମ ସ୍ୱରୂପ ନିର୍ଗୁଣ ଶିବ ଅଧିଷ୍ଠିତ । ଇନ୍ଦ୍ରାଦି ଅମର (ଦେବ) ଗଣ ସୁଷୁମ୍ନାନାଡ଼ୀରେ ଗତି କରି ତାଙ୍କର ପଦବନ୍ଦନା କରନ୍ତି । ସନକାଦି ଋଷିଗଣ ବ୍ରହ୍ମଦଣ୍ଡରେ ରହି ତାଙ୍କର ସ୍ତବଗାନ କରନ୍ତି । ବିମଳା କମଳାଦି ସର୍ବଶକ୍ତି ଯୋଗୀର ସ୍କନ୍ଧ ଦେଶରେ ରହି ତାଙ୍କର ସେବାରେ ନିରନ୍ତର ରତ । ଯୋଗୀ ନିରାଲମ୍ବ ସମାଧି ଅବସ୍ଥାରେ ଏ ସକଳ ଦୃଶ୍ୟ ଅନୁଭୂତିରେ ଆଣିଲେ, ମୋହ ଭଙ୍ଗ ହୋଇ ନିର୍ବିକାର ଅବସ୍ଥା ପ୍ରାପ୍ତ ହୁଅନ୍ତି ।

ସର୍ବ ଶେଷରେ ସ୍ୱୟଂ ଯୋଗମାୟା ଯୋଗୀଙ୍କୁ ଆଲିଙ୍ଗନ କରି ପରମତୃପ୍ତି ପ୍ରଦାନ କରନ୍ତି । ସାଧନପଥରେ ଯୋଗୀ ପ୍ରକୃତି ସ୍ୱରୂପିଣୀ ମାୟାଙ୍କର ମହିମା ଜାଣି ଉପାସନା ଦ୍ୱାରା ସନ୍ତୁଷ୍ଟ କରିପାରିଲେ, ମହାମାୟା ଏବଂ ଯୋଗମାୟାଙ୍କ କରୁଣା ଓ କଲ୍ୟାଣରୁ ଜଡ଼ତା ଓ ମୂଢ଼ତାକୁ ତରିଯାଇ ବ୍ରହ୍ମନିର୍ବାଣ ଲାଭ କରିପାରନ୍ତି ।

# ଶିବକଳ୍ପ : ପଞ୍ଚଦଶ ନିର୍ଘଣ୍ଟରୁ ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା....

ଅଭିସାର ଗୋଟା..............................ଗୁରୁବଚନ ମେଣ୍ଟିଲେ ॥୧॥

ଏଠାରେ 'ସାର' ବୋଇଲେ ଜୀବବ୍ରହ୍ମ ଏବଂ 'ଅଭିସାର' ବୋଇଲେ ପରଂବ୍ରହ୍ମଙ୍କୁ ବୁଝାଏ । ଜୀବବ୍ରହ୍ମ ବିକର୍ମ ବା ସତ୍‌କର୍ମ କଲେ ସୁଫଳ ଲାଭକରେ ସତ, ମାତ୍ର ପରଂବ୍ରହ୍ମଙ୍କର ସନ୍ଧାନ ପାଇ ପାରେ ନାହିଁ । ତେଣୁ ଧରାପୃଷ୍ଠରେ ଜୀବ ଜନ୍ମଲାଭ କରି କର୍ମଧାରାରେ ବିକର୍ମ କରି ମଧ୍ୟ ବ୍ରହ୍ମ ଉପଲବ୍ଧି କରିପାରେ ନାହିଁ । ଅକର୍ମ ବୋଇଲେ ଅବ୍ୟକ୍ତକର୍ମ ବା ଅନାଦିଙ୍କ କର୍ମ । ଜୀବ ଗୁରୁବରଣ ଓ ଗୁରୁଗ୍ରହଣ କରି ଅନାଦି, ଅଚ୍ୟୁତ ଏବଂ ଅବ୍ୟକ୍ତ ପୁରୁଷଙ୍କ କର୍ମରେ ନିଜକୁ ନିୟୋଜିତ କଲେ 'ଚକ୍ରତତ୍ତ୍ୱ' ବିଧାନ କର୍ମକୁ ସାଧନ କରିପାରେ । ଏହା ଫଳରେ ଗୁରୁଗ୍ରାହୀ ଜୀବର ଜୀବନରେ ଗୁରୁବଚନ କାର୍ଯ୍ୟକାରୀ ହୁଏ । 'ଦଣ୍ଡ' ବୋଇଲେ ମୁହୂର୍ତ୍ତ (ଅର୍ଥାତ୍ ଚବିଶ ମିନିଟ୍ ସମୟ) । ଧାରାଧରି ଗୁରୁଙ୍କ ନିର୍ଦ୍ଦେଶିତ କର୍ମଯୋଗ ଅଭ୍ୟାସ ଅବ୍ୟାହତ ରଖିଲେ ମୁହୂର୍ତ୍ତ ସାଧନାର ଫଳ ପ୍ରଭୁ ପରମେଶ ଯଥାକାଳରେ ପର୍ଯ୍ୟାୟାନୁସାରିଣୀ କ୍ରମରେ ବିଧାନ ପୂର୍ବକ ପ୍ରଦାନ କରିବେ ॥

ସାଷ୍ଟାଙ୍ଗରେ ଅଷ୍ଟ.................. ବାସ ପଚାରିବୁ ଚାହିଁ ॥୨॥

କଳି ଯୁଗରେ ଜୀବମୁକ୍ତିର ସହଜସରଳ ସାଧନା ହିଁ ସାଷ୍ଟାଙ୍ଗ ପ୍ରଣାମ । ଶରୀରର ଅଷ୍ଟ ଅଙ୍ଗ ଭୂମିକୁ ସ୍ପର୍ଶ କରିବ, ପ୍ରଣାମ ମନ୍ତ୍ର, ପ୍ରଣାମମୁଦ୍ରା, ଲୟ, ଧେୟ ସହିତ ଯଥାବିଧି ଏହି ପ୍ରଣାମ ପ୍ରତ୍ୟେକ ଜୀବର ଅବଶ୍ୟ କର୍ତ୍ତବ୍ୟ । ଧାରାଧରି ଗୁରୁଙ୍କ ନିର୍ଦ୍ଦେଶିତ କର୍ମଯୋଗ ଅଭ୍ୟାସର ଏହା ଏକ ମୁଖ୍ୟ ଅଙ୍ଗ । ଅଷ୍ଟ ପ୍ରଣିପାତ ବୋଇଲେ - (୧) ଅରିଷ୍ଟ, (୨) ନୃପଷ୍ଟ, (୩) ସଖାଷ୍ଟ, (୪) ଗୁରୁଅଷ୍ଟ, (୫) ପିତୃଷ୍ଟ, (୬) ମାତୃଷ୍ଟ, (୭) ଶିଶୁଷ୍ଟ ଏବଂ (୮) ପରମାଷ୍ଟ । ପ୍ରଣିପାତ ବିଧାନ କର୍ମ ଯୋଗୀ ସାଧନା ପଥରେ ସୂକ୍ଷ୍ମରେ ବା ସ୍ଥୂଳରେ ସାଧନ କରି ସାଷ୍ଟାଙ୍ଗ ପ୍ରଣାମ ମାଧ୍ୟମରେ ସମସ୍ତ ସୂକ୍ଷ୍ମବାୟୁକୁ ପ୍ରାଣାୟାମ ସୂତ୍ରରେ ସଂଯମ କରିବା ପରେ କୁଳକୁଣ୍ଡଳିନୀ ଜାଗ୍ରତ ହୋଇ ବ୍ରହ୍ମଦଣ୍ଡ ମଧ୍ୟସ୍ଥ ବ୍ରହ୍ମନାଡ଼ିରେ ଅପାନବାୟୁର ଊର୍ଦ୍ଧ୍ୱଗତି ହୁଏ । ଯୋଗ ଶାସ୍ତ୍ରରେ ଏହାକୁ ଷଡ଼ଚକ୍ରଭେଦ ବୋଲି କୁହାଯାଏ । ଅପାନବାୟୁ ତ୍ରିକୂଟ (ଭ୍ରମରୀଗୁମ୍ଫା, ବଙ୍କନାଳ, ଗୋଲହାଟ)ରେ ସୂକ୍ଷ୍ମଶରୀର ସହିତ ଆତ୍ମରତିରେ ମିଳିତ ହୋଇ ଊର୍ଦ୍ଧ୍ୱକୁ ଗତିକରି ସହସ୍ରାର ଉପରିସ୍ଥ ବ୍ରହ୍ମରନ୍ଧ୍ରରେ ବାଜିଲେ, ଜୀବ (ଯୋଗୀ)ର ଚୈତନ୍ୟ ଉଦୟହୁଏ । ଆତ୍ମଦର୍ଶନ, ବ୍ରହ୍ମଦର୍ଶନ ହୋଇ ଆତ୍ମଜ୍ଞାନ ଓ ବ୍ରହ୍ମଜ୍ଞାନ ପ୍ରାପ୍ତି ହୁଏ । ସଞ୍ଚାବିଧି ବୋଇଲେ ସଞ୍ଚିତ କର୍ମ । ପିତାମାତାଙ୍କ ସଂଯୋଗରୁ ଗ୍ରହନକ୍ଷତ୍ର ଲଗ୍ନାଧିକରଣ ବଶତଃ ତଥା ପୂର୍ବଜନ୍ମର କର୍ମାଦି ଏକତ୍ର ସଞ୍ଚିତକର୍ମ ବୋଲି କଥିତ । ଜୀବଧର୍ମଧାରାର ଅନ୍ୟତମ ମୁଖ୍ୟାଂଶ ଅର୍ଘ୍ୟଫଳ ଧାରଣ, ଅର୍ଘ୍ୟଫଳଧୌତ ଜଳପାନ, ତିଥିରେ ମନ୍ତ୍ର, ମୁଦ୍ରାଦି ସହିତ ଅର୍ଘ୍ୟନିବେଦନ ଦ୍ୱାରା କ୍ରିୟମାଣ, ସଞ୍ଚିତ ଓ ପ୍ରାରବ୍ଧ କର୍ମମାନ ପ୍ରଭୁଙ୍କ ପାଦତଳେ ଥୋଇ କର୍ମଫଳ ବନ୍ଧନରୁ ମୁକ୍ତିଲାଭ କରେ । 'ଲେଖନ ପତ୍ର' ବୋଲି ମହାପୁରୁଷ ଏଠାରେ କର୍ମଲେଖନକୁ (ସନ୍ଦେଶ) ପତ୍ର ସହିତ ଯୋଗ କରି ଠାର ମାଧ୍ୟମରେ ପ୍ରକାଶ କରିଅଛନ୍ତି । ସନ୍ଦେଶ ପତ୍ରସ୍ଥ ଦଶମୋଦକ ଅଭ୍ୟାସ ବଳରେ ମୋଦ ବା ଆନନ୍ଦ ପ୍ରାପ୍ତି ହୁଏ । ଅହଂକାରୀ ମାନେ ଏତାଦୃଶ ବିମଳ ଆନନ୍ଦ ଲାଭରୁ ବଞ୍ଚିତ ହୋଇ ବ୍ୟତିବ୍ୟସ୍ତ ହୁଅନ୍ତି । ସାଧକ ଯୋଗୀମାନେ ଦଶମୋଦକ ଅଭ୍ୟାସ ସାଧନରୁ ପରମାନନ୍ଦ/ନିତ୍ୟାନନ୍ଦ ଲାଭକରନ୍ତି । ଧର୍ମଧାରାଧରି ଅଭ୍ୟାସ କର୍ମଯୋଗ ସାଧନ ଦ୍ୱାରା ପରମଙ୍କ ବାସ ଲୟ ସ୍ଥଳରେ ଆଣିଲେ, ଯୋଗୀ ଚିନ୍ମୟ ଜଗତ ଉପଲବ୍ଧି କରେ । ଧର୍ମଧାରାର ଅନ୍ୟ ଏକ ମୁଖ୍ୟ ଅଙ୍ଗ ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ ଏବଂ ମହାମନ୍ତ୍ର ଦ୍ୱାରା ଏହା ସିଦ୍ଧ ହୁଏ ।

ପୃଥ୍ୱୀ ଆପତେଜ............. ଅମନରେ ମନ ଭର ।।୩।।

ସାଧନା ପଥରେ ପୃଥ୍ୱୀତତ୍ତ୍ୱ ଅନୁଯାୟୀ ବେଶ, ପୋଷାକ ପରିଧାନ ଓ ଖାଦ୍ୟ ଗ୍ରହଣ କରାଯାଏ । ଆପ, ତେଜ, ବାୟୁ ଓ ଅକାଶତତ୍ତ୍ୱର ପ୍ରତ୍ୟେକ ତତ୍ତ୍ୱ ନିମନ୍ତେ ସତେଇଶ (୨୭) ସୋପାନରେ ସର୍ବମୋଟ ୧୦୮ (ଏକଶହ ଆଠ) ତତ୍ତ୍ୱ ସକୋଷ ବିଶିଷ୍ଟ ହୋଇ ଏକଭାବରେ ଖୋଲା ରହିଥାଏ । ମହାପୁରୁଷଙ୍କ ମତରେ ପଞ୍ଚଭୂତକୁ (ପ୍ରାଣାୟାମ ଯୋଗ ସୋପାନରେ) ସାଧନ କଲେ, ଦୃଢ଼ପଣ ରହିଥାଏ । ଭୂତମାନେ ଯୋଗୀର ନିଜ ଆୟତ୍ତରେ ରହିଥାଆନ୍ତି । 'ଅବାରଣ ଭୂଇଁ' ବୋଇଲେ ଲଲାଟଚକ୍ର । ଏହି ଚକ୍ରକୁ ସାଧାରଣ ଜୀବମାନେ ବିନା ସାଧନାରେ ସ୍ପର୍ଶ କରି ପାରନ୍ତି ନାହିଁ । ସମଗ୍ର ଶରୀରରେ ଯେ କୌଣସି ସ୍ଥାନରେ ବାୟୁ ତତ୍ତ୍ୱରେ ଯାହା ସ୍ପର୍ଶ ହେଉଛି, ଜୀବମାତ୍ରେ ତାହା ଅନୁଭବ କରନ୍ତି । ମାତ୍ର ଯୋଗପଥର ଉଚ୍ଚ ସୋପାନରେ ଉପନୀତ ହୋଇ ଲଲାଟଚକ୍ର ସ୍ପର୍ଶ କରିଥିବା ଯୋଗୀର ସାଧାରଣ ଭାବରେ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗର ବିଭିନ୍ନ ସ୍ଥାନରେ ସ୍ପର୍ଶ ଅନୁଭୂତ ହୁଏ ନାହିଁ । ଏହାକୁ ଯୋଗ ମାର୍ଗରେ ଦେହାତୀତଭାବ ବୋଲି କୁହାଯାଏ । 'ଅମନରେ ମନ ଭର' ଅର୍ଥାତ୍ : ଅମନର ପଞ୍ଚସୂତ୍ର - (୧) ଇଟକ ଅମନ, (୨) ଅଟକ ଅମନ, (୩) ଭୂଟକ ଅମନ, (୪) ସୂଜଟ ଅମନ, (୫) ବିୟଜକ ଅମନ, - ଏହି ପାଞ୍ଚମନକୁ ଏକତ୍ର କଲେ, ଶୁଦ୍ଧମନର ଉଦୟ ହୁଏ । ଏହି ଶୁଦ୍ଧମନ ଅବସ୍ଥାରେ ବିଁଷ ଆଦୌ ସ୍ପର୍ଶ କରିପାରେ ନାହିଁ ।

ଅଇସୂର୍ଯ୍ୟ ସ୍ଥାପି................... ତ୍ରିପୁରାକୁ କର ଆଶ ।।୪।।

ଲଲାଟଚକ୍ରର ଚତୁଃପାର୍ଶ୍ୱରେ ଦ୍ୱାଦଶ ସୂର୍ଯ୍ୟଙ୍କର ଅବସ୍ଥିତି । ଏହି ଦ୍ୱାଦଶ ସୂର୍ଯ୍ୟ ମଧ୍ୟରୁ ଏକ ଅଂଶୀ ସୂର୍ଯ୍ୟଙ୍କୁ ଅଇସୂର୍ଯ୍ୟ କୁହାଯାଏ । ଏହା ଚିତ୍ତ ଦ୍ୱାରରେ ବ୍ରହ୍ମଜ୍ଞାନ ପ୍ରାପ୍ତିରେ ସାହାଯ୍ୟ କରେ । ପୂର୍ବକଥିତ ଓ ଆଲୋଚିତ ମାର୍ଗରେ ଚିତ୍ତର ଦ୍ୱାର ଖୋଲିଗଲେ, ଅପାନ ବାୟୁ କୁଣ୍ଡଳିନୀ ଚକ୍ରର ଭ୍ରମରୀଗୁମ୍ଫାରେ ଠୁଳ ହୋଇ ସେଠାରୁ ପୁନଶ୍ଚ ନିମ୍ନଗାମୀ ହୋଇ ଅପାନବାୟୁ ନୀଳବର୍ଣ୍ଣ ଧାରଣ କରି କ୍ଷଣକ ପାଇଁ ହୃଦୟ ଚକ୍ରକୁ ଆସେ । ଏହିଠାରେ ତାହା ପ୍ରାଣବାୟୁ ସହିତ ମିଶି ଅବନାନାମ ସୂତ୍ର ବୀଜ ଧାରଣ କରେ । ତତ୍ପରେ କ୍ଲୀଂ ବୀଜ ଧାରଣ କରି 'ରା-ସ୍ୱା' ଅକ୍ଷରତତ୍ତ୍ୱ ତଥା ନିତ୍ୟରାଧା ନିତ୍ୟକୃଷ୍ଣ ଦର୍ଶନ ଅନୁଭବରେ ଆଣିଥାଏ । ଏକତ୍ର ପୁରୁଷ ଓ ପ୍ରକୃତି ସ୍ୱରୂପ ପରଂବ୍ରହ୍ମଙ୍କର ଉପଲବ୍ଧ ତ୍ରିକୂଟରେ ହୋଇଥାଏ ।

ହରପରେ ଝର.................. କପାଳରେ ଗାର ମାର ।।୫।।

ଶକଟକ ବଜ୍ରକୂଟ ଅଂଶରେ ବାୟୁ ପହଞ୍ଚିଲେ, 'ହ' ଏବଂ 'ର' ଅକ୍ଷର ଦ୍ୱୟରୁ ରସ ଝରେ । ସେହି ନିର୍ଗତ ରସ ଧାରଣ କରି ଯୋଗୀ ସମାଧି ଅବସ୍ଥାରେ ବିନା ଖାଦ୍ୟ ପାନୀୟରେ ଆଚରଣରେ ବିହାର କରେ । ଏହାକୁ ଜୀବର ନିତ୍ୟାଚାର କୁହାଯାଏ । 'ଧବଳଗିରି' ବୋଇଲେ ଲଲାଟଚକ୍ର । ସୁଷୁମ୍ନାକାଣ୍ଡରେ ବାୟୁ ଊର୍ଦ୍ଧ୍ୱମୁଖୀହୋଇ ଲଲାଟଚକ୍ରର ଅନାହତ ନାଦ ବ୍ରହ୍ମକୁ ସ୍ପର୍ଶକରି ସୂକ୍ଷ୍ମସ୍ଥିତିକୁ ଫେରି ଆସିଲେ, ବ୍ରହ୍ମଜ୍ଞାନ ନିର୍ଗତ ହୁଏ । ଲଲାଟଚକ୍ରର ପଦ୍ମବନରେ ଯୋଗୀ ପରମ ସହିତ ମିଳିତ ହୁଏ ।

ତତ୍ତ୍ୱଆତ୍ମ ଧାଇ...................... ଛନ୍ଦ ଶାହାସ୍ତର ପଦ୍ମେ ।।୬।।

ତତ୍ତ୍ୱାତ୍ମା ଯୋଗୀ ଲଲାଟ ଚକ୍ରର ଦ୍ୱାଦଶ ସୂର୍ଯ୍ୟଙ୍କୁ ଦର୍ଶନ କରି ପୁନଶ୍ଚ ବାୟୁକୁ ପ୍ରାଣାୟାମ ସୂତ୍ରରେ ନିମ୍ନାଭିମୁଖୀ କରି ହୃଦୟଚକ୍ରରେ ପରମପୁରୁଷଙ୍କ ସାନିଧ୍ୟ ଲାଭକରେ । ଏହି ଅବସ୍ଥାରେ ଜୀବ ଓ ପରମ ଏକ ଏବଂ ଅଭିନ୍ନ ବୋଲି ପ୍ରତୀୟମାନ ହୁଅନ୍ତି । 'ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି' ତତ୍ତ୍ୱାତ୍ମାଯୋଗୀର ବ୍ରହ୍ମଜ୍ଞାନ ଉଦୟ ହେଲେ, ଏହି ଅବସ୍ଥା ଉପନୀତ ହୁଏ । ଜୀବ ଓ ପରମ ର ଛନ୍ଦ ବା ମିଳନ ପ୍ରତିଷ୍ଠିତ ହୋଇ ହୃଦ ପଦ୍ମ, ଲଲାଟ ପଦ୍ମ ଏବଂ ବ୍ରହ୍ମଶିରା ପଦ୍ମ ପୂର୍ଣ୍ଣ ବିକଶିତ ହୋଇଥାଏ । ବ୍ରାହ୍ମୀସ୍ଥିତିରେ ଯୋଗୀ ପରମ ପୂର୍ଣ୍ଣାନନ୍ଦ ଲାଭ କରନ୍ତି । ଏଠାରେ ଜୀବପରମର ଖେଳ ହୁଏ । ଅଣାକ୍ଷର ଛନ୍ଦତତ୍ତ୍ୱଜ୍ଞାନ ଅନୁଭୂତ ହୋଇଥାଏ ।

ନାମବ୍ରହ୍ମ ତହିଁ................................ କ୍ଷୀନନାଳ ପରେ ଚିହ୍ନ ।।୭।।

ଆପଣାର ଯୋଗସାଧନ ପଥରେ ଯୋଗୀ ଉପରକୁ ଉଠି ଷଡ଼ଚକ୍ରଭେଦ ପରେ ସପ୍ତମଚକ୍ରର 'ସ୍ୱାଁହାଧଚକ୍ର'ରେ କ୍ଲୀଂବୀଜ ସୂକ୍ଷ୍ମକୋଷ ଧାରଣ କରି ବଙ୍କୁନାଳ ଠାରେ ଇଁଡ଼ାନାଡ଼ୀରେ ପବନକୁ ସୂତ୍ରକରି ରଖିଥାଏ । ଏହିଠାରେ ବ୍ରହ୍ମଃମାୟାଦ୍ୱାରା ଆଚ୍ଛନ୍ନ ହୋଇ ଥାଆନ୍ତି । ନାମବ୍ରହ୍ମଃ-ନାଦବ୍ରହ୍ମ ସେଠାରେ ଯୋଗୀ ଅଙ୍ଗରେ ଯୁଗଳରୂପରେ - ପୁରୁଷ ଓ ପ୍ରକୃତି ରୂପରେ ନିତ୍ୟରାଧା ନିତ୍ୟକୃଷ୍ଣ ସ୍ୱରୂପରେ ଅଭିନ୍ନରୂପରେ ଭିନ୍ନ ଭିନ୍ନ ତତ୍ତ୍ୱ ପ୍ରକାଶ କରନ୍ତି । କାଳନ୍ଦୀହ୍ରଦ ବୋଇଲେ ଯମୁନା ଅର୍ଥାତ୍ ଇଁଡାନାଳୀ ।

ବାଜୁଛି ବାଜଣା................................ ଆପେ ଆପଣାକୁ ଦେଖ ।।୮।।

ପୂର୍ବାନୁଭାସ ଅନୁସାରେ ଗୋଲହାଟରେ ଦ୍ୱାଦଶବାଜଣା (ଦ୍ୱାଦଶ ଶବ୍ଦ) ଯୋଗୀ ଶ୍ରବଣ କରି ପରମ ଆନନ୍ଦ ଲାଭ କରେ । ଯୋଗୀ ଏହିଠାରେ ପଥଭ୍ରଷ୍ଟ ହେଲେ ଦର୍ପ, ଅହଂକାର, ଗର୍ବ, ଅସ୍ମିତାଦି ଦ୍ୱାରା ଆଚ୍ଛନ୍ନ ହୋଇ ବଣା ହୁଏ । ମାତ୍ର, କ୍ଲୀଂବୀଜର ଶରଣାପନ୍ନ ହେଲେ, ପଥଭ୍ରଷ୍ଟନହୋଇ ଆତ୍ମଦର୍ଶନ ଲାଭ କରେ । ଚେତନାଦ୍ୱାରା ଖୋଲିଲେ, ବ୍ରହ୍ମଙ୍କର ସାକ୍ଷାତ ହୁଏ ।

ବାରି ଧରିଥାଅ..................... କେ କହିବ ଆଉ କହୁ ।।୯।।

ସର୍ବୋଚ୍ଚ ଶିଖରରେ ନାମସୂତ୍ରରେ ତତ୍ତ୍ୱ ଅଙ୍ଗରେ ବ୍ରହ୍ମ ଖେଳ କରୁଥାଆନ୍ତି । ଦ୍ୱାଦଶ ଧ୍ୱନି ମଧ୍ୟରୁ ବୀଣାସ୍ୱନ ଅନ୍ୟତମ । ଏଠାରେ ତାହା ଶ୍ରୁତିଗୋଚର ହୁଏ । ତେଣୁ ଯୋଗୀ ହୃଦୟରେ ପୂର୍ଣ୍ଣାନନ୍ଦ ଉଦୟ ହୁଏ । ଦଶ ଅଛରି ଇନ୍ଦ୍ରି ସାତ୍ତ୍ୱିକ ଭାବରେ ଚୈତନ୍ୟରେ ପହଞ୍ଚି ପଞ୍ଚତତ୍ତ୍ୱଜ୍ଞାନରେ ଦ୍ୱାଦଶ ଶବ୍ଦ ମଧ୍ୟରୁ ଘଣ୍ଟଶବ୍ଦ ଶୁଣାଯାଏ । ''ଶିବକଳ୍ପ''ର ପଞ୍ଚଦଶ ନିର୍ଘଣ୍ଟର କଳ୍ପନୀୟ ମୂର୍ତ୍ତି ସ୍ୱରୂପ ଜ୍ଞାନ ଠୁଳମାତ୍ରା ଦ୍ୱାରା ଯୋଗୀ ଦର୍ଶନ କରନ୍ତି ।।''ଓମିତି'' !!!

ଭେକିକି ଭାବରେ ନରସି ବସ ।
ହକାରି କ୍ଷାକ୍ଷରେ ହକ୍ଷରେ ରସ ।।

ମୁହଁ ମନ ପୁଣି କରମ ଏକ ବିନ୍ଦୁରେ ରଖି ।
ସିନ୍ଧୁସ୍ନାନ ସୁଖ ଚରମ ରସ ନିଅ ପରଖି ।।

ପ୍ରଥମେ ନିଜକୁ ଭଲ ପାଇ ଶିଖ । ତା'ପରେ ଆପେ ଆପେ ଅନ୍ୟକୁ ଭଲପାଇବାର ଆଗ୍ରହ ମନରେ ଜାଗି ଉଠିବ ।

- କୈବଲ୍ୟ କଣିକା -

# ନୀଳଚକ୍ର

## ଚରମର ସଙ୍କେତ

## 'ଚରମ'ର ସଂକେତ

''ଯୁଗର ତୋରଣ ମୁକ୍ତତରୁଣ ସୁପ୍ତ ନୁହଁରେ ଆଜି ।
ଲୁପ୍ତ ଯୁଗର ଗୁପ୍ତ ବାଂଶରୀ ଉଠିଲାଣି ଶୁଣ ବାଜି !!''

''ଚ଼ରମ''ର ପରମଚ଼ରମ ସଂକେତ - ଯୁଗାବସାନର ସଂକେତ । ଲୁପ୍ତ ସତ୍ୟର ପ୍ରତିଷ୍ଠା ପାଇଁ ଗୁପ୍ତ ବଂଶୀ ବାଜି ଉଠିଲାଣି । ହେ ତରୁଣଗଣ ! ଶୁଣ । ତୁମେ ମାନେ ହିଁ ନୂତନଯୁଗ ପ୍ରତିଷ୍ଠା ଉତ୍ସବର ତୋରଣ । ତୁମେମାନେ ସୁପ୍ତ ହୁଅନା ମୁକ୍ତ ହୁଅ, ମୁକ୍ତ ।

''ମୋତେ ମୁକ୍ତିଦିଅ ! ମୋତେ ମୁକ୍ତିଦିଅ !! ମୋତେ ମୁକ୍ତି ଦିଅ !!!
ଶୁଖାଇ ଦିଅହେ ପତିତ ନୟନୁ ବେଦନାରେ ଭରା ଲୁହ ।।''

ଭ୍ରାତୃତ୍ୱ ଭାବରେ ଅବଗାହନ କରି ହିଂସା, ଈର୍ଷା, ଦ୍ୱେଷ, ଭେଦଭାବ, ଛଳନା, କପଟତା, ମିଥ୍ୟାଚ଼ାରାଦି ରାକ୍ଷସୀ ଗୁଣାବଳୀକୁ ଅନ୍ତଃସ୍ଥଳରୁ ସମୂଳେ ବିନାଶକରି ଏକକଣ୍ଠରେ, ଏକ ସ୍ୱରରେ, ଏକ ତାଳରେ, ଏକ ଲୟରେ ପରମପୁରାଣ ପୁରୁଷଙ୍କୁ କାତରତାର ସହିତ ମୁକ୍ତି ପାଇଁ ପ୍ରାର୍ଥନା କର । ତୁମମାନଙ୍କ ଆଖିରୁ ବେଦାନଶ୍ରୁ ସେ ପୋଛିଦେବେ ନିଶ୍ଚୟ । ପତିତ ପାବନ ନାମ ସାର୍ଥକ କରିବେ । ନୂତନ ଯୁଗର ଅୟମାରମ୍ଭରେ ନୂତନ ଜୀବନର ସୂତ୍ରପାତ ହେବ । ମିଳିତ କଣ୍ଠରେ ସେହି ପବିତ୍ର ପଦ୍ମପାଦ ପୀଠରେ କାତର ସ୍ୱରରେ ସବିନୟ ଅନୁନୟ କରି ଗାଇ ଉଠ :

''ତୁମରି ଆଶିଷ ନତଶିରରେ ବହି ଚାଲିବ ଏ ଅଭିଯାତ୍ରୀ ।
ଶୋଷଣ କଷଣ ଲାଞ୍ଛନା ଲିଭାଇ ପୁହାଅ ହେ କାଳରାତ୍ରି ।।''

ହେ ପୂଜକ ! ତୁମେ କାହାର ପୂଜା କରୁଛ ? ହେ ପୂଜାରୀ ! କାହାଠାରେ ଷୋଡ଼ଶୋପଚାରରେ ପାଦାର୍ଘ୍ୟ, ପାଦାସନ, ଧୂପ, ଦୀପ, ନୈବେଦ୍ୟାଦି ପ୍ରସାଦ ନିବେଦନ କରୁଛ ? ସଚେତନ ହୁଅ । ଲକ୍ଷ୍ୟ କରି ନିରୀକ୍ଷଣ କର -

''ହେ ପୂଜାରୀ ! କର ପୂଜା, କର ତା'ରେ ପୂଜା ।
ମଣିଷଠାରୁ ଦେବତା ମୁକୁର ତା' ପରାଣେ ଜ୍ଞାନ ହଜା, ଜ୍ଞାନହଜା ।।
ଦୀପ୍ତିରେ ଝଲସି ମୁକ୍ତିରେ ଉଲ୍ଲସି,
ସେ ଦିଅଁ ଚାହିଁଛି ସେନେହ ପରଶି,
ହାତ ପାତି ନେବ ହାତୁଁ ପରସାଦ ଉଡ଼ଇ ତା' ଖ୍ୟାତି ଧ୍ୱଜା, ଖ୍ୟାତି ଧ୍ୱଜା ।।

ଅମୃତ ଝରଇ ସେ ଅଧର କୋଣୁ,
ବିଷ ମିଶାଇଲେ, ବିଷ ଘାରେ ତନୁ,
ତୋ ଭକ୍ତିରେ ତା'ର ସେନେହ ମିଶିଲେ ବାଜିବରେ ମଧୁବାଜା, ମଧୁବାଜା ।।
ଯୁଗଯୁଗର ତୁ ପାଚେରୀ ଭାଙ୍ଗିଦେ,
ମଣିଷ, ମଣିଷେ, ଆପଣା କରିନେ,
ଜୀବନ୍ତ ଦେବ ସେ ମାଗିଲେ ଦେବ ସେ, ସେ ଦିଅଁକୁ କର ପୂଜା, କରପୂଜା ।''

ତେଣୁ ଯୁଗାବସାନର ଚରମ ସଂକେତ ଦେଇ 'ଚରମ' ଆଜି ତୁମମାନଙ୍କୁ ଉଦ୍ଧାର କମ୍ବୁକଣ୍ଠରେ ଆହ୍ୱାନ ଦେଉଛି- କୁଳଜାତିଭେଦ ଚିନ୍ତାଚେତନା, ବାକ୍ୟ ବଚନ ଓ ସକଳକର୍ମାଦିରୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରି ଗାଇ ଉଠ :

''ଫିଟାଇ ଦିଅହେ ସମାଜ ବଂଧନ ଛିଣ୍ଡାଇ ଦିଅ ସେ ଡ଼ୋରି ।
ମଣିଷଭିତରେ ମଣିଷର ଭେଦ ଭାଙ୍ଗିଦିଅ ସେ ପାଚେରୀ ।''

ନାଥ ନାଥ ବୋଲି ଡାକୁଛ ହେବନାହିଁ ଅନାଥ ।
ପାଦପଦ୍ମ ଲକ୍ଷ୍ୟ ରଖିରେ ତହିଁ ଉଜାଡ଼ ମାଥ ।।

ଶିକ୍ଷାର ଯୋଗ୍ୟତା ନ ମାପ କେବେ ।
ତତ୍ତ୍ୱଜ୍ଞାନ ଲାଭ କରିବ ତେବେ ।।

ସମର୍ପି ଦେଉଛ ମୁହଁରେ ଗୁରୁ ପାଦେ ସରବ,
କାମେ ତା' କରୁନ ବାତୁରେ ଆବୋରିଛ ଦରବ ।
ସମରପଣର ଏ ଭାବ ଡ଼ାକି ଆଣେ ଆପଦ,
କାଳ ସଙ୍ଗେ ଖେଳ କରୁଛ ସଂପଦଟି ବିପଦ ।।

# ଶ୍ରୀଶ୍ରୀ ଠାକୁରଙ୍କର ସ୍ମାରକ ଦର୍ଶନ

## ତା ୫।୬।୧୯ତରିଖ : ରୋହିଣୀ, ବୃଷ : ଗୁରୁବାର : ସାବିତ୍ରୀ ଅମାବାସ୍ୟା

*ବିଡ଼ମ୍ବନାରୁ ଏ ସଂଖ୍ୟାରେ ମଧ ଶାଖା ପରିଚିତି ପ୍ରକାଶ ହୋଇପାରୁନି । ଏଥର ପାଇଁ ଶାଖା ପରିଚିତି ସ୍ଥାନରେ ଏ ବର୍ଷର ପଞ୍ଜିକାରେ ମୁଦ୍ରିତ ଶ୍ରୀଶ୍ରୀଠାକୁର (କେଶବଚନ୍ଦ୍ର)ଙ୍କର ସ୍ମାରକ ଦର୍ଶନ ଦିବସର ତାତ୍ପର୍ଯ୍ୟ ଏଠାରେ ପ୍ରକାଶ କରାଯାଇ ଜିଜ୍ଞାସୁମାନଙ୍କର ଜିଜ୍ଞାସାକୁ ଯଥାର୍ଥ ସମ୍ମାନ ଦିଆଯାଉଛି । ଶାଖା ପରିଚିତି ଠାରୁ ଏହା କ'ଣ ଆମ ପାଇଁ ଦୟାଳୁ ଠାକୁରଙ୍କର ମହାର୍ଘ ଆଶୀର୍ବାଦ ନୁହେଁ କି ? ତେଣୁ ଏ ପାଖୁଡ଼ାରେ ଏଥର ଆସନ୍ତୁ ଜାଣିବା ସ୍ମାରକ ଦର୍ଶନର ମହତ୍ତ୍ୱ ଓ ମହିମା, ଅବଶ୍ୟ ସଂକ୍ଷେପରେ ସମ୍ପ୍ରତି ଯେତିକି ଆବଶ୍ୟକ :*

ସତ୍ୟଯୁଗରୁ ଗଭୀର ତପସ୍ୟାରତ ନବରତ୍ନ ନବଋଷି : ଅରିନ୍ଦମ, ପୁଲସ୍ତ୍ୟ, ସୁଧନ୍ୱା, ଶକୁନ୍ତଶ ମେଧାଧ, ବିଭୀଷଣ, ମତ୍ସ୍ୟତିଥି, ଶୁକ୍ଳାନନ୍ଦ ଏବଂ ରଣ୍ଟୁକ୍ରମ । ଯୁଗ ବିତିଯାଏ, ନବତପସ୍ୱୀଙ୍କର ତପଶ୍ଚରଣ ଗାଢ଼ରୁ ଗାଢ଼ତର ହୁଏ । ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, କୃଷ୍ଣାଦି ଷଡାବତାରଏହି ନଅଜଣ ତପସ୍ୱୀଙ୍କର ତପଶ୍ଚର୍ଯ୍ୟାରେ ସନ୍ତୁଷ୍ଟ ହୋଇ ସେମାନଙ୍କର ଇଚ୍ଛା ପୂରଣ ନିମନ୍ତେ ସୂକ୍ଷ୍ମରେ ବରପ୍ରଦାନ କରନ୍ତି । ସେହି ଆଧ୍ୟାତ୍ମିକ ବରର ଫଳଶ୍ରୁତି କଳିକାଳରେ ସ୍ମାରକ ଦର୍ଶନର ସ୍ମୃତି ବହନ କରେ ।

ପ୍ରତ୍ୟେକ ଅମାବାସ୍ୟାର ଦିବସ ଓ ରାତ୍ର ଉଭୟ ସୂକ୍ଷ୍ମ ସାଧନା ନିମନ୍ତେ ପ୍ରଶସ୍ତ ଓ ପ୍ରକୃଷ୍ଟ । ତନ୍ମଧ୍ୟରୁ ଜ୍ୟେଷ୍ଠ ଅମାବାସ୍ୟା : ସାବିତ୍ରୀ ଅମାବାସ୍ୟାର ତାତ୍ପର୍ଯ୍ୟରେ ସ୍ୱତନ୍ତ୍ରତା ଅବଶ୍ୟ ରହିଛି । ବର୍ଷର ୩୬୫ଦିନ ମଧ୍ୟରୁ ଜ୍ୟେଷ୍ଠ ଅମାବାସ୍ୟା ତିଥିର ରାତ୍ର ଓ ଦିବସ ଉଭୟ ଅବ୍ୟକ୍ତ ଦିବସ ଏବଂ ଅବ୍ୟକ୍ତ ରାତ୍ରି ଭାବରେ ଖ୍ୟାତି ଅର୍ଜନ କରିଛି । ଏହି ତିଥିରେ ଜୀବ ଓ ପରମ ଏକାଦଶ ହେବାର ଲଗ୍ନ ଉପସ୍ଥିତ ହୋଇଥାଏ । ବିଶେଷ କରି ଏହି ଅମାବାସ୍ୟାରେ ଜୀବ ସ୍ୱସାଧନାର ସିଦ୍ଧିସ୍ୱରୂପ ତା'ର ପିଣ୍ଡ ପୁରୁଷକୁ ଦର୍ଶନ କରି ଲୁକ୍କାୟିତ ଅବ୍ୟକ୍ତ ତତ୍ତ୍ୱ ଆହରଣ କରିବାକୁ ସକ୍ଷମ ହୋଇଥାଏ ଏବଂ ପରମଙ୍କ ସହିତ ଏକାକାର୍ ହେବାର ସୌଭାଗ୍ୟ ଲାଭକରେ ॥

ପୂର୍ବୋକ୍ତ ନଅଜଣ ଋଷି ସମାଧି ସ୍ତରର ଚରମ ସୋପାନରେ ଅଧିରୂଢ଼ ହୋଇ ନିରାକାର ବ୍ରହ୍ମଙ୍କୁ ନିବେଦନ କରି : ପ୍ରତିବର୍ଷ ସାବିତ୍ରୀ ଅମାବାସ୍ୟାରେ ନିଜନିଜର ସ୍ମରଣ ମାତ୍ରେ ପିଣ୍ଡପୁରୁଷଙ୍କୁ ଦର୍ଶନ କରିବାର ସୁଯୋଗ ଲାଭ ନିମନ୍ତେ ବର ମାଗିଥିଲେ । ସେହି ନବଋଷିଙ୍କର ଇଚ୍ଛା ପ୍ରତି ଶ୍ରଦ୍ଧା ଅବନତ ହୋଇ ନିରାକାର ପୁରୁଷ ପ୍ରତିବର୍ଷ ଏହି ଅମାବାସ୍ୟା ତିଥିରେ ପ୍ରତ୍ୟେକ ଋଷିଙ୍କର ବ୍ରହ୍ମ ସୂକ୍ଷ୍ମସ୍ମାରକ ପିଣ୍ଡ ପୁରୁଷ ଦର୍ଶନ ଦର୍ଶାଇ ଦେଇ ଅଛନ୍ତି ।

ଏହି ବିଶେଷ ସୁଯୋଗ ଏହି ତିଥିରେ ନିରାକାର ଦିଅନ୍ତି । ତେଣୁ ଏହିଦିନ ସାବିତ୍ରୀ ନିଷ୍ଠାବ୍ରତ ମାଧ୍ୟମରେ ମୃତପତି ସତ୍ୟବାନଙ୍କର ଆତ୍ମାପୁରୁଷଙ୍କୁ ପୁନର୍ବାର ସ୍ଥୂଳପିଣ୍ଡ ମଧ୍ୟକୁ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ । ସେହିଦିନଠାରୁ ଏ ଯାବତ୍ ଏହା ସାବିତ୍ରୀ ଅମାବାସ୍ୟା ନାମରେ ବିଶେଷ ଖ୍ୟାତି ଅର୍ଜନ କରି ପାରିଛି ॥

ସେହି ପ୍ରକ୍ରିୟାରେ ଏହି ପବିତ୍ର ତିଥିରେ ପୂର୍ବୋକ୍ତ ନଅଜଣଋଷି ନିରାକାରଙ୍କ ସହିତ ନିରାମୟ ସମାଧି ଯୋଗରେ ଏକାକାର ହୋଇ ତାଙ୍କର ପୂର୍ଣ୍ଣସିଦ୍ଧି ଲାଭ କରିଥିଲେ । ସେମାନଙ୍କ ମଧ୍ୟରୁ ଅରିନ୍ଦମ, ମତ୍ସ୍ୟତିଥି, ଶୁକ୍ଳାନନ୍ଦ ଏବଂ ରଣ୍ଟୁକ୍ରମ ସମାଧି ଅବସ୍ଥାରେ ବରମାଗିଥିଲେ: କଳି ସଂସ୍କୃତିରେ ପରଂବ୍ରହ୍ମ ଯେତେବେଳେ ମର୍ତ୍ତ୍ୟାବତରଣ କରିବେ ଏହି [illegible] ତାଙ୍କର (ଋଷିଗଣଙ୍କର) ସିଦ୍ଧିପ୍ରାପ୍ତ ସ୍ମାରକ ପାଳନ କରାଯିବ ଏବଂ ଗୁରୁଅଙ୍ଗରେ ଥିବା ନିରାକାରଙ୍କର ସ୍ଥୂଳ ସ୍ମାରକ ଦିବସ ପାଳନ କରାଯାଇ ତାଙ୍କର ବ୍ୟବହୃତ ସ୍ଥାନ, ପାତ୍ର, ପାଦୁକାଦି ବିଭିନ୍ନ ସ୍ଥୂଳ ବସ୍ତୁର ପବିତ୍ର ସ୍ମୃତିରେ ସ୍ଥୂଳ ସ୍ମାରକ ଦର୍ଶନ କରାଯିବ ।

ଯାଚଞ୍ଚାର ପୂର୍ତ୍ତି ନିମନ୍ତେ ଠାକୁରେ ମର୍ତ୍ତ୍ୟାବତରଣ କରିବା ପରଠାରୁ ପ୍ରତିବର୍ଷ ଏହି ପୁଣ୍ୟତିଥିରେ ସମସ୍ତଙ୍କର ଅଗୋଚରରେ ସୂକ୍ଷ୍ମକ୍ରିୟା ପଦ୍ଧତିରେ ଏହି ସ୍ମାରକଦର୍ଶନ ସମାହିତ କରି ଆସୁଥିଲେ । ଆମ୍ଭମାନଙ୍କର ପରମ ସୌଭାଗ୍ୟ ଏହି ବର୍ଷ ପ୍ରଥମଥର ପାଇଁ ପଞ୍ଜିକାରେ ମୁଦ୍ରିତ ଉତ୍ସବ ସୂଚୀ ଅନୁକ୍ରମରେ ପରମଦୟାଳୁ ଭକ୍ତବତ୍ସଳ ଠାକୁରେ ସ୍ୱବଳ ଅନୁମତି ପ୍ରଦାନ କରିବାରୁ ଏହା ସ୍ଥୂଳରେ ସମସ୍ତଙ୍କର ଗୋଚରାର୍ଥେ ଓ ମଙ୍ଗଳ ବିଧାନ ନିମନ୍ତେ ଯଥାବଧି ସଂକ୍ଷିପ୍ତସାରରେ ପାଳିତ ହୋଇଅଛି ।

ଶ୍ରଦ୍ଧା, ବିଶ୍ୱାସ ତଥା ଭକ୍ତିପୂତ ହୃଦୟରେ ଏହି ପବିତ୍ର ସ୍ମାରକଦର୍ଶନ ଦିବସର ସ୍ମୃତିଚାରଣ କରି ମନ୍ତ୍ରଜପାଦି ସହିତ ସ୍ମାରକ ଦର୍ଶନ କଲେ, ସେହି ପୂର୍ବୋକ୍ତ ନଅଜଣ ଋଷିଙ୍କର ତପଃ ପ୍ରଭାବରୁ ନିରାକାରଙ୍କର ନିର୍ବିକାର ସଭାନୁଭୂତି ଅନ୍ତଃକରଣରୁ ଯୁଗଯୁଗାନ୍ତର, ଜନ୍ମଜନ୍ମାନ୍ତର ସକଳ ପାପ କ୍ଷୟ ହୋଇ ଜୀବର ପରମଙ୍କ ସହିତ ଯୋଗଯୁକ୍ତ ହେବାର ପଥ ଉନ୍ମୋଚନ ହେବାର ସମ୍ଭାବନା ଦିବାଲୋକ ପରି ଉଜ୍ଜ୍ୱଳ ଏବଂ ସୁସ୍ପଷ୍ଟ କହିଲେ ସତ୍ୟର ଅପଳାପ ହେବ ନାହିଁ କିମ୍ବା ଅତ୍ୟୁକ୍ତି ହେବ ନାହିଁ ॥

# ଆଶ୍ରମ ସନ୍ଦେଶ

ତା୮।୪।୯୭ରିଖ (ମଙ୍ଗଳବାର) : କଟକ ନଗରସ୍ଥ ପ୍ରଫେସରପଡ଼ାରେ ସ୍ଥାନୀୟ ଗୁରୁଭାଇ ଭଉଣୀମାନଙ୍କର ମିଳିତ ଉଦ୍ୟମ ଓ ଉଦ୍ୟୋଗରେ ବାର୍ଷିକ ସତ୍‌ସଙ୍ଗ ଅନୁଷ୍ଠାନ ନିରାଡ଼ମ୍ବରର ଭାବେ ପାଳିତ ହୋଇଅଛି ।

ତା୧୧।୪।୯୭ରିଖ (ଶୁକ୍ରବାର) : ଠାକୁରେ କେନ୍ଦୁଝର ଜିଲ୍ଲା ପରିକ୍ରମାରେ ଯାଇଥିଲେ ।

ତା୧୨।୪।୯୭ରିଖ (ଶନିବାର) : କେନ୍ଦୁଝର ସହର ଉପକଣ୍ଠସ୍ଥ ସିଦ୍ଧମଠ ଠାରେ କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ଶାଖାର ପରିଚାଳକ ଓ ପୂଜକ ମାନଙ୍କ ସହିତ ୧୯୯୭ର ପରିଷଦର ବାର୍ଷିକ ଉତ୍ସବ ପାଳନ ସମ୍ବନ୍ଧରେ ଠାକୁରଙ୍କର ଆଲୋଚନା । (୨) ମାଳିହତା ପ୍ରସ୍ତାବିତ ଶାଖାର ବାର୍ଷିକ ସତ୍‌ସଙ୍ଗ ଅଧିବେଶନ ସଂଘୀୟ ବିଧିବିଧାନ ଅନୁଯାୟୀ ଯଥାରୀତି ପାଳନ ।

ତା୧୪।୪।୯୭ରିଖ (ସୋମବାର): ମହାବିଷୁବ (ପଣା) ସଂକ୍ରାନ୍ତି ତିଥିରେ ଠାକୁମା' ସୁକାନ୍ତି ଦେବୀଙ୍କର ଜନ୍ମଜୟନ୍ତୀ ଉତ୍ସବ ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ସହସ୍ରାଧିକ ଭକ୍ତ ଅନୁରକ୍ତ ଭାଇଭଉଣୀମାନଙ୍କର ଉପସ୍ଥିତିରେ ମହାସମାରୋହରେ ପୂତପବିତ୍ର ଭାବଗମ୍ଭୀର ପରିବେଶରେ ପାଳନ ଓ ତଦୁପଲକ୍ଷେ ଅଚ୍ୟୁତଗୁପ୍ତ ବ୍ରହ୍ମ ସଂଘ ତରଫରୁ ବିଶେଷ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିରତି ଓ ଶାନ୍ତି ଘୋଷଣା ପରେ ସମବେତ ସମସ୍ତ ଭାଇଭଉଣୀଙ୍କୁ ମିଷ୍ଟାନ୍ନ ବଣ୍ଟନ ଓ ମହାମନ୍ତ୍ର ସଂକୀର୍ତ୍ତନ ସହ ସମବେତ ଭାଇଭଉଣୀମାନେ ଠାକୁମା'ଙ୍କୁ ନୂତନ ବସ୍ତ୍ରାଦି ପରିଧାନ କରାଇ ସତ୍‌ସଙ୍ଗ ସ୍ଥଳକୁ ବିଜେ ଓ ଯଥାବିଧି ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପ୍ରଦାନାନ୍ତେ ନିଜନିଜର ଉପହାର ଠାକୁମା'ଙ୍କୁ ନିବେଦନ କରି ପ୍ରଣାମାନ୍ତେ ଠାକୁମା'ଙ୍କ ଆଶୀର୍ବାଦ ଲାଭକରି ସନ୍ତୋଷ ପ୍ରକାଶ କରିଥିଲେ । (୨) ସଂଧ୍ୟାରେ ସାହିତ୍ୟସଂସଦ୍ ଆନୁକୂଲ୍ୟରେ ଶ୍ରୀଶ୍ରୀ ଠାକୁର ଓ ସୁଶ୍ରୀ ଠାକୁମା'ଙ୍କ ସଦୟ ଉପସ୍ଥିତିରେ ଯଥାବିଧି ବୈଦିକ ରୀତି ଓ ମନ୍ତ୍ରରେ ପୂଜାପାଠାଦି କରାଯାଇ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ''ସୁକାନ୍ତିଦେବୀ ଆଧ୍ୟାତ୍ମିକ ପାଠାଗାର'' ଏବଂ ''ବାପୁଜୀ ଯୁବକ ସଂଘ ପାଠାଗାର'' ଦ୍ୱୟର ଶୁଭ ଉନ୍ମୋଚନ ଯଥାକ୍ରମେ ଶ୍ରୀଶ୍ରୀ ଠାକୁର ଏବଂ ସୁଶ୍ରୀ ଠାକୁମା ସମବେତ ଆଶ୍ରମ ଆବାସିକ ମାନଙ୍କ ଗହଣରେ ଉଦ୍‌ଯାପନ କରିଅଛନ୍ତି । ଏଠାରେ ସ୍ମରଣ କରାଯାଇ ପାରେ ଯେ, 'ଚରମ' ୪ର୍ଥପୁଷ୍ପ : ପ୍ରଥମ ପାଖୁଡ଼ା : ଚତୁର୍ଦ୍ଦଶ (୧୪ଶ) ସଂଖ୍ୟା : ନଭେମ୍ବର ୨୫, ୧୯୯୬ ରାସ ପୂର୍ଣ୍ଣିମାରେ ପ୍ରକାଶିତ ପତ୍ରିକାର ପୃଷ୍ଠା ୨୧ରେ ପ୍ରକାଶିତ ନିବେଦନ ବିଜ୍ଞପ୍ତି ସାକାର ହୋଇ ପାରିଛି ।

ତା୧୫।୪।୯୭ରିଖ (ମଙ୍ଗଳବାର): କେନ୍ଦୁଝର ଜିଲ୍ଲାର ପଦ୍ମପୁର ଶାଖା ଅନ୍ତର୍ଗତ ତେଲକୋଇ ଗ୍ରାମର ଗୁରୁଭଉଣୀ ସବିତା ମହାକୁଡ଼ଙ୍କର ଦେହାନ୍ତ ।

ତା୧୬।୪।୯୭ରିଖ (ବୁଧବାର) : ଉଦୟପୁର ପ୍ରସ୍ତାବିତ ଶାଖାର ବାର୍ଷିକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସଂଘ ତରଫରୁ

ଅନୁଷ୍ଠିତ ହୋଇଅଛି । ଜଗତପୁରସ୍ଥ କେଶବଭବନର ମୁଖ୍ୟତତ୍ତ୍ୱାବଧାରକ ଗୁରୁଭାଇ ଶ୍ରଦ୍ଧେୟ ରାଉତ ଗୋବିନ୍ଦଚନ୍ଦ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ପବିତ୍ର ଶ୍ରୀରାମ ନବମୀ ତିଥିରେ ''କେଶବ ଭବନ''ର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଯଥାବିଧି ହୋମଯଜ୍ଞ ସହିତ ପାଳିତ ହୋଇଅଛି ।

ତା୧୮।୪।୯୭ରିଖ (ଶୁକ୍ରବାର) : ଆଗାମୀ ଅଷ୍ଟମ ପ୍ରହର ନାମଯଜ୍ଞ ପାଇଁ ପରିଷଦ୍ ତରଫରୁ ନାମଯଜ୍ଞ ସେବାୟତ୍ କର୍ମୀମାନଙ୍କର ବୈଠକ ଓ ଆଲୋଚନାଚକ୍ର ଠାକୁରଙ୍କର ସଦୟ ଉପସ୍ଥିତିରେ ଅନୁଷ୍ଠିତ ହୋଇଅଛି ।

ତା୧୯।୪।୯୭ରିଖ (ଶନିବାର) : ପାଲ୍ଦା ପ୍ରସ୍ତାବିତ ଶାଖାର ପ୍ରତିନିଧି ଶ୍ରୀ ବିଦ୍ୟାଧର ସାମଲଙ୍କ କନିଷ୍ଠପୁତ୍ର ଗୁରୁଭାଇ ପ୍ରଭାକର ସାମଲଙ୍କର ଦେହାନ୍ତ ।

ତା୨୨।୪।୯୭ରିଖ (ମଙ୍ଗଳବାର): ପବିତ୍ର ଚୈତ୍ରପୂର୍ଣ୍ଣିମା : ପୂର୍ବାହ୍ନରେ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଠାକୁର ଯଦୁନାଥଙ୍କର ପବିତ୍ର ଶ୍ରଦ୍ଧାବନତ ସ୍ମୃତିରେ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଯଥାବିଧି ନିରାଡ଼ମ୍ବର ଭାବରେ ପାଳନ । (୨) ସ୍ୱର୍ଣ୍ଣକ୍ଷେତ୍ରରେ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠାନ ଓ ସଂକୀର୍ତ୍ତନାଦିର ଶୁଭାଧିବାସ ଅନୁଷ୍ଠିତ ହେବା ସହ ପ୍ରତିବର୍ଷ ଭଳି ରାଧାକୃଷ୍ଣଙ୍କର ବିମାନ ଆଡ଼ମ୍ବର ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ପ୍ରଥମେ ଉଳିଶାଖାକୁ ନିଆଯାଇ ପରେ ବଗାର ଗ୍ରାମର ପ୍ରତ୍ୟେକ ଗୃହାଙ୍ଗନକୁ ଯଥାବିଧି ନିଆଯାଇ ପୂଜାର୍ଚ୍ଚନା ସହିତ ପ୍ରସାଦ ଲାଗି ହେବା ଓ ଶେଷରେ ଏକ ମନୋଜ୍ଞ ଶୋଭାଯାତ୍ରାରେ ଯୁଗଳମୂର୍ତ୍ତିଙ୍କୁ ନାମ ମଣ୍ଡପକୁ ଅଣାଯାଇଥିଲା ।

ତା୨୩।୪।୯୭ରିଖ (ବୁଧବାର) : ପ୍ରତିବର୍ଷମାନଙ୍କ ପରି ଏ ବର୍ଷ ମଧ୍ୟ ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ କ୍ଷେତ୍ରପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଷ୍ଟମପ୍ରହର ନାମ ମହାମନ୍ତ୍ର ସଂକୀର୍ତ୍ତନ ମହାସାରୋହରେ ଶୃଙ୍ଖଳା ଓ ସଂଯମତାର ସହିତ ସର୍ବସାଫଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ପ୍ରାୟ ପ୍ରତ୍ୟେକ କୋଣ ଅନୁକୋଣରୁ ସହସ୍ର ସହସ୍ର ଅନୁଗତ ଭକ୍ତ ଭାଇଭଉଣୀ କ୍ଷେତ୍ରକୁ ବିଭିନ୍ନ ଯାନବାହନରେ ଆସି ଉତ୍ସବରେ ପ୍ରଫୁଲ୍ଲତାର ସହିତ ଯୋଗ ଦେଇ ଆନନ୍ଦ ଉପଭୋଗ ଓ ନାମରସ ଆସ୍ୱାଦନ କରି ପ୍ରୀତ ହେବାସହ ପ୍ରତ୍ୟେକଙ୍କୁ ଆନନ୍ଦବଜାରରେ ଅନ୍ନପ୍ରସାଦ ବିତରଣ ।

ତା୨୪।୪।୯୭ରିଖ (ଗୁରୁବାର) : ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ ଯଜ୍ଞାନୁଷ୍ଠାନାନ୍ତେ ପୂର୍ବାହ୍ନରେ ମନୋଜ୍ଞ ଶୋଭାଯାତ୍ରାରେ ମହାଆଡ଼ମ୍ବରରେ ନଗର ସଂକୀର୍ତ୍ତନ ଏବଂ ତଦନ୍ତେ ଆନନ୍ଦ ଉଲ୍ଲାସର ସହିତ ମହୋତ୍ସବ ପାଳନ ।

ତା୨୫।୪।୯୭ରିଖ (ଶୁକ୍ରବାର) : ପଦ୍ମପୁରଶାଖାର ଗୁରୁଭଉଣୀ ଢ ସବିତା ମହାକୁଡ଼ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ତିଳତର୍ପଣ କରାଯାଇଛି ।

ତା୧୯।୪।୯୭ରିଖ (ମଙ୍ଗଳବାର): ପାଲ୍ଦାର ଗୁରୁଭାଇ ଢ ପ୍ରଭାକର ସାମଲଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ତିଳତର୍ପଣ କରାଯାଇ ସଂଘ ତରଫରୁ ସତ୍‌ସଙ୍ଗ କାର୍ଯ୍ୟକ୍ରମ ପାଲ୍ଦା ଶାଖାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

(୨) ଜଳେଶ୍ୱରପୁର ଗୁରୁଭାଇ ଶ୍ରୀ ଜୟକୃଷ୍ଣ ମହାନ୍ତିଙ୍କ ବାସଭବନରେ ବାର୍ଷିକ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଛି ।

ତା୨।୫।୯୭ରିଖ (ଶୁକ୍ରବାର) : ଭେଡ଼ାରାମକୃଷ୍ଣପୁରର ଗୁରୁଭାଇ ଶ୍ରୀ ତ୍ରିଲୋଚନ ସ୍ୱାଇଁଙ୍କ ବାସଭବନରେ ବାର୍ଷିକ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଛି ।

ତା୩।୫।୯୭ରିଖ (ଶନିବାର) : ଇନ୍ଦାର ଗୁରୁଭାଇ ଶ୍ରୀ ତାରିଣୀ ପ୍ରସାଦ ପୁହାଣଙ୍କ ବାସଭବନରେ ବାର୍ଷିକ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଛି ।

ତା୪।୫।୯୭ରିଖ (ରବିବାର) : ଅଣକା ଠାରେ ସଂଘ ତରଫରୁ ଆଞ୍ଚଳିକ ସତ୍‌ସଙ୍ଗ ଅଧିବେଶନ ଯଥାବିଧି ପାଳିତ ହୋଇଅଛି ।

ତା୬।୫।୯୭ରିଖ (ମଙ୍ଗଳବାର) : ସଂଘ ତରଫରୁ ବ୍ରାହ୍ମଣୀ ଠାରେ ଆଞ୍ଚଳିକ ସତ୍‌ସଙ୍ଗ ଅଧିବେଶନ ଯଥାରୀତି ଉଦ୍‌ଯାପନ ଓ (୨) ବଟିରା ଗୁରୁଭାଇ ଶ୍ରଦ୍ଧେୟ ଶ୍ରୀ ଅମ୍ଳାନଚନ୍ଦ୍ର ଦାଶଙ୍କର ବାସଗୃହରେ ବାର୍ଷିକ ମହାମନ୍ତ୍ର ନାମଯଜ୍ଞ ।

ତା୭।୫।୯୭ରିଖ (ବୁଧବାର) : ଭଲିଶାଖାରକେତନୀ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳନ କରାଯାଇଅଛି ।

ତା୮।୫।୯୭ରିଖ (ଗୁରୁବାର) : ଅପରାହ୍ନ ଘ୩ଟିକା ସମୟେ ଠାକୁରେ କେନ୍ଦୁଝର ସହରରେ ଅନୁଷ୍ଠିତ ହେବାକୁଥିବା ପରିଷଦ୍‌ର ବାର୍ଷିକ ଉତ୍ସବରେ ଯୋଗଦାନ ନିମନ୍ତେ ଆଶ୍ରମରୁ କେନ୍ଦୁଝର ଯାତ୍ରା ।

ତା୯।୫।୯୭ରିଖ (ଶୁକ୍ରବାର) : ବୈଶାଖ ଶୁକ୍ଳପକ୍ଷ, ତୃତୀୟାତିଥି, ପବିତ୍ର ଅକ୍ଷୟ ତୃତୀୟା : ଚନ୍ଦନଯାତ୍ରାରମ୍ଭ, ପର୍ଶୁରାମ ଜୟନ୍ତୀ । ସୃଷ୍ଟି ତଥା ସତ୍ୟଯୁଗର ଆରମ୍ଭ ଦିବସ । ଏହି ପବିତ୍ର ତିଥିରେ କେନ୍ଦୁଝର ଟାଉନ୍‌ହଲ୍‌ରେ ପରିଷଦ୍‌ର ବାର୍ଷିକୋତ୍ସବ ପାଳନ ଓ ଶ୍ରୀ ଠାକୁରଙ୍କ ପୂର୍ବାହ୍ନ ଘ୧୧ଟିକା ସମୟରେ କେନ୍ଦୁଂଝରରୁ କଟକକୁ ଯାତ୍ରା ।

(୨) କୁଳିଆ, ବରାହୀପୁର, ମୟୁରଭଂଜର ଶୁକୁଳି ଶାଖାମାନଙ୍କରେ କେତନୀ ବାର୍ଷିକ ଉତ୍ସବ ଶାଖାଗୃହ ପରିସର ମଧ୍ୟରେ ନିରାଡ଼ମ୍ବର ପରିବେଶରେ ବିଧିପୂର୍ବକ ପାଳନ ।

(୩) ଆମ୍ଭମାନଙ୍କର ଧର୍ମଧ୍ୱଜା ସନାତନୀ କେତନର ଜନ୍ମୋତ୍ସବ ଏବଂ ଆଧ୍ୟାତ୍ମିକ ଜୀବନର ଜନ୍ମଦାତା ଅଚ୍ୟୁତ ଗୁପ୍ତବ୍ରହ୍ମସଂଘର ପ୍ରତିଷ୍ଠାଦିବସ, କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ତଥା ପ୍ରତ୍ୟେକ ଶାଖା, ପ୍ରସ୍ତାବିତଶାଖା, ଅଣଆନୁଷ୍ଠାନିକ ଶାଖା ତଥାଶାଖାନ୍ତର୍ଭୁକ୍ତ ହୋଇନଥିବା ଅଗଣିତ ଗୁରୁଭାଇ ଭଉଣୀଙ୍କ ପରିବାରରେ ସଂଘୀୟ ବିଧିବିଧାନ ସହିତ ବୈଦିକ ମନ୍ତ୍ରଧ୍ୱନି, ଘୃତାହୁତି, ପୂଜାର୍ଚ୍ଚନା, ଉପାସନା, ପ୍ରସାଦନୈବେଦ୍ୟାଦି ସହିତ ଶୁଦ୍ଧଭକ୍ତିପୂତ ପରିବେଶରେ ସମବେତ ଗୁରୁଭାଇଭଉଣୀ ତଥା ଆଧ୍ୟାତ୍ମପ୍ରେମୀ ଅଗଣିତ ଅନୁଗତଙ୍କର ଶ୍ରଦ୍ଧାବନତ ଉପସ୍ଥିତିରେ ମହାସମାରୋହରେ ଦିବସବ୍ୟାପୀ (ପ୍ରାତଃ ଘ୪ଟିରୁ ରାତ୍ର ଘ୧୨ଟିକା ପର୍ଯ୍ୟନ୍ତ) ପାଳିତ ହୋଇ ଶ୍ରୀଶ୍ରୀଠାକୁରଙ୍କର ବିଗ୍ରହ, ଶ୍ରୀପାଦୁକା, ସନାତନୀ କେତନର ପୂଜାର୍ଚ୍ଚନା ସହିତ ଦିବସବ୍ୟାପୀ ମହାମନ୍ତ୍ର ସଂକୀର୍ତ୍ତନ, ଭଜନ ଜଣାଣ କାର୍ଯ୍ୟକ୍ରମ, 'ଚରମ'ର ୧ମ ସଂଖ୍ୟାରୁ ୧୬ମ ସଂଖ୍ୟା ପର୍ଯ୍ୟନ୍ତ ସମସ୍ତ ''କଲ୍ୟାଣ ଦେଲି ତୋତେ'' ପଠନ ଓ ଶ୍ରବଣ, ପ୍ରବଚନ, ଠାକୁରଙ୍କ ଦିବ୍ୟଲୀଳା ପ୍ରସଙ୍ଗ ବର୍ଣ୍ଣନ ଏବଂ ଆନନ୍ଦବଜାରରେ ମଧ୍ୟାହ୍ନ ଓ ରାତ୍ରରେ ପ୍ରସାଦସେବନ, ବାଳକଭୋଜନ ଇତ୍ୟାଦି ମନୋଜ୍ଞ କାର୍ଯ୍ୟକ୍ରମ ମଧ୍ୟରେ ପାଳନ ।

ତା୧୧।୫।୯୭ରିଖ (ରବିବାର) : ପାଲ୍‌ଦାଠାରେ ସଂଘ ତରଫରୁ କେତନୀ ସତ୍‌ସଙ୍ଗ ଅଧିବେଶନ (୨) ଢକେଶ୍ୱରପୁର ପ୍ରସ୍ତାବିତ ଶାଖାର ଗୁରୁଭାଇ ଶ୍ରୀ ପଞ୍ଚାନନ ଯେନାଙ୍କ ବାସଗୃହରେ ବାର୍ଷିକ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଅଛି ।

ତା୧୮।୫।୯୭ରିଖ (ରବିବାର) : ମାହାଳ ଅଣ ଆନୁଷ୍ଠାନିକ ଶାଖାର ବାର୍ଷିକ ଉତ୍ସବ ଓ ସତ୍‌ସଙ୍ଗ ଅଧିବେଶନ ସଂଘ ତରଫରୁ ଅନୁଷ୍ଠିତ ହୋଇଅଛି । (୨) ବଟିରା ଶାଖା ଅନ୍ତର୍ଭୁକ୍ତ ମଧୁସୂଦନପୁରର ଗୁରୁଭଉଣୀ ଟିକମ୍ ବିଶ୍ୱାଳଙ୍କର ଦେହାନ୍ତ ହୋଇଯାଇଅଛି ।

ତା୧୯।୫।୯୭ରିଖ (ସୋମବାର): ରୋଧପୁର ଗୁରୁଭାଇ ଶ୍ରୀ ଚନ୍ଦ୍ରମଣି ସାମଲଙ୍କ ବାସଗୃହ ପରିସରରେ ବାର୍ଷିକ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଅଛି ।

ତା୨୧।୫।୯୭ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସଂଧ୍ୟା ଅବକାଶରେ ମାଳିକା ପ୍ରବାଦୀୟ ପଞ୍ଚସଖାସ୍ମୃତି ଯଜ୍ଞର ଶୁଭାଧିବାସ ଠାକୁରଙ୍କର ନିର୍ଦ୍ଦେଶାନୁସାରେ ଶ୍ରଦ୍ଧେୟ ଗୁରୁଭାଇ ଶ୍ରୀ ହରିହରନନ୍ଦଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ଷେତ୍ର ପରିଚାଳନା କମିଟିର ସହଯୋଗକ୍ରମେ ଅନୁଷ୍ଠିତ ହୋଇଛି । ଏଥିପାଇଁଏକ ମନୋରମ ଶୋଭାଯାତ୍ରାରେ ୩୨ଟି କଳସରେ ଜରିଆ ନଦୀରୁ ଜଳ ଅଣାଯାଇ ଯଜ୍ଞ ମଣ୍ଡପରେ ସୁସଜ୍ଜିତ ରଖି ଆଚାର୍ଯ୍ୟମଣ୍ଡଳିଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ।

ତା୨୨।୫।୯୭ରିଖ (ଗୁରୁବାର) : ପବିତ୍ର ବୁଦ୍ଧପୂର୍ଣ୍ଣିମା (ଚନ୍ଦନ ପୂର୍ଣ୍ଣିମା) ତିଥିରେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସୁସଜ୍ଜିତ ଯଜ୍ଞମଣ୍ଡପରେ ଶ୍ରୀଶ୍ରୀ ଠାକୁରଙ୍କର ନିର୍ଦ୍ଦେଶମତେ ପଞ୍ଚସଖା ସ୍ମୃତି ଯଜ୍ଞ ଓ ଅବଧୂତ ସନ୍ୟାସୀ ଦର୍ଶନଯୋଗୀ ସିଦ୍ଧପୁରୁଷ ଅଚ୍ୟୁତାନନ୍ଦ (ଙ୍କର) ଦାସ (ସେଁ ଏକାନନା) ଘୃତାହୁତି ପ୍ରଦାନ କରି ଉପସ୍ଥିତ ସକଳ ଦିବ୍ୟାତ୍ମା ଭାଇଭଉଣୀଙ୍କୁ ଅପାର ଆନନ୍ଦ ପ୍ରଦାନ କରିଥିଲେ । ଭକ୍ତବତ୍ସଳ ପ୍ରେମପୁରୁଷ ଠାକୁରେ ମଧ୍ୟାହ୍ନ ଘ ୧୨-୧୭ ମି. ସମୟରେ ଅଗଣିତ ଭକ୍ତଶିଷ୍ୟ ଅନୁଗତ ଭାଇଭଉଣୀଙ୍କ ଗହଣରେ ପଦବ୍ରଜରେ ଆସି ଯଜ୍ଞସ୍ଥଳରେ ବିଜେ ଏବଂ ଶଙ୍ଖ ହୁଳହୁଳି, ହରିବୋଲ ଧ୍ୱନି ମଧ୍ୟରେ ଯଜ୍ଞମଣ୍ଡପର ଅନତିଦୂରରେ ସ୍ୱଆସ୍ଥାନ ମଣ୍ଡନ କରି ଯଜ୍ଞ ମଣ୍ଡପ ପ୍ରତି ଦୃଷ୍ଟିଦେଇ ଏହାକୁ ସର୍ବସଫଳ କରିଥିଲେ । ମଧ୍ୟାହ୍ନରେ ଏବଂ ରାତ୍ରରେ ଆନନ୍ଦବଜାରରେ ସମାଗତ ଭାଇଭଉଣୀମାନଙ୍କୁ ଅନ୍ନପ୍ରସାଦ ବିତରଣ, ଯଜ୍ଞର ପୂର୍ଣ୍ଣାହୁତି ପରେ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଧି ପାଳନାନ୍ତେ ପବିତ୍ର ସଂଧ୍ୟା ଅବକାଶରେ ଶ୍ରୀଗୁରୁସ୍ୱାମୀଙ୍କ ଇଚ୍ଛାନୁସାରେ ଚାନ୍ଦୋଳ, ସଠିଲୋ, କଟିକଟା ଶାଖାର ଗୁରୁଭାଇ ଭଉଣୀମାନଙ୍କ ଦ୍ୱାରା ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ମହାନିତ୍ୟ ଗୁଜ୍ଜରୀ ଗାନ କରାଯାଇଥିଲା ।

ହରିଲୁଟ୍‌ରେ ମାତିଲୁ ବାବୁ !
ସଂସାରେ ହୋଇ ବଣା ।
ଆଖିରେ ତୋର ଜ୍ୟୋତିଟି ନାହିଁ
ସାଜି ଅନ୍ଧାରକଣା ॥

ଚଇତନେ ଗୁରୁ ନଚିନ୍ତ ଦିନେ,
ମୁକ୍ତିମୋକ୍ଷ ଆଶା ଆଣୁଛୁ ମନେ ।
ଗୁରୁଙ୍କ ସନ୍ତୋଷ ବିଧାନ ନୀତି,
ପାଶୋରି କାଟୁଛ ପୂନେଇ ରାତି ॥

# ଚରମ ପାଠକ / ପାଠିକାମାନଙ୍କୁ ସୂଚନା

ଏ ଯାବତ୍ ପ୍ରକାଶ ପାଇଥିବା ଚରମ ୧ମ ସଂଖ୍ୟାରୁ ୪୨ତମ ସଂଖ୍ୟା ପର୍ଯ୍ୟନ୍ତ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ । **'ଚରମ ପ୍ରକାଶନ ସଂସ୍ଥା'** ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକା, ଭଜନ କ୍ୟାସେଟ୍ ଓ ସିଡ଼ିର ବିବରଣୀ ଅବଗତ ନିମନ୍ତେ ଦିଆଗଲା :-

୧. ଚିନ୍ତନ - ୩

୨. ସ୍ୱର୍ଣ୍ଣକ୍ଷେତ୍ର ଭଜନମାଳା (ଦ୍ୱିତୀୟ ସଂସ୍କରଣ)

୩. ନିତ୍ୟଧାରା (ସନ୍ଦେଶ ପତ୍ରରେ ଥିବା ଉପଦେଶ ତ୍ରୟର ବ୍ୟାଖ୍ୟା)

୪. ଏ ଦେହଥିଲେ ସର୍ବପାଇ (ସାଷ୍ଟାଗ ପ୍ରଣାମର ଫଳଶ୍ରୁତି)

୫. କଲ୍ୟାଣ ଦେଲି ତୋତେ (ବନ୍ଧାଇ) - ଓଡ଼ିଆ ଓ ହିନ୍ଦୀ

୬. ଭଜନ କ୍ୟାସେଟ୍ :-

- ଜରିଆ କୁଳିଆ ଭାଗ ୧ମରୁ ୬ଷ୍ଠ
- ଶ୍ରୀ କେଶବ ଅମୃତବାଣୀ
- ନିତ୍ୟଧାରା (ସତ୍‌ସଂଗ ଧର୍ମଧାରା ଉପରେ ଆଧାରିତ)
- ଚାରିଯୁଗ ନାମ ସଂକୀର୍ତ୍ତନ

୭. ଜରିଆ କୁଳିଆ MP3 - Vol. 1 & 2

ଶ୍ରୀ କେଶବ ଅମୃତବାଣୀ - VCD

ଚାରିଯୁଗ ନାମ ସଂକୀର୍ତ୍ତନ - VCD



ଆମର ଲକ୍ଷ୍ୟ : ଚରମପ୍ରାପ୍ତି